Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 12
Monday, 16 March 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୧୬ ମାର୍ଚ୍ଚ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

# ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



# ୫ ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ବାଜିଲା ବିଗୁଲ



ନୂଆଦିଲ୍ଲୀ, ୧୫/୩(ନ୍ୟୁ.ଏ): ପଶ୍ଚିମବଙ୍ଗ, ଆସାମ, କେରଳ ଓ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ରବିବାର ତାରିଖ ଘୋଷଣା କରିଛନ୍ତି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର । ଏହି ୪ ରାଜ୍ୟ ସହିତ କେନ୍ଦ୍ର ଶାସିତ ଅଂଚଳ ପୁଡୁଚେରୀର ବିଧାନସଭା ନିର୍ବାଚନ ପାଇଁ ମଧ ଘୋଷଣା ହୋଇଛି ତାରିଖ । ଆସାମ ଓ କେରଳରେ ଏପ୍ରିଲ ୯ ତାରିଖରେ ଭୋଟ୍ ଗ୍ରହଣ କରାଯିବ । ଏହି ଦୁଇ ରାଜ୍ୟରେ ଏହି ଗୋଟିଏ ପର୍ଯ୍ୟାୟରେ ହେବ ନିର୍ବାଚନ । ଏପ୍ରିଲ ୨୩ ତାରିଖରେ ତାମିଲନାଡୁରେ ଭୋଟ୍ ହେବ । ତାମିଲନାଡୁରେ ବି ଗୋଟିଏ ପର୍ଯ୍ୟାୟରେ ହେବ ମତଦାନ । ତେବେ ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ହେବ ନିର୍ବାଚନ । ଏଠାରେ ଏପ୍ରିଲ ୨୩ ଓ ୨୯ ତାରିଖରେ ଭୋଟ୍ ଗ୍ରହଣ ହେବ । ଏପ୍ରିଲ ୯ ତାରିଖରେ ହେବ ପୁଡୁଚେରୀ ବିଧାନସଭା ନିର୍ବାଚନ । ଏଠାରେ ମଧ୍ୟ ଗୋଟିଏ ପର୍ଯ୍ୟାୟରେ ହେବ ଭୋଟ୍ ଗ୍ରହଣ । ମେ' ୪ ତାରିଖରେ ଭୋଟ୍ ଗଣତି ହେବ । ନିର୍ବାଚନ ତାରିଖ ଘୋଷଣା ସହିତ ଏହି ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଇଛି । ଏହି ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ହେବାକୁ ଥିବା ନିର୍ବାଚନରେ ୧୭.୪ କୋଟି ଭୋଟର ଭାଗ ନେବେ । ମୋଟ୍ ୮୨୪ ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ୍ ଗ୍ରହଣ କରାଯିବ । ସେଥିପାଇଁ ୨.୧୯ ଲକ୍ଷ ମତଦାନ କେନ୍ଦ୍ର କରାଯିବ । ଏହି ନିର୍ବାଚନ ପାଇଁ ମୋଟ ୨୫ ଲକ୍ଷ କର୍ମଚାରୀ ଓ ଅଧିକାରୀଙ୍କୁ ନିୟୋଜିତ କରାଯିବ । ୧୭.୪ କୋଟି ଭୋଟରଙ୍କ ମଧ୍ୟରୁ ଆସାମରେ ଭୋଟ୍ ଦେବେ ୨.୫୦ କୋଟି ଭୋଟର । କେରଳରେ ୨.୭୦ କୋଟି ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବାକୁ ଯାଉଥିବା ବେଳେ ତାମିଲନାଡୁରେ ୫.୬୭ ଓ ପଶ୍ଚିମବଙ୍ଗରେ ୬.୪୪ କୋଟି ଭୋଟର ଭୋଟ୍ ଦେବେ । ସେହିପରି ପୁଡୁଚେରୀରେ ୯.୪୪ ଲକ୍ଷ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ । ପଶ୍ଚିମବଙ୍ଗ ବିଧାନସଭାରେ ୨୯୪ଟି ଆସନ ଅଛି । ଗତ ଥର ଏଠାରେ ମମତା ବାନାର୍ଜୀଙ୍କ ଦଳ ଟିଏମ୍‌ସି ବାଜି ମାରିଥିଲା । ଦଳ ଏକାକୀ ୨୨୩ଟି ଆସନ ଜିତି ଲଗାତାର ତୃତୀୟ ଥର ପାଇଁ ସରକାର ଗଢ଼ିଥିଲା । ଜଣେ ସ୍ୱାଧୀନ ଓ ବିଜିପିଏମ୍‌ର ଜଣେ ବିଧାୟକ ମଧ ତୃଣମୂଳ କଂଗ୍ରେସର ସରକାରରେ ମିଶିଥିଲେ । ଅନ୍ୟପକ୍ଷରେ ବିଜେପି ୬୪ଟି ଆସନ ଜିତିଥିଲା । ତାମିଲନାଡୁ ବିଧାନସଭାରେ ୨୩୪ଟି ଆସନ ରହିଛି । ଗତ ନିର୍ବାଚନରେ ଏଠାରେ ଡିଏମ୍‌କେ ୧୩୩ଟି ଆସନ ଜିତି କଂଗ୍ରେସ ଓ ଅନ୍ୟ କିଛି ଦଳ ସହ ମିଶି ସରକାର ଗଠନ କରିଥିଲା । ଅନ୍ୟପକ୍ଷରେ ଏଆଇଏଡିଏମ୍‌କେ ୬୦, ବିଜେପି ୪ ଓ ପିଏମ୍‌କେ ୩ଟି ଆସନ ଜିତିଥିଲେ । କେରଳ ବିଧାନସଭାରେ ୧୪୦ଟି ଆସନ ଥିବା ବେଳେ ଗତ ନିର୍ବାଚନରେ ସିପିଆଇ(ଏମ୍) ନେତୃତ୍ୱାଧୀନ ଏଲ୍‌ଡିଏଫ ୯୫ଟି ଆସନ ଜିତିଥିବା ବେଳେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ୪୧ଟି ଆସନ ପାଇଥିଲା । ଆସାମ ବିଧାନସଭାରେ ୧୨୬ଟି ଆସନ ଥିବା ବେଳେ ଗତ ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୮୬ଟି ଆସନରେ ବିଜୟୀ ହୋଇଥିଲା । ବିଜେପି ଏକାକୀ ୬୭ଟି ଆସନ ଜିତିଥିଲା । ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ASOM ୨୫ଟି ଆସନ ଜିତିଥିଲା । କଂଗ୍ରେସ ଏକାକୀ ୨୨ଟି ଆସନ ଜିତିଥିଲା । କେନ୍ଦ୍ର ଶାସିତ ଅଂଚଳ ପୁଡୁଚେରୀ ବିଧାନସଭାରେ ୩୩ଟି ଆସନ ଅଛି । ଗତ ନିର୍ବାଚନରେ ଏନ୍‌ଡିଏ ମେଂଟ ୨୩ ଆସନ ଜିତି ସରକାର ଗଠନ କରିଥିଲା । ତା' ମଧ୍ୟରେ ଅଲ୍ ଇଣ୍ଡିଆ ଏନ୍.ଆର କଂଗ୍ରେସ (AINRC)ର ୧୦ଟି ଆସନ ଥିବା ବେଳେ ବିଜେପିର ୬ ଓ ୪ ସ୍ୱାଧୀନ ପ୍ରାର୍ଥୀ ଥିଲେ । ଅନ୍ୟପକ୍ଷରେ ଡିଏମ୍‌କେକୁ ୬ଟି କଂଗ୍ରେସକୁ ୨ଟି ଆସନ ମିଳିଥିଲା ।

# ସଂତୃପ୍ତ ମିଶ୍ରଙ୍କ ସତ୍ୟପାଠକୁ ନେଇ ଉଠିଲା ପ୍ରଶ୍ନ



ଭୁବନେଶ୍ୱର, ୧୫/୩ (ଆ.ପ୍ର) : ଅଡୁଆରେ ବିଜେଡିର ରାଜ୍ୟସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର । ବିଜୁ-ନବୀନ ଇନସ୍ପିରେସନାଲ୍ ଫାଉଣ୍ଡେସନ୍ ସଂପାଦକ ଥାଇ ସତ୍ୟପାଠରେ ତଥ୍ୟ ଲୁଚାଇଥିବା କହି ତାଙ୍କୁ ଘେରିଛି ବିଜେପି । ଏଣେ ଟ୍ରଷ୍ଟ ଗଠନ କଥାକୁ ମିଛ ବୋଲି ଦର୍ଶାଇ ବିଜେଡି ଚିହିଁକି ଉଠିଥିବାବେଳେ ଶ୍ରୀମୟୀ କରିଛନ୍ତି ତେରଛା ନିଶାନା । ତେବେ ୧୦ ମାସ ତଳେ ଗଠିତ ହୋଇଥିବା ଉକ୍ତ ଟ୍ରଷ୍ଟ ସମ୍ପର୍କରେ ଭାରତ ସରକାରଙ୍କ ୱେବସାଇଟ୍ ରେ କିନ୍ତୁ ରହିଛି ବିସ୍ତୃତ ତଥ୍ୟ । ରାତି ପାହିଲେ ରାଜ୍ୟସଭା ଭୋଟ୍ । ହେଲେ ଅଡୁଆରେ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର । କାରଣ ସେ କୁଆଡ଼େ ସତ୍ୟପାଠରେ ଲୁଚାଇଛନ୍ତି ସାଂଘାତିକ ତଥ୍ୟ । ଏଭଳି ଅଭିଯୋଗ ଆଣି ଘେରିଛି ବିଜେପି । ବିଜେପି ମୁଖପାତ୍ର ଅନୀଲ ବିଶ୍ୱାଳ ଅଭିଯୋଗ କରିଛନ୍ତି । ଫବିଜୁ-ନବୀନ ଇନସ୍ପିରେସନାଲ୍ ଫାଉଣ୍ଡେସନ୍' ନାଁରେ ଏକ ଟ୍ରଷ୍ଟର ସେକ୍ରେଟାରୀ ଅଛନ୍ତି ସଂତୃପ୍ତ । ସତ୍ୟପାଠରେ ସେ ନେଇ ବିନ୍ଦୁ ବିସର୍ଗ ବି ଦର୍ଶାଇ ନାହାନ୍ତି । ତେଣୁ ଏହା ସତ୍ୟ ହୋଇଥିଲେ- ପିପୁଲସ୍ ରିପ୍ରେଜେଂଟସନ ଆକ୍ଟ-୧୯୫୧ ଅନୁସାରେ ଯାକୁ ଅପରାଧିକ କାର୍ଯ୍ୟ ଭାବେ ଗଣା ଯିବ । ତେଣୁ ଏଠି ପ୍ରଶ୍ନ- କଣ ସେ ବିଜୁ-ନବୀନ ଇନସ୍ପିରେସନାଲ୍ ଫାଉଣ୍ଡେସନ୍ ? କାହିଁକି ଗଢ଼ା ଯାଇଛି ଏଭଳି ଟ୍ରଷ୍ଟ ? ଖୋଳତାଡ଼ ଭିତରେ ବିଜେପି ନେତା ଅନୀଲ ବିଶ୍ୱାଳ ଦର୍ଶାଇଛନ୍ତି- ପାର୍ଟି ଟଙ୍କାକୁ ମନି ଲଣ୍ଡ୍ରିଂ କରିବା ପାଇଁ ଏଭଳି ଏକ ଟ୍ରଷ୍ଟ ଗଠନ କରାଯାଇଥିବା ନେଇ ଖୋଦ୍ ବିଜେଡି ନେତା ବି ଅଭିଯୋଗ ଆଣିଛନ୍ତି । ତେବେ ଏଭଳି ଟ୍ରଷ୍ଟ ଅଭିଯୋଗକୁ ସମ୍ପୂର୍ଣ୍ଣ ମିଛ ବୋଲି ଦର୍ଶାଇ ପ୍ରମାଣ ମାଗିଛନ୍ତି ବିଧାୟକ ଗୌତମବୁଦ୍ଧ ଦାସ । ତେଣେ ତେରଛା ନିଶାନା କରି ପୂର୍ବତନ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର କହିଛନ୍ତି- ଉକ୍ତ ଟ୍ରଷ୍ଟ ସମ୍ପର୍କରେ ଭାରତ ସରକାରଙ୍କ ୱେବସାଇଟ୍ ରେ ତଥ୍ୟ ଉପଲବଧ ଅଛି । ସମସ୍ତଙ୍କ ଅଗୋଚରରେ ଏଭଳି ଟ୍ରଷ୍ଟ ଗଢ଼ିବା ପଛରେ ବଡ଼ ଧରଣର ଆର୍ଥିକ ହେରଫେର ପ୍ଲାନ ଅଛି କି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀମୟୀ । ହେଲେ ଏ ନେଇ ବିଜେଡିର ପ୍ରତିକ୍ରିୟା ମିଳିନି । ଏବେ ଆସନ୍ତୁ ଜାଣିବା କଣ ସେ ବିଜୁ-ନବୀନ ଇନସ୍ପିରେସନାଲ୍ ଫାଉଣ୍ଡେସନ୍ ? ଏ ହେଉଛି ନୀତି ଆୟୋଗ ପକ୍ଷରୁ ନନ୍ ପ୍ରଫିଟ୍ ଅର୍ଗାନାଇଜେସନ୍- NPO ମାନଙ୍କ ପଂଜୀକରଣ ତାଲିକା । ଯେଉଁଥିରେ ପ୍ରାୟ ୧୦ ମାସ ତଳେ ଅର୍ଥାତ୍ ୨୦୨୫ ମେ ୯ ତାରିଖରେ ଦିଲ୍ଲୀ ସବ୍-ରେଜିଷ୍ଟ୍ରାରଙ୍କ ପାଖରେ ଏଭଳି ଏକ ଟ୍ରଷ୍ଟ ଗଠନ ହୋଇଛି । ଯାହାର ସଭାପତି ଭି.କେ. ପାଣ୍ଡିଆନ୍ ଓ ସଂପାଦକ ନବୀନଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର ଅଛନ୍ତି । ଟ୍ରଷ୍ଟି ରହିଛନ୍ତି ପୂର୍ବତନ ଆଡଭୋକେଟ୍ ଜେନେରାଲ୍ ଅଶୋକ ପରିଜା । ଏ ଫାଉଣ୍ଡେସନ୍ ଶିକ୍ଷା, ସାହିତ୍ୟ, ଦାରିଦ୍ର୍ୟ ଦୂରୀକରଣ ଭଳି ଅନେକ କ୍ଷେତ୍ରରେ ବିକାଶ ଉପରେ କାମ କରିବାକୁ ଦର୍ଶାଇଛି । ହେଲେ ଆଶ୍ଚର୍ଯ୍ୟଜନକ କଥା ହେଲା-ଏହାର କାର୍ଯ୍ୟକ୍ଷେତ୍ରକୁ କେବଳ ଦିଲ୍ଲୀରେ ରଖାଯାଇଛି । ଯାହାର ଠିକଣା ରହିଛି-ନବୀନଙ୍କ ଦିଲ୍ଲୀ ସ୍ଥିତ ପୈତୃକ ବାସଭବନ ନାଁରେ ରହିଛି । ଆଉ ଉକ୍ତ ଆକାଉଂଟ ଜରିଆରେ ବିଜେଡିର ୪ ହଜାର କୋଟି ଟଙ୍କା ସିଫ୍ଟ କରାଯାଇଥିବା ନେଇ ଗତ ୨୮ ତାରିଖରେ ସଂଗୀନ ପ୍ରସଙ୍ଗ ଉଠାଇଥିଲେ ବିଜେଡିରୁ ବହିଷ୍କୃତ ନେତା ପ୍ରଭାତ ବିଶ୍ୱାଳ । ତେବେ ଏଠି ପ୍ରଶ୍ନ, ବିଜେଡିର ନେତା ଓ କର୍ମୀଙ୍କୁ ଏ ଟ୍ରଷ୍ଟ କଥା ଜଣାଯାଇଛି କି ?

# ଘୁର୍ଣ୍ଣିଝଡ଼ ଭାଙ୍ଗିଲା ୪୩ ବର୍ଷର ରେକର୍ଡ

ରାଇରଙ୍ଗପୁର/କରଞ୍ଜିଆ, ୧୫/୩ (ଆ.ପ୍ର) : କାଳବୈଶାଖୀର ତାଣ୍ଡବ ଆଜି ମୟୂରଭଞ୍ଜଜିଲ୍ଲା କରଞ୍ଜିଆ ଅଂଚଳରେ ଦେଖିବାକୁ ମିଳିଛି । କାଳବୈଶାଖୀର ଉଗ୍ରରୂପ ପ୍ରାୟ ୪୩ ବର୍ଷ ପୁରୁଣା ଦିନକୁ ମନେ ପକାଇ ଦେଇଛି । ଅର୍ଥାତ ୧୯୮୨ ମସିହାରେ ହୋଇଥିବା କାଳବୈଶାଖୀ ଯେଉଁଭଳି ଭାବେ ଏହି ଅଂଚଳରେ ଉଗ୍ରରୂପ ଦେଖାଯାଇଥିଲା, ଆଜି ସେହିଭଳି ପରିସ୍ଥିତି ଦେଖିବାକୁ ମିଳିଛି । ସେହି ସମୟରେ ନାବାଳକମାନେ ଆଜିର ଦିନରେ ବରିଷ୍ଠ ନାଗରିକ ହୋଇସାରିଥିବାରୁ, ପୁରୁଣା କଥାକୁ ଯୁବପିଢ଼ିଙ୍କୁ କହୁଛନ୍ତି । କଙ୍କଡ଼ା ଓ କିଆ ଗାଁରେ ଭୟଙ୍କର ଘୂର୍ଣ୍ଣିଝଡ଼ର ତାଣ୍ଡବ ଦେଖିବାକୁ ମିଳିଥିଲା । ଆଖପାଖ ଗାଁରେ ମଧ ଏହାର ପ୍ରଭାବ ପଡ଼ିଥିବା । ବାମନଘାଟି ଉପଖଣ୍ଡରେ ମଧ୍ୟ କାଳବୈଶାଖୀରେ ବହୁ ଛପର, ଗଛ ଓ ବିଦ୍ୟୁତ ଖୁଂଟ ଉପୁଡ଼ି ପଡ଼ିଛି । ଆଜି ଅପରାହ୍ଣ ପ୍ରାୟ ୪ଟା ୪୦ ମିନିଟ୍‌ରେ ହଠାତ୍ ବେଗବାନ ପବନରେ ୭୦ରୁ ଅଧିକ ଖପର ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟ ୧୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଜଣେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ଭୟଙ୍କର ପବନରେ ବଡ଼ବଡ଼ ଗଛ ଓ ବିଦ୍ୟୁତ ଖୁଂଟ ଉପୁଡ଼ି ପଡ଼ିଥିବା ସହ ରାସ୍ତାରେ ଯାଉଥିବା ଗୋଟିଏ ଅଟୋ ଓ ତିନି ବାଇକକୁ ମଧ ପବନରେ ଉଡ଼ାଇ ଫିଙ୍ଗି ଦେଇଛି । ରାସ୍ତାରେ ଯାଉଥିବା ଏକ ଅଟୋକୁ ପ୍ରାୟ ୫୦ ଫୁଟ ପବନରେ ଉଡ଼ାଇ ପୋଖରୀରେ ପକାଇବା ଯୋଗୁଁ ସେଥିରେ ଥିବା ଦୁଇଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ସେଥିରେ ଥିବା ଅନ୍ୟ ଯାତ୍ରୀଙ୍କ ସମେତ ତିନି ବାଇକ୍ ?ରେ ଥିବା ୫ ଯାତ୍ରୀଙ୍କୁ ଘୂର୍ଣ୍ଣି ଝଡ଼ ଉଡ଼ାଇ ନେଇ ପୋଖରୀରେ କଚାଡ଼ି ଦେଇଛି । କଙ୍କଡା ଓ କିଆ ଗ୍ରାମର ଘରର ଛପର, କାନ୍ଥ, ବିଶାଳ ଗଛ ଓ ବିଦ୍ୟୁତ ଖୁଂଟ ଉପୁଡ଼ିଛି । ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ, ଉପଖଣ୍ଡ ପ୍ରଶାସନ, ପୁଲିସ ପ୍ରଶାସନ, ତହସିଲ ଓ ଡାକ୍ତରୀ ଟିମ୍ ପହଁଚି ଘଟଣାର ଅନୁଧାନ କରିବା ସହିତ ଆହତଙ୍କୁ ଚିକିତ୍ସା କରାଉଥିବା ଦେଖିବାକୁ ମିଳିଛି । ତେବେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି ।

# ଏମ୍ସରେ ଆରମ୍ଭ ହେଲା ହରିଶ ରାଣାଙ୍କ ଅନ୍ତିମ ବିଦାୟ ପ୍ରକ୍ରିୟା



ନୂଆଦିଲ୍ଲୀ, ୧୫/୩(ନ୍ୟୁ.ଏ): ସୁପ୍ରିମକୋର୍ଟଙ୍କ ମଞ୍ଜୁରୀ ପରେ ପରେ, ହରିଶଙ୍କୁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ପାଇଁ ଇଓଓଗଝକୁ ସ୍ଥାନାନ୍ତର କରାଯାଇଛି । ଭାରତରେ କୋର୍ଟଙ୍କ ଅନୁମତି ସହିତ ଏହା ଇଚ୍ଛାମୃତ୍ୟୁର ପ୍ରଥମ ମାମଲା ବୋଲି ବିଶ୍ୱାସ କରାଯାଉଛି । ପ୍ରାୟ ୧୩ ବର୍ଷ ଧରି ଭେଜିଟେଟିଭ ଷ୍ଟେଟରେ ଜୀବନ ବିତାଉଥିବା ବା ହରିଶଙ୍କ ମାମଲାରେ ଏବେ ଡାକ୍ତରଙ୍କ ତଦାରଖରେ ଧୀରେ ଧୀରେ ଲାଇଫ୍ ସପୋର୍ଟ ସିଷ୍ଟମ ପ୍ରତ୍ୟାହାର କରାଯିବ । ୩୨ ବର୍ଷୀୟ ହରିଶ ରାଣାଙ୍କୁ ଦିଲ୍ଲୀର ଏମ୍ସରେ ସିଫ୍ଟ କରାଯାଇଛି । ଯେଉଁଠି ଡାକ୍ତର ତାଙ୍କ ଦୁଃଖକୁ ସମ୍ମାନଜନକ ପଦ୍ଧତିରେ ଶେଷ କରିବା ପାଇଁ ତାଙ୍କର ଲାଇଫ୍ ସପୋର୍ଟ ହଟାଇ ଦେବେ । ରାଣାଙ୍କ ପରିବାର, ଯିଏକି ଗାଜିଆବାଦର ରାଜନଗର ଏକ୍ସଟେନସନରେ ଥିବା ଏମ୍ପାୟାର ସୋସାଇଟିର ୧୩ ମହଲା ଫ୍ଲାଟରେ ରହୁଛନ୍ତି । ତାଙ୍କ ପୁଅକୁ ସେ ଦେବାକୁ ଯାଉଥିବା ଯନ୍ତ୍ରଣାଦାୟକ ବିଦାୟ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ତାଙ୍କ ବାପା ଅଶୋକ ରାଣା ଡାକ୍ତରୀ ଦଳ ସହିତ ଯାଇଥିଲେ, ପରିବାର ପାଇଁ ଏହି ନିଷ୍ପତି ଖୁବ୍ ଯନ୍ତ୍ରଣାଦାୟକ ଥିଲା । ରାଣା କହିଛନ୍ତି, 'ଆମେ ଏହି ଯନ୍ତ୍ରଣା ସହିତ ୪୫୮୮ ଦିନ ବିତାଇଛୁ, କିନ୍ତୁ ଆମ ପୁଅର ଯନ୍ତ୍ରଣାର ଅନ୍ତ କରିବାର ନିଷ୍ପତି ଆହୁରି ଯନ୍ତ୍ରଣାଦାୟକ । ୧୩ ମାର୍ଚ୍ଚ ୨୦୨୬ରେ, ସାହିବାବାଦର ମୋହନ ନଗରରେ ଥିବା ବ୍ରହ୍ମାକୁମାରୀ ସେଂଟର ପ୍ରଭୁ ମିଳନ ଭବନର ଆଧ୍ୟାତ୍ମିକ ନେତା ସିଷ୍ଟର କୁମାରୀ ଲଭଲି ଦିଦି, ରାଣାଙ୍କୁ ଶାନ୍ତିପୂର୍ଣ୍ଣ ବିଦାୟ ଦେବା ପାଇଁ ତାଙ୍କ ଘରକୁ ଆସିଥିଲେ । ସେ ତାଙ୍କ କପାଳରେ ଚନ୍ଦନ ତିଳକ ଲଗାଇ ପ୍ରାର୍ଥନା କରିଥିଲେ । ବୁଧବାର ସୁପ୍ରିମକୋର୍ଟ ରାଣାଙ୍କୁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଥିଲେ, ସମ୍ମାନର ସହିତ ମୃତ୍ୟୁବରଣ କରିବାର ତାଙ୍କର ଅଧିକାରକୁ ବଜାୟ ରଖିଥିଲେ । ପଞ୍ଜାବ ବିଶ୍ୱବିଦ୍ୟାଳୟର ଛାତ୍ର ଥିଲେ ହରିଶ ରାଣା । ଚଣ୍ଡିଗଡ଼ରେ ପଢୁଥିବା ହରିଶ ୨୦୧୩ ମସିହାରେ ତାଙ୍କ ହଷ୍ଟେଲର ଚତୁର୍ଥ ମହଲାରୁ ପଡ଼ିଯାଇଥିଲେ । ଯାହା ଫଳରେ ତାଙ୍କ ମୁଣ୍ଡରେ ଗମ୍ଭୀର ଆଘାତ ଲାଗିଥିଲା । ସେବେଠାରୁ, ହରିଶ ଶଯ୍ୟାଶାୟୀ ଅଛନ୍ତି । ବିଛଣାରେ ପଡିରହିଥିବାରୁ ଶରୀରରେ କ୍ଷତ ହୋଇଛି । ତାଙ୍କ ବାପାମାଆ ପୁଅର ଏ କଷ୍ଟ ସହି ପାରୁନଥିଲେ । ପୁଅର ଭଲ ହେବା ନେଇ ଆଶା ବି ଛାଡି ଦେଇଥିଲେ । ୧୦୦ ପ୍ରତିଶତ ଦିବ୍ୟାଙ୍ଗର ଶିକାର ହୋଇସାରିଥିଲେ ହରିଶ । ସେହି ଦୁର୍ଘଟଣା ତାଙ୍କ ଜୀବନକୁ ସବୁଦିନ ପାଇଁ ଚାରି କାନ୍ଥ ଏବଂ ବିଛଣା ମଧ୍ୟରେ ସୀମିତ କରିଦେଇଥିଲା । ସେ ଶଯ୍ୟାଶାୟୀ ଏବଂ କ୍ଲିନିକାଲ୍ ଆସିଷ୍ଟାଡ୍ ନ୍ୟୁଟ୍ରିସନ୍ (CAN) ରେ ବ*ନ୍ତି, ଯେଉଁଥିରେ ଶ୍ୱାସକ୍ରିୟା ପାଇଁ ଏକ ଟ୍ରାକିଓଷ୍ଟୋମି ଟ୍ୟୁବ୍ ଏବଂ ଖାଦ୍ୟ ପାଇଁ ଏକ ଗ୍ୟାଷ୍ଟ୍ରୋଜେଜୁନୋଷ୍ଟୋମି ଟ୍ୟୁବ୍ ଲାଗିଛି ।

# ପାରାଦୀପ ହେବ ଦେଶର ବୃହତ୍ ଅର୍ଥନୈତିକ ଅଂଚଳ : ମୁଖ୍ୟମନ୍ତ୍ରୀ



ପାରାଦୀପ, ୧୫/୩ (ଆ.ପ୍ର) : ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାରାଦୀପରେ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବୃହତ୍ ଶିଳ୍ପ ପ୍ରତିଷ୍ଠା ସଂପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ ଆଗାମୀ ଦିନରେ ପାରାଦୀପ ଭାରତର ଏକ ବଡ ଇକୋନୋମିକ ଜୋନ ହେବାକୁ ଯାଉଛି ବୋଲି ମତ ଦେଇ ଏହି ଅଂଚଳରେ ସ୍ଥାପିତ ହେବାକୁ ଥିବା ସମସ୍ତ ଭିତିଭୂମି ଓ ଶିଳ୍ପ ପ୍ରକଳ୍ପ ଗୁଡ଼ିକ ଯେପରି ତୁରନ୍ତ ଆରମ୍ଭ ହେବ, ସେଥିପାଇଁ ପଦକ୍ଷେପ ନେବାକୁ ସେ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପାରାଦୀପ ପୋର୍ଟର ସମ୍ପ୍ରସାରଣ, ଜାହାଜ ନିର୍ମାଣ ଓ ମରାମତି କାରଖାନା,ବନ୍ଦର ବିକାଶ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ, IOCL ଏବଂ JSW ପକ୍ଷରୁ ବିକଶିତ ହେବାକୁଥିବା ଶିଳ୍ପାନୁଷ୍ଠାନ ବିଷୟରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ ରିଜନ, ଇଗଘଝ ଓଭୟସବ ପକ୍ଷରୁ ପାରାଦୀପରେ ବିକଶିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦ୍ୱୀପ ପେଟ୍ରୋ କେମିକାଲ ପ୍ରକଳ୍ପ , ଇଂଟିଗ୍ରେଟେଡ ଷ୍ଟିଲ ପ୍ରୋଜେକ୍ଟ ପ୍ରତିଷ୍ଠା ସହିତ ଏସବୁ ପ୍ରକଳ୍ପ ଗୁଡିକର ଭୂମି ଅଧିଗ୍ରହଣ ଠାରୁ ଆରମ୍ଭ କରି ବିଭିନ୍ନ ଅନୁମୋଦନ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । ପଡିରହିଥିବା କାର୍ଯ୍ୟକୁ ଯଥାଶିଘ୍ର ସମାଧାନ କରି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କାମକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପ୍ରଶାସନ ଓ ଶିଳ୍ପାନୁଷ୍ଠାନ ର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଶିଳ୍ପାନୁଷ୍ଠାନରେ ଓଡ଼ିଶା ର ଯୁବପିଢୀ ବିଶେଷ କରି ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦେବାପାଇଁ ମୁଖ୍ୟମନ୍ତ୍ରୀ ପ୍ରାଧାନ୍ୟ ଦେଇଥିଲେ । ଏହି ବୈଠକରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା,ଜଗତସିଂପୁର ଜିଲ୍ଲାପାଳ ଜେ ସୋନାଲ, ପାରାଦୀପ ବନ୍ଦର କର୍ତୃପକ୍ଷ, ଆଇ ଓ ସି ଏଲ୍, ଜେ ଏସ ଡବ୍ଲ୍ୟୁ, ଏ ଏମ ଏନ୍ ଏସ ଇଣ୍ଡିଆ ର ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଦିଲୀପ ରାୟ ଓ ବିଜେପି ଘୋଡା ବେପାରକୁ ଗୁରୁତ୍ୱ ଦେଉଛି : କଂଗ୍ରେସ




ଭୁବନେଶ୍ୱର, ୧୫/୩ (ଆ.ପ୍ର) : ଆସନ୍ତାକାଲି ରାଜ୍ୟସଭା ନିର୍ବାଚନ । କଂଗ୍ରେସରେ ସରଗରମ ରହିଛି ସ୍ଥିତି । ଦାଶରଥି ଗମାଙ୍ଗ ଦଳ ସହ ଯୋଗାଯୋଗରେ ନଥିବାରୁ ଦଳରେ ଘାରିଛି ଚିନ୍ତା । ସନ୍ଧ୍ୟା ୭ ଟା ସୁଦ୍ଧା ଯୋଗାଯୋଗ କରିବା ପାଇଁ ପିସିସି ସଭାପତି ଦେଇଛନ୍ତି ନିର୍ଦ୍ଦେଶ । ଆସନ୍ତା କାଲି ଗୁରୁତ୍ୱପୂର୍ଣ୍ଣ ଦିନ । ସେ ନିଜ ଦଳକୁ ଗୁରୁତ୍ୱ ଦେଇ ନାହାଁନ୍ତି । କଲ ଉଠାଉ ନାହାଁନ୍ତି । ଯଦି ରବିବାର ସନ୍ଧ୍ୟା ୭ଟା ସୁଦ୍ଧା ସେ ନ ଆସନ୍ତି ତେବେ ତାଙ୍କ ବିରୋଧରେ ଡିସିପ୍ଲିନେରୀ ଆକ୍ସନ ନିଆଯିବ । ଆଇନ ଅନୁଯାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ପଷ୍ଟ ଭାବେ କହିଛନ୍ତି ପିସିସି ସଭାପତି । ତାଙ୍କର ସଦ୍ୟସତା ରଦ୍ଦ ହେବା ସହ, ନିଜ ଅ*ଳ ରେ ଚାଲିପାରିବେ ନାହିଁ ବୋଲି ସେ କହିଛନ୍ତି । ସନ୍ଧ୍ୟା୭ ଟା ସୁଦ୍ଧା କଂଗ୍ରେସ ଭବନ ଆସିବା ପାଇଁ ଗଣମାଧ୍ୟମ ନିକଟରେ ଚେତାବନୀ ଦେଇଛନ୍ତି ଭକ୍ତ ଦାସ । ଏହି ରାଜ୍ୟ ସଭା ନିର୍ବାଚନରେ ବିଜେପି ବିଶୃଙ୍ଖଳା କରୁଛି । ବିଜେପି ସଂଖ୍ୟା ଅନୁଯାୟୀ ୨ ଜଣ ରାଜ୍ୟ ସଭା ପ୍ରାର୍ଥୀ ଜିତିବେ । ବିଜେଡିର ଗୋଟେ ସିଟ ରହିଛି । ଆଉ ଚତୁର୍ଥ ପ୍ରାର୍ଥୀକୁ ମିଳିତ ଭାବେ କଂଗ୍ରେସ ଓ ବିଜେଡି ମିଶିକି ଚୟନ କରିଛନ୍ତି । କେ ?ଣସି ଦଳ ରୁ ନ ବାଛି ଜନସାଧରଣଙ୍କ ମଧ୍ୟରୁ ପ୍ରାର୍ଥୀ ଚୟନ କରାଯାଇଛି । ଆଉ ବିଜେଡି ବଳକା ସିଟ ଓ କଂଗ୍ରେସ ସିଟ ଅନୁଯାୟୀ ସେ ବିଜୟ ହେବେ । କିନ୍ତୁ ବିଜେପି ବିଶୃଙ୍ଖଳା କରୁଛି ଭ୍ରଷ୍ଟଚାରକୁ ସହଯୋଗ କରୁଥିବା ଅଭିଯୋଗ କରିଛନ୍ତି ପିସିସି ସଭାପତି । ଅନ୍ୟପଟେ ବିଜେପି କେମିତି ଗୋଟେ ଭ୍ରଷ୍ଟ ନେତାଙ୍କୁ ସହଯୋଗ କରୁଥିବା ପ୍ରଶ୍ନ କରିଛନ୍ତି ପ୍ରଦେଶ କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲୁ । ଯଦି ସେ ଜିତନ୍ତି ତେବେ କୋର୍ଟକୁ ଯିବ କଂଗ୍ରେସ । ଦିଲୀପ ରାୟ ଓ ବିଜେପି ଘୋଡା ବେପାରକୁ ଗୁରୁତ୍ୱ ଦେଉଛି । ଦିଲୀପ ରାୟ ଘୋଡା ବ୍ୟାପର କରୁଥିବା ଚିତ୍ର ସାମନାକୁ ଆସିଛି । ସେ କଂଗ୍ରେସ ବିଧାୟକଙ୍କୁ କଲ କରିଛନ୍ତି । ଚେକ ଦେଇଛନ୍ତି । ତେବେ କଂଗ୍ରେସ ଏହାକୁ ନିନ୍ଦା କରିଛି । ଶୃଙ୍ଖଳିତ ନିର୍ବାଚନ ପାଇଁ କଂଗ୍ରେସର ସମସ୍ତ ପ୍ରାର୍ଥୀ ଦଳ ର ନିଷ୍ପ□ରେ ସହଯୋଗ କରୁଛନ୍ତି । ସୋଫିଆ ଫିର୍ଦୋଷ , ଓ ରମେଶ ଜେନା ମଧ ଦଳ ସହିତ ଅଛନ୍ତି । କେବଳ ଦଶରଥୀ ଗମାଙ୍ଗ ସହ ୭ ତାରିଖ ପର ଠାରୁ ଆଉ ଯୋଗାଯୋଗ ହୋଇ ନାହିଁ ।

# ରାଜ୍ୟସଭା ନିର୍ବାଚନ; ନିଜ ବିଧାୟକଙ୍କୁ କାର୍ଯ୍ୟାନୁଷ୍ଠାନ ଡର ଦେଖାଇଲେ ବିଜେଡି, କଂଗ୍ରେସ

ଭୁବନେଶ୍ୱର, ୧୫/୩ (ଆ.ପ୍ର) : ରାତିପାହିଲେ ରାଜ୍ୟସଭା ନିର୍ବାଚନ । ୪ଟି ଆସନ ପାଇଁ ବିଧାୟକମାନେ ଭୋଟ୍ ଦେବାକୁ ଥିବାବେଳେ ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ଶିବିରରେ କ୍ରସ୍ ଭୋଟିଂକୁ ନେଇ ଛନକା ଲାଗି ରହିଛି । ବୁଝାଇ ସୁଝାଇ ବିଫଳ ହେବା ପରେ ନିଜ ନିଜ ବିଧାୟକଙ୍କୁ କାର୍ଯ୍ୟାନୁଷ୍ଠାନ ଡର ଦେଖାଇଛନ୍ତି ଶଙ୍ଖ ଓ ହାତ ଦଳ । କ୍ରସ ଭୋଟିଂର ଡର ଏତେ ଯେ ସବୁ ବିଧାୟକଙ୍କୁ ନିଜ ଆଖି ସାମ୍ନାରେ ଦେଖିବାକୁ ଚାହୁଁଛନ୍ତି ବିଜେଡି ସୁପ୍ରିମୋ । ଦିନରେ ସବୁ ବିଧାୟକଙ୍କ ପାଇଁ ନବୀନ ନିବାସରେ ହୋଇଥିଲା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା । ନବୀନ ନିବାସରେ ସମସ୍ତେ ରାତ୍ରୀ ଭୋଜନ ବି କରିବେ ଆଉ ରାତିରେ ବି ଏହିଠାରେ ରହିବାକୁ ପଡ଼ିବ । ସବୁ ବିଧାୟକଙ୍କ ପାଇଁ ହୋଇଛି ନବୀନ ନିବାସରେ ରାତ୍ରୀ ରହଣୀ ବ୍ୟବସ୍ଥା । ଗତ ଦୁଇ ଦିନ ଧରି ହୋଇଥିବା ଟ୍ରେନିଂରେ ବିଧାୟକ ଚକ୍ରମଣି କହଁର, ସୌଭିକ ବିଶ୍ୱାଳ ଓ ନବ ମଲ୍ଲିକ ଅନୁପସ୍ଥିତ ଥିବା ବେଳେ ସୁବାସିନୀ ଜେନା ନବୀନ ନିବାସ ଆସୁଥିଲେ ବି ସନ୍ଦେହ ଘେରରେ ଅଛନ୍ତି । ଏହା ଭିତରେ କାର୍ଯ୍ୟାନୁଷ୍ଠାନ ଡର ଦେଖାଇ କ୍ରସ୍ ଭୋଟିଂ ଏଡାଇବାକୁ ଉଦ୍ୟମ କରିଛି ଦଳ । ବିଧାୟକଙ୍କୁ ନାଲି ଆଖି ଦେଖାଇଛି ବିଜେଡି । ୨ ବିଧାୟକଙ୍କୁ ସୋ' କଜ୍ ନୋଟିସ୍ ଦିଆଯାଇଛି । ବିଜେଡିର ୨ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି । ଚକ୍ରମଣି କହଁର ଓ ନବ ମଲ୍ଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି । ସୋ କଜ୍ ନୋଟିସ୍ ଦେଇଛନ୍ତି ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ରାତି ୯ଟା ସୁଦ୍ଧା ନବୀନ ନିବାସରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଛି । ସେପଟେ କ୍ରସ ଭୋଟିଂକୁ ନେଇ ବିଜେଡିଠାରୁ କଂଗ୍ରେସକୁ ଅଧିକ ଡର ଘାରିଛି । ବେଙ୍ଗାଲୁରୁରେ ଥିବା ୮ ବିଧାୟକ ଆଜି ରାତିରେ ଆସି ଭୁବନେଶ୍ୱରରେ ପହଂଚିବେ । ତେବେ ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ମାର୍ଚ୍ଚ ୫ ପରଠୁ ଆଉ ଦଳର ନେତାଙ୍କ ଫୋନ୍ ଉଠାଉ ନାହାନ୍ତି କି ମେସେଜର ରିପ୍ଲାଏ ଦେଉନାହାନ୍ତି । ତେଣୁ ସନ୍ଧ୍ୟା ସୁଦ୍ଧା ହାଜର ହୋଇ କାରଣ ଦର୍ଶାଅ ନୋଟିସର ଉତର ଦେବାକୁ ଦଳ ପକ୍ଷରୁ ଦିଆଯାଇଛି ନିର୍ଦ୍ଦେଶ । ପ୍ରେସମିଟ୍ କରି କଂଗ୍ରେସ ପ୍ରଭାରୀ ଅଜୟ ଲଲ୍ଲୁ ବିଜେପି ବିରୋଧରେ ଆଣିଛନ୍ତି ଘୋଡ଼ା ବେପାର ଅଭିଯୋଗ । ଆଉ ପିସିସି ସଭାପତି ଭକ୍ତ ଦାସ ବିଧାୟକଙ୍କୁ ଦେଖାଇଛନ୍ତି ନାଲିଆଖି । କହିଛନ୍ତି ଏରିଆରେ ଚଲାଇ ଦିଆଯିବନି । ପିସିସିର ନିଷ୍ପତିକୁ ଗତକାଲି ଖୋଲାଖୋଲି ବିରୋଧ କରି ବିଧାୟିକା ସୋଫିଆ ଫିର୍ଦ୍ଦୋସ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିସାରିଛନ୍ତି । କଂଗ୍ରେସର ନୋଟିସ ପରେ ଦାଶରଥୀ ଗମାଙ୍ଗଙ୍କ ପକ୍ଷରୁ ଏଯାଏ ଆସିନି କୌଣସି ପ୍ରତିକ୍ରିୟା । ସେପଟେ ପବିତ୍ର ସାଉଁଟା ଓ ରମେଶ ଜେନାଙ୍କ ଭୂମିକା ସନ୍ଦେହ ଘେରରେ ଥିବା ନେଇ ବି ହେଉଛି ଚର୍ଚ୍ଚା । ଏବେ କଂଗ୍ରେସ ଓ ବିଜେଡି କେମିତି ରୋକିବେ କ୍ରସ ଭୋଟିଂ ତା ଉପରେ ରହିଛି ସମସ୍ତଙ୍କ ନଜର ।





କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA
ସୋମବାର, ୧୬ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

# ବିଶ୍ୱଉପଭୋକ୍ତା ଦିବସ ୨୦୨୬ ପାଳିତ




ଜଗତସିଂହପୁର, ୧୫/୩ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ତିର୍ତୋଲର ଆନନ୍ଦମଣ୍ଡପ ସଭାଗୃହରେ ଗତ ରବିବାରଦିନ ଅପରାହ୍ନରେ ଓଡିଶା ଉପଭୋକ୍ତା ସଙ୍ଘ କଟକ ଆନୁକୂଲ୍ୟରେ ଓ ଆଂଚଳିକ ଖାଉଟି ସୁରକ୍ଷା ସଂଘ ଲଥାଙ୍ଗ, ଜଗତସିଂହପୁରର ସଭାପତି ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟଙ୍କ ଆବାହକତ୍ୱରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭା ଓଡିଶା ଉପଭୋକ୍ତା ସଙ୍ଘ କଟକର ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ, ଉପସଭାପତି ବିଚିତ୍ରାନନ୍ଦ ସାମଲ, ସାଧାରଣସମ୍ପାଦକ ପ୍ରଶାନ୍ତ କୁମାର ଜେନା, ଜଗତସିଂହପୁର ଡିସିଡିଆରସି, ସଭାପତି ପ୍ରଭାତ କୁମାର ପାଢ଼ୀ ଓ ସଦସ୍ୟା ମଧୁସ୍ମିତା ସ୍ୱାଇଁ, ବରିଷ୍ଠ ଆଇନଜୀବି ଓମ ପ୍ରକାଶ ଦାସ, ଆଇନଜୀବି ଟୁକୁନ ସେଠୀ, ଅଖିଳଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ଉପସଭାପତି ଶରତ କୁମାର ଦାଶ, ସାଧାରଣସମ୍ପାଦକ ବିବେକାନନ୍ଦ ହୋତା, ମହିଳାଶାଖାର ସଭାପତି ସ୍ନେହମୟୀ ଆଚାର୍ଯ୍ୟ ପ୍ରମୁଖ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ଉପଭୋକ୍ତା ମାନେ ଠକାମିର ଶିକାର ହୋଇ କ୍ଷତିଗ୍ରସ୍ତ ହେଉଥିବାରୁ, ସେଥିପାଇଁ ଆଇନୀଗତ ଭାବରେ କି ପଦକ୍ଷେପ ନେବାକୁ ପଡିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସଚେତନତା ସୃଷ୍ଟି କରିବା ସହିତ ସେମାନଙ୍କର ପ୍ରଶ୍ନର ଯଥାର୍ଥ ଉତର ଦେଇଥିଲେ । ପଣ୍ଡିତ ଡଃ ସିଦ୍ଧେଶ୍ୱର ପଣ୍ଡା ନିମନ୍ତ୍ରିତ ଅତିଥିମାନଙ୍କୁ ମଂଚ କୁ ସ୍ୱାଗତ କରିବାସହିତ ମଂଚସଂଚାଳନ କରିଥିଲେ । ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିରଂଚି ନାରାୟଣ ମିଶ୍ରଙ୍କ ସମେତ ଶତାଧିକ ଉପଭୋକ୍ତା, ସ୍ଥାନୀୟ କଲେଜର ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ମଧ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଶେଷରେ ଉପଭୋକ୍ତା କର୍ମୀ ରଶ୍ମିତା ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୌଲତାବାଦ ଶିଶୁ ମନ୍ଦିର ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ନିମାଇଁ ଗୁରୁଜୀଙ୍କ ପରଲୋକ



ଟାଙ୍ଗୀ ଚୌଦ୍ୱାର, ୧୫/୩ (ଆ.ପ୍ର) : ଶିକ୍ଷାବିକାଶ ସମିତି ଓଡିଶାର ଆଇନ ପରାମର୍ଶ ଦାତା, ପୂର୍ବ ସମ୍ଭାଗ ତଥା କେଶବ ସେବା ପ୍ରକଳ୍ପର ପ୍ରାକ୍ତନ ସଂଯୋଜକ ନିମାଇଁ ଚରଣ ପଣ୍ଡାଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୪ ବର୍ଷ ହୋଇଥିଲା । ସେ ଜଗତପୁର ସରସ୍ୱତୀ ଶିଶୁ ମନ୍ଦିରରୁ ଶୈକ୍ଷିକ ଜୀବନ ଆରମ୍ଭ କରିବା ସହ ଚୌଦ୍ୱାର ଦୌଲତାବାଦ ସାରଦାନଗର ସରସ୍ୱତୀ ଶିଶୁ ମନ୍ଦିରର ପ୍ରତିଷ୍ଠାତା ପ୍ରଧାନ ଆଚାର୍ଯ୍ୟ ଭାବେ କାର୍ଯ୍ୟ କରିଥିଲେ । ୨୦୦୨ରେ ସେ ପୁରୀ ବିଭାଗ ନିରୀକ୍ଷକ ଭାବରେ କାର୍ଯ୍ୟ କରିବା ପରେ ଶିକ୍ଷା ବିକାଶ ସମିତିରେ ଯୋଗଦେଇ ଶେଷ ପର୍ଯ୍ୟନ୍ତ ସାରା ଓଡିଶାର ଶିଶୁ ମନ୍ଦିର ମାନଙ୍କର ଆଇନ ସଂକ୍ରାତୀୟ ବିଷୟ ବୁଝୁଥିଲେ । ଗରିବ ଆଦିବାସୀ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବା ଓ ସେମାନଙ୍କ ପରିବାରର ଆର୍ଥିକ ପରିସ୍ଥିତିକୁ ସୁଦୃଢ କରିବା ପାଇଁ ସ୍ୱର୍ଗତ ପଣ୍ଡା ମହିଷାଲଣ୍ଡା ପଂଚାୟତ ଆମ୍ବିଳିଝରି ଗ୍ରାମରେ ୨୦୧୦ରେ ସଖା ସେବା ଟ୍ରଷ୍ଟ, ଜୀବନ ସନ୍ଧ୍ୟା ଆଶ୍ରମ ସ୍ଥାପନ କରିଥିଲେ । ଜଣେ ଅମାୟିକ, ପରୋପକାରୀ, ବନ୍ଧୁ ବତ୍ସଳ ଦରଦୀ ମଣିଷ ଭାବରେ ସେ ସାରା ଅଂଚଳରେ ଜଣା ଶୁଣା ଥିଲେ । ଆଜି ସକାଳେ କଟକର ଏକ ଘରୋଇ ହସ୍ପିଟାଲରେ ହୃଦଘାତରେ ତାଙ୍କର ଦେହାନ୍ତ ହୋଇଯାଇଥିବାର ଜଣା ପଡିଛି । ସ୍ୱର୍ଗତ ପଣ୍ଡାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ଗତି ରାଉତ ପାଟଣା କେଶବ ଧାମ, ଜଗତପୁର, ଚୌଦ୍ୱାର, ଆଗ୍ରାହାଟ, କଲ୍ୟାଣପୁର ସରସ୍ୱତୀ ଶିଶୁ ମନ୍ଦିର ଓ ସଖା ଆଶ୍ରମ ପରିସରକୁ ନିଆଯାଇଥିଲା । ଶିକ୍ଷା ବିକାଶ ସମିତିର କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ, ସାମାଜିକ କାର୍ଯ୍ୟକର୍ତ୍ତା ତଥା ବିଶିଷ୍ଟ ବ୍ୟକ୍ତିମାନେ ଶେଷ ଦର୍ଶନ କରିଥିଲେ । ଚିତ୍ରେଶ୍ୱର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କର ଅକାଳ ବିୟୋଗରେ ଟାଙ୍ଗୀ- ଚୌଦ୍ୱାର ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

# ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ମୂଲ୍ୟାଙ୍କନ ପରୀକ୍ଷା



ବାଲିଗୁଡା, ୧୫/୩ (ଆ.ପ୍ର) :କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ବ୍ଲକର ସମସ୍ତ କ୍ଲଷ୍ଟରର ବିଦ୍ୟାଳୟ ରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ପରୀକ୍ଷା ସହ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ବିନୋଦିନୀ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ ୭୦୦ ଜଣ ପରୀକ୍ଷାର୍ଥୀ ଯୋଗ ଦେଇ ପରୀକ୍ଷା ଦେଇଥିଲେ ଓ ଏହି କାର୍ଯ୍ୟକ୍ରମର ମୁଖ୍ୟ ତଥା ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ଯଥା : ଏହା ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା 'ଉଲ୍ଲାସ - ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ' ଅଧୀନରେ ପରିଚାଳିତ ହେଉଅଛି । ୧୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି, ଯେଉଁମାନେ ବିଦ୍ୟାଳୟ ଯାଇନାହାଁନ୍ତି, ସେମାନଙ୍କର ପଢ଼ିବା, ଲେଖିବା ଏବଂ ସାଧାରଣ ଗଣିତ ଦକ୍ଷତାକୁ ପରୀକ୍ଷା କରିବା । ଏଥିରେ ମୁଖ୍ୟତଃ ତିନୋଟି ବିଷୟ ଥାଏ: ପଠନ, ଲିଖନ ଏବଂ ସଂଖ୍ୟାଜ୍ଞାନ । ଏହି ପରୀକ୍ଷାରେ ଉତୀର୍ଣ୍ଣ ହେଲେ ସେମାନଙ୍କୁ 'ନବ-ସାକ୍ଷର' ଭାବେ ଘୋଷଣା କରାଯାଏ ଏବଂ ଏନ.ଆଇ. ଓ.ଏସ ପକ୍ଷରୁ ଏକ ପ୍ରମାଣପତ୍ର ପ୍ରଦାନ କରାଯାଏ । ସମଗ୍ର ଓଡ଼ିଶାରେ ହଜାର ହଜାର ଶିକ୍ଷାର୍ଥୀ ଏହି ପରୀକ୍ଷା ଦେଇ ସାକ୍ଷରତା ପ୍ରମାଣପତ୍ର ହାସଲ କରୁଛନ୍ତି । ଶେଷରେ ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାନବିକତାର ଉଦାହରଣ: ଅସହାୟ ଯୁବକଙ୍କୁ ସହାୟତା କଲେ ଯୋଗାଣ ଅଧିକାରୀ ଦେବେନ୍ଦ୍ର ସେଠିଆ

ସିନାପାଲି, ୧୫/୩ (ଆ.ପ୍ର) :କିଛି ଅଧିକାରୀ ଅଛନ୍ତି ଯେଉଁ ମାନେ ନିଃସ୍ୱାର୍ଥ ଭାବରେ ଭଲ କାମ କରି ସମାଜ ପାଇଁ ସମର୍ପଣ ର ଅର୍ଘ୍ୟ ଢାଳି ଦେଇ ଯାଆନ୍ତି ଏବଂ ଅସହାୟଙ୍କୁ ସହଯୋଗର ହାତ ବଢାଇ ବଂଚିବାର ପ୍ରେରଣା ପ୍ରଦାନ କରି ନୂତନ ଦିସା ଯୋଗାଇ ଉଦାହରଣ ସୃଷ୍ଟି କରନ୍ତି । ଏଭଳି ଏକ ନିଃସ୍ୱାର୍ଥପର ଓ ପରୋପକାରୀ ଅଧିକାରୀ ଜଣକ ହେଉଛନ୍ତି ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କାର୍ଯ୍ୟାଳୟରେ ଯୋଗାଣ ଅଧିକାରୀ ଭାବରେ କାର୍ଯ୍ୟରତ ଦେବେନ୍ଦ୍ର ସେଠିଆ । ତାଙ୍କର କାର୍ଯ୍ୟ ଧାରା ଅନ୍ୟ ଅଧିକାରୀ ମାନଙ୍କ ଠାରୁ ଭିନ୍ନ । ସେ ଗରୀବ ଅସହାୟ ମାନଙ୍କ ପାଇଁ ଜଣେ ଦରଦୀ ମଣିଷ । ସିନାପାଲି ବ୍ଲକରେ ଯୋଗଦାନ କରିବା ଦିନ ଠାରୁ ଅନେକ ଭଲ କାମ କରି ପ୍ରଶଂସାର ପାତ୍ର ହୋଇ ସିନାପାଲି ବ୍ଲକ ଇତିହାସରେ ଯୋଡ଼ି ହୋଇ ଯାଇଛନ୍ତି । କେତେବେଳେ ଦୁର୍ଘଟଣା ଗ୍ରସ୍ତ ଲୋକଙ୍କୁ ମେଡିକାଲ ପହଂଚାଇବା ଆଉ କେତେବେଳେ ସ୍ୱଛତା କାର୍ଯକ୍ରମ ତ ଆଉ କେତେବେଳେ ନିଃସହାୟଙ୍କୁ ସହଯୋଗର ହାତ ବଢାଇ ବେଶ୍ ଚର୍ଚ୍ଚିତ ରହିଛନ୍ତି ଏହି ଅଧିକାରୀ ଜଣକ । ଅଫିସର ଛୁଟି ଦିନ ହେଉ କି ଛୁଟି ନ ରହୁ ସଦା ସର୍ବଦା ଲୋକଙ୍କ ପାଇଁ ସେବା ମନୋଭାବ ରଖି କାର୍ଯ୍ୟ କରି ଚାଲିଛନ୍ତି । ଏଭଳି କାର୍ଯ୍ୟ ପାଇଁ ସମସ୍ତେ କହୁଛନ୍ତି ଅଧିକାରୀ ହେବ ତ ଏମିତି । ଅନେକ ଭଲ କାମ କରି ଚାଲିଥିବା ବେଳେ ରବିବାର ଦିନ ସିନାପାଲି ବ୍ଲକ ଅନ୍ତର୍ଗତ ଲିଟିଗୁଡା ଗ୍ରାମ ଯାଇଥିବା ବେଳେ ହଠାତ ଦେଖିବାକୁ ପାଇଥିଲେ ପକ୍ଷା ଘାତରେ ପଡି ଅସହାୟ ଜୀବନ ବିତାଉଥିବା ଉକ୍ତ ଗ୍ରାମର ତିଲଚନ ପାଣ୍ଡେଙ୍କ ୧୮ ବର୍ଷୀୟ ପୁଅ ଚନ୍ଦ୍ରଭାନୁ ପାଣ୍ଡେ । ଏହି ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ଆଜିବି ଦାରିଦ୍ର୍ୟ ସୀମାରେଖା ତଳେ ରହି ଜୀବନ ଯାପନ କରୁଛନ୍ତି । ପୁଅକୁ ଭଲ କରିବା ପାଇଁ ଅନେକ ଚେଷ୍ଟା କରି ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଚିକିତ୍ସା ପାଇଁ ନେଇଥିଲେ । ହେଲେ ଆଉ ଭଲ ହେଲେ ନାହିଁ । ଯାହା ଥିଲା ବିକି ଭାଙ୍ଗି ଚିକିତ୍ସା କରାଇଥିଲେ ମଧ୍ୟ ଆବଶ୍ୟକ ସମ୍ବଳ ଅଭାବରୁ ଭଲ ହେଲେ ନାହିଁ । ଭଗ୍ୟକୁ ଆଦରି ଘରେ ପଡ଼ି ରହିଥିବା ବେଳେ ଗୁରୁଣ୍ଡି ଗୁରୁଣ୍ଡି ଚାଲିବାକୁ ପଡୁଛି । ଦୁଇ ଗୋଡ଼ ଅଚଳ ହୋଇ ପଡ଼ିଥିବା ବେଳେ କୌଣସି କାମ କରି ପାରୁନାହାନ୍ତି । ଫଳରେ ଅସହାୟ ଜୀବନ ବିତାଉଥିବା ବେଳେ ଯୋଗାଣ ଅଧିକାରୀ ଶ୍ରୀ ସେଠୀଆ ସିନାପାଲି ବିଡ଼ିଓ କାର୍ମୀ ଓରାମ ଙ୍କୁ ତାଙ୍କ ଦୁଃଖ କାହାଣୀ ଶୁଣାଇବା ପରେ ସାଙ୍ଗେ ସାଙ୍ଗେ ତାଙ୍କର ଅନ୍ତ୍ୟୋଦୟ କାର୍ଡ ମଞ୍ଜୁରୀ କରିବା ସହ ଚାଉଳ ଓ କିଛି ଅର୍ଥିକ ସହାୟତାର ହାତ ବଢାଇ ନିଜର ମାନବିକତା ଓ କର୍ତବ୍ୟ ପରାୟଣର ପରିଚୟ ଦେଇଛନ୍ତି । ଯାହାକୁ ନେଇ ସାଧାରଣ ରେ ବେଶ୍ ପ୍ରଶଂସା କରାଯାଉଛି ।

# କୃଷି ସମବାୟ ସମିତିର ଡିଇଓଙ୍କ ମନୋମୁଖୀ କାର୍ଯ୍ୟ ପାଇଁ ଚାଷୀଙ୍କ ଅସନ୍ତୋଷ ବଢ଼ୁଛି

ରଘୁନାଥପୁର, ୧୫/୩ (ଆ.ପ୍ର) : ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ କୃଷି ସମବାୟ ସମିତି ଲିଃରେ ଡିଇଓ (ଡାଟା ଏଂଟ୍ରି ଅପରେଟର) ଭାବେ କାର୍ଯ୍ୟ କରୁଥିବା ସନ୍ଧ୍ୟାରାଣୀ ସ୍ୱାଇଁ ଧାନ ମଣ୍ଡିରେ ଧାନ ଦେବା ପାଇଁ ଚାଷୀ ମାନଙ୍କୁ ଉପେକ୍ଷା କରି ଚଂଚକତାର ସହ ନିଜ ନାମରେ ଓ ତାଙ୍କ ବାପାଙ୍କ ନାମରେ ଦୁଇଟି ପଞ୍ଜିକରଣ କରି ଦୁଇଟି ଟୋକନ ହାତେଇଛନ୍ତି । ତେବେ ଡିଇଓଙ୍କ ନାମରେ ଥିବା ଟୋକନର ନମ୍ବର -୧୮୭୫୦୮୧/ତା. ୨୬. ୦୧. ୨୬ ହୋଇଥିବା ବେଳେ ତାଙ୍କ ବାପାଙ୍କ ନାମରେ ଥିବା ଟୋକନର ନମ୍ବର ୨୦୬୨୪୪୫/ତା ୧୧. ୦୨. ୨୬ ଅଟେ । ତେବେ ଡିଇଓଙ୍କ ନିଜ ନାମରେ ଥିବା ଟୋକନରେ ୪୩.୮୯ କେଜି ଧାନ ମଧ୍ୟ ଦେଇସାରିଛନ୍ତି । ଡିଇଓଙ୍କର ଏପରି ମନମାନି କାର୍ଯ୍ୟ ପାଇଁ ବହୁ ଚାଷୀ ଚଳିତ ବର୍ଷ ପଞ୍ଜିକରଣ କରିପାରିନାହାନ୍ତି । ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏକଥା ସର୍ବସାଧାରଣରେ ବେଶ ଚର୍ଚ୍ଚା ହେଉଥିବାର ଲକ୍ଷ୍ୟ କରାଯାଉଛି । ତେଣୁ ଏ ଦିଗରେ ବିଭାଗୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ଏସଏମସି ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସମନ୍ୱୟ ବୈଠକ



ବଣାଇଁ, ୧୫/୩ (ଆ.ପ୍ର) : ବଣାଇ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସମନ୍ୱୟ ବୈଠକ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତା ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିଦ୍ୟାଳୟର ପୁଙ୍ଖାନୁପୁଙ୍ଖ ଆଲୋଚନା ତଥା ନୂତନ କରି ନାମ ଲେଖିବାକୁ ଥିବା ଆଗ୍ରହୀ ଛାତ୍ର ଛାତ୍ରୀ ମାନଙ୍କ ନିମନ୍ତେ ବିଜ୍ଞାପନ ବାହାର କରିବା । ଆଦିବାସୀ ଛାତ୍ରୀ ନିବାସ ଠାରେ ଇଛୁକ ଛାତ୍ରୀ ମାନଙ୍କୁ ପରୀକ୍ଷା କରି ରଖାଯିବା । ଏମଡିଏମ ଜରିଆରେ ଛାତ୍ର ଛାତ୍ରୀ ମାନଙ୍କୁ ପୋଷଣ ଓ ପୁଷ୍ଟିକର ଖାଦ୍ୟ ପ୍ରଦାନ କରିବା ଉପରେ ଦାୟିତ୍ୱ ବଂଟନ କରିବା । ଛାତ୍ର ଛାତ୍ରୀ ମାନଙ୍କର ପରୀକ୍ଷା ଖାତା ତୁରନ୍ତ ନିରୂପଣ କରି ଦାଖଲ କରିବା ନିମନ୍ତେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ସାହୁ, ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ମାନସୀ ପେଣ୍ଟେଇ, ଅମ୍ରିତା ମହାରଣା, ସୁଜାତା ମହାନ୍ତି, ହସ୍ମିତା ପାତ୍ର , ବସନ୍ତ ମଞ୍ଜରୀ ପ୍ରଧାନ, ପ୍ରତିମା ବେହେରା, ଶାନ୍ତିଲତା ପ୍ରଧାନ, ମୀନାରାଣୀ ମିଶ୍ର, ଶିକ୍ଷକ ଚନ୍ଦ୍ର ଶେଖର ପାତ୍ର, ନୀତିଶ କୁମାର ମହାନ୍ତ, ଉମେଶ ଚନ୍ଦ୍ର ପ୍ରଧାନ, ନଳିନୀ କୁମାର ସେଠି, ରକ୍ମିଜନି ମିଞ୍ଜ, ଯଙ୍ଗ ଚାନ୍ଦ ଓଝା, ଅଫିସ କର୍ମଚାରୀ ଭଗବତୀ ପ୍ରଧାନ ଓ ଏସଏମସି କମିଟିର ସଭ୍ୟ ସଭ୍ୟା ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ । ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତା ମୁଣ୍ଡା ସମସ୍ତଙ୍କର ସହଯୋଗ ପାଇଁ ସୁପରାମର୍ଶ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଆପଥର ସହ ପ୍ରଥମ କାଳବୈଶାଖୀ ବର୍ଷା



ଜି.ଉଦୟଗିରି, ୧୫/୩ (ଆ.ପ୍ର) : ସ୍ଥାନୀୟ ଅଂଚଳରେ ଚଳିତ ବର୍ଷର ପ୍ରଥମ କାଳବୈଶାଖୀ ତାର ପ୍ରଚଣ୍ଡ ରୁପ ସହ ଘଡ଼ଘଡ଼ି, ବିଜୁଳି ସହ ପ୍ରବଳ କୁଆପଥର ବର୍ଷା ହୋଇଥିବା ଦେଖିବାକୁ ମିଳିଛି । କଳିଙ୍ଗା ଜି.ଉଦୟଗିରି ସମେତ ବିଭିନ୍ନ ସ୍ଥାନରେ କିଛି ସମୟ ଧରି ପ୍ରବଳ କୁଆପଥର ବର୍ଷା ହେବା ଫଳରେ ବାୟୁମଣ୍ଡଳ ଥଣ୍ଡା ଅନୁଭୂତି ହେଉଛି । ଖରା ହେବା ସହ ଗରମ ଆରମ୍ଭ ହେଉଥିବା ବେଳେ ଗରମରୁ ଆଶ୍ୱସ୍ତି ମିଳିଛି । କାଳବୈଶାଖୀ ବର୍ଷା ରେ ରାସ୍ତାଘାଟ, ଖାଲିଥିବା ସ୍ଥାନ କୁଆପଥରରେ ପରିପୂର୍ଣ୍ଣ ହୋଇଥିଲା ଘଂଟାଏ କାଳ ପ୍ରବଳ ବର୍ଷା ହୋଇଥିଲା । ଘରୁ ବାହାରି ବଜାରକୁ ଆସିଥିବା ଲୋକେ ବର୍ଷା ସମୟରେ ଦୋକାନ ବାରଣ୍ଡାରେ ରହି ବିଜୁଳି ଘଡ଼ଘଡ଼ିକୁ ଭୟ କରୁଥିବା ବେଳେ କୁଆପଥର ବର୍ଷାର ମଜା ନେଉଥିବା ଦେଖିବାକୁ ମିଳିଛି । ପ୍ରାପ୍ତ ସୂଚନା ଅନୁସାରେ ଏହି ସାମାନ୍ୟ କାଳବୈଶାଖୀ ବର୍ଷାରେ କୌଣସି କ୍ଷୟ କ୍ଷତି ହୋଇନାହିଁ ।

# ଢୋଲମରା ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ



ଖଣ୍ଡପଡା, ୧୫/୩ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ରୟତି ଢୋଲମରା ଗ୍ରାମ ତଳ ଅନୁସୂଚିତ ଜାତି ସାହିରେ ମୀନ ସଂକ୍ରାନ୍ତି ଉପଲକ୍ଷେ ଅଷ୍ଟପ୍ରହରୀ ନାମଯଜ୍ଞ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଶନିବାର ଅଧିବାସ ଅବସରରେ ଗ୍ରାମର ମହିଳା ଓ ପୁରୁଷମାନେ ମିଳିତ ହୋଇ ନିକଟସ୍ଥ କୁଆଁରିଆ ନଦୀରୁ ପାଣି ଉଠାଇ ଏକ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଅଷ୍ଟପ୍ରହରୀ ନାମଯଜ୍ଞ ସ୍ଥଳରେ ପହଂଚି କଳସୀ ଗୁଡ଼ିକୁ ସ୍ଥାପନ କରିଥିଲେ । ଆଚାର୍ଯ୍ୟଙ୍କ ଦ୍ୱାରା ନାମଯଜ୍ଞ ନିମିତ ଭୂମିପୂଜା, ସୂର୍ଯ୍ୟପୂଜା, ଜଳ ଆବାହନ, ଅଗ୍ନିପୂଜା, ନାମଯଜ୍ଞ, ଅନ୍ନଯଜ୍ଞ ଆଦି ସମସ୍ତ ପ୍ରକାର ମାଙ୍ଗଳିକ କାର୍ଯ୍ୟ ଯଥାବିଧି ଓ ନୀତିକାନ୍ତି ଅନୁଯାୟୀ କରାଯାଇଥିଲା । ନିମନ୍ତ୍ରିତ ହୋଇ ଆସିଥିବା ପଦ୍ମପୁର, ଗୋପାଳପୁର, କେନ୍ଦୁପଲ୍ଲୀ, କଂଟେଇକୋଳି, ରୟତି ଢୋଲମରା ଅନୁସୂଚିତ ଜାତି ସାହି, କୁମ୍ଭାରପଡ଼ା, କୃଷ୍ଣପୁର ଓ ଶାଳଝରିଆ ସମେତ ବିଭିନ୍ନ ଗ୍ରାମର ପୁରୁଷ ଓ ମହିଳା ଭାଗବତ ସଙ୍କୀର୍ତନ ମଣ୍ଡଳୀଙ୍କ ଦ୍ୱାରା ନାମଯଜ୍ଞ ପରିବେଷଣ ଯୋଗୁଁ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଅଷ୍ଟପ୍ରହରୀ ନାମ ଯଜ୍ଞକୁ ଉପଭୋଗ କରିବା ନିମନ୍ତେ ଆଖ ପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । କୃଷ୍ଣଚନ୍ଦ୍ରପୁରପାଟଣା ଗ୍ରାମର ବଦାନ୍ୟ ବ୍ୟକ୍ତି କାଳନ୍ଦୀ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଉକ୍ତ ସାହିର ସଭାପତି ରବୀନ୍ଦ୍ର କୁମାର ନାଏକ, ସମ୍ପାଦକ ସଚ୍ଚିଦାନନ୍ଦ ନାଏକ, କୋଷାଧ୍ୟକ୍ଷ ଅଯୋଧ୍ୟା ନାଏକ, ଉପଦେଷ୍ଟା ଚନ୍ଦ୍ରମଣି ନାଏକଙ୍କ ସମେତ ମା' ମଙ୍ଗଳା ଯୁବକ ସଂଘର ସମସ୍ତ ସଭ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ଦୀର୍ଘ ବର୍ଷ ଧରି ଅଷ୍ଟପ୍ରହରୀ ନାମଯଜ୍ଞ ପାଳିତ ହୋଇ ଆସୁଥିବା ଗ୍ରାମବାସୀଙ୍କ ସୁତ୍ରରୁ ଜଣାପଡିଛି ।

# ଓଷ୍ଟା ପକ୍ଷରୁ "ଜାତୀୟ ଶିକ୍ଷା ନୀତି ଓ ଗୁଣାତ୍ମକ ଶିକ୍ଷା" ଉପରେ ଆଲୋଚନା ଚକ୍ର ଓ କର୍ମଶାଳା




ନୂଆପଡ଼ା, ୧୫/୩ (ଆ.ପ୍ର) :ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ମହଗାଁ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଓଡିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଏକ ଦିନିକିଆ ଆଲୋଚନା ଚକ୍ର ଓ କର୍ମଶାଳା ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । "ଜାତୀୟ ଶିକ୍ଷା ନୀତି ଓ ଗୁଣାତ୍ମକ ଶିକ୍ଷା" ଶୀର୍ଷକକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମ ଶିକ୍ଷକ ମାନଙ୍କ ମଧ୍ୟରେ ଶିକ୍ଷାର ଗୁଣବତା ବୃଦ୍ଧି ଓ ନୂତନ ଶିକ୍ଷା ନୀତିର ଉଦ୍ଦେଶ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ଉପକାରୀ ହୋଇଥିଲା । ଉଦ୍ଘାଟନୀ ଅଧିବେଶନରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ସେ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ ନୂତନ ଜାତୀୟ ଶିକ୍ଷା ନୀତି ଶିକ୍ଷା ବ୍ୟବସ୍ଥାକୁ ଆଧୁନିକ ଓ ଗୁଣାତ୍ମକ କରିବାରେ ମୁଖ୍ୟ ଭୂମିକା ନିଭାଉଛି ଏବଂ ଶିକ୍ଷକମାନେ ଏହି ପରିବର୍ତନର ମୂଳ ଶକ୍ତି ଭାବେ କାର୍ଯ୍ୟ କରୁଛନ୍ତି । ଏହି ଅବସରରେ ଜିଲ୍ଲା ଓଷ୍ଟା ସଭାପତି ବନ ବିହାରୀ ମେହେର ସଭାପତିତ୍ୱ କରିଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରଦୀପ୍ତ କୁମାର ଯୋଷୀ ଓ ଜିଲ୍ଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ସୁଶାନ୍ତ କୁମାର ବିଶି ମଂଚାସୀନ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ରବୀନ୍ଦ୍ରନାଥ ଯୋଷୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଆଲୋଚନା ଚକ୍ରର ଭିତିପତ୍ର ଉପସ୍ଥାପନ କରିଥିଲେ । ପ୍ରଭାତ ନଳିନୀ ବେହେରା ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିବା ବେଳେ କିଶୋର ଚନ୍ଦ୍ର ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ନୂଆପଡ଼ା ଜିଲ୍ଲା ଶିକ୍ଷାଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ ଓ ସର୍ବଭାରତୀୟ ବିଦ୍ୟାଳୟ ଶିକ୍ଷକ ମହାସଂଘର ଉପସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି ଆଲୋଚକ ଭାବେ ଯୋଗଦେଇ ଜାତୀୟ ଶିକ୍ଷା ନୀତିର ବିଭିନ୍ନ ପାର୍ଶ୍ୱ ଓ ଶିକ୍ଷାର ଗୁଣବତା ବୃଦ୍ଧି ସମ୍ପର୍କରେ ମତାମତ ପ୍ରକାଶ କରିଥିଲେ । ଏହି ଅବସରରେ ଓଷ୍ଟା ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଅଶ୍ୱିନୀ କୁମାର ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଓଷ୍ଟା ପକ୍ଷରୁ ସମ୍ମାନିତ କରାଯାଇଥିଲା । ସିମାଶ୍ରୀ ମହାପାତ୍ର ଓ କିଶୋର ଚନ୍ଦ୍ର ଯୋଷୀ ମାନପତ୍ର ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମ୍ପନ୍ନ କରିବାରେ ସୁବାଷ ଚନ୍ଦ୍ର ସାହୁ, ବିବେକାନନ୍ଦ ଭୋଇ, ରାଜ କୁମାର ତାଣ୍ଡି, ବସୁଦେବ ବିଶି, କାର୍ତିକେଶ୍ୱର ବୈଠାରୁ, ରମେଶ ଚନ୍ଦ୍ର ସା, ମମତା ପତି, ପ୍ରିୟା ମଞ୍ଜରୀ ବେହେରା, ପୂର୍ଣ୍ଣ ଚନ୍ଦ୍ର ମେହେର, ଭରତ ଚନ୍ଦ୍ର ବେହେରା, ଗଣେଶ ଯୋଷୀ, ସିମାଂଚଳ ଦାସ, ତପନ ବହିଦାର, ପାଣ୍ଡୁ ରାମ ପାଣ୍ଡେ, ମହତାବ ଗିରି, ଚତୁର୍ଭୁଜ ସିଂ ଦେଓ, ଚିତରଞ୍ଜନ ଦୁବେ ଓ ପରମେଶ୍ୱର କଠାରଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଷଷ୍ଠ ବାଳକୃଷ୍ଣ ମେମୋରିୟାଲ କ୍ରିକେଟ ଟୁର୍ନାମେଂଟ ଉଦଯାପିତ



ବଣାଇ, ୧୫/୩ (ଆ.ପ୍ର) : ବଣାଇଁଗଡ ବହୁମୁଖୀ ଖେଳପଡିଆ ଠାରେ ଷଷ୍ଠ ବାଳକୃଷ୍ଣ ମେମୋରିୟାଲ କ୍ରିକେଟ ଟୁର୍ନାମେଂଟ ଗତ ତିନି ଦିନ ଧରି ଚାଲିଥିବା ବେଳେ ଆଜି ରବିବାର ଦିନ ଉଦଯାପିତ ହୋଇଯାଇଛି । ଏହି କ୍ରିକେଟ ଖେଳର ମୁଖ୍ୟ ଆୟୋଜକ ବଣାଇଁ ବରିଷ୍ଠ ସମାଜସେବୀ ହରି ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇଁ ସମାଜସେବୀ ଧର୍ମ ବୀର ପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ପ୍ରଦୀପ ମିଶ୍ର, ହନୁମାନ କମିଟି ସଭାପତି ରୁଦ୍ର ଚରଣ ବାରିକ, ବରିଷ୍ଠ ସାମ୍ବାଦିକ ହବିବ ଖାନ, ରାଜେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଯୋଗ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସର୍ବ ପ୍ରଥମେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ଜଣାଇଥିଲେ । ପ୍ରଥମ ସେମିଫାଇନାଲ ମ୍ୟାଚରେ ସୁଆରପାଲି ଦଳ ସହିତ ଡାଉନ୍ ଖଣ୍ଡାଧାର ମଧ୍ୟରେ ହୋଇଥିବା ବେଳେ ଏଥିରେ ଡାଉନ୍ ଖଣ୍ଡାଧାର ଦଳ ଫାଇନାଲ୍ ଉତିର୍ଣ୍ଣ ହୋଇଥିଲେ ।ସେହିପରି ଦ୍ୱିତୀୟ ସେମିଫାଇନାଲ ଆକାଶ ଇଲେଭେନ ସହିତ ପଣ୍ଡା ଇଲେଭେନ ମଧ୍ୟ ଖେଳ ହୋଇଥିଲା । ଏଥିରେ ଆକାଶ ଇଲେଭେନ ଦଳ ଫାଇନାଲ୍‌କୁ ଉତିର୍ଣ୍ଣ ହୋଇଥିଲେ । ଶେଷରେ ଫାଇନାଲ ମ୍ୟାଚ ଆକାଶ ଇଲେଭେନ ଦଳ ସହିତ ଡାଉନ୍ ଖଣ୍ଡାଧାର ଦଳ ମଧ୍ୟରେ ହୋଇଥିବା ବେଳେ ଏଥିରେ ଆକାଶ ଇଲେଇଭେନ ବିଜୟୀ ହୋଇ ଗୌରବ ଅର୍ଜନ କରି ଚମ୍ପିଆନ୍ ହୋଇଥିଲା ।ଉକ୍ତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇଁଗଡ ହନୁମାନ କମିଟି ସଭାପତି ରୁଦ୍ର ଚରଣ ବାରିକ, ସ୍ୱତନ୍ତ୍ର ଅତିଥି ଭାବେ କାମାକ୍ଷାନଗର ସହରର ଜଣେ ଜଣାଶୁଣା ବ୍ୟବସାୟ ସନ୍ତୋଷ କୁମାର ମହାପାତ୍ର,କାମାକ୍ଷାନଗର ସମାଜସେବୀ ତଥା ବେବସାୟୀ ମଧୁସୂଦନ ବେହେରା, ସମ୍ମାନିତ ଅତିଥି ଭାବେ ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ଶିକ୍ଷକ ଗିରିଧାରୀ ସାହୁ, ବଣାଇଁ ବରିଷ୍ଠ ସାମ୍ବାଦିକ ହବିବ ଖାନ, ଗୁରୁଣ୍ଡିଆ କଲେଜ ଅଧ୍ୟାପକ ତପନ କୁମାର ଦଣ୍ଡିଆ, ସାମ୍ବାଦିକ ହେମନ୍ତ କୁମାର ପାତ୍ର ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ଉପବିଜେତା ଦଳଗୁଡ଼ିକୁ ଟ୍ରଫି ସହିତ ପୁରସ୍କୃତ କରାଯାଇଥିଲା । ଏହି କ୍ରିକେଟ ପ୍ରତିଯୋଗିତାରେ ଅମ୍ପିୟାର ଭାବେ ଆବାସ କୁମାର ବିଶ୍ୱାଳ ଓ ଅଶୋକ କୁମାର ସେଠ, ପ୍ରଶାନ୍ତ ପାତ୍ର, ଅରୁଣ ନାଏକ, ଜ୍ୟୋତି ଶଂକର ଦେହୁରୀ ଖେଳକୁ ପରିଚାଳନା କରୁଥିଲେ । ଉକ୍ତ କ୍ରିକେଟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସଭାପତି ଶିଶିର ରଞ୍ଜନ ମାହାନ୍ତି, ସମ୍ପାଦକ ସନ୍ତୋଷ କୁମାର କିସାନ ପ୍ରମୁଖ ଉପସ୍ଥିତ ରହି ଥିବା ବେଳେ ସଦସ୍ୟ ମାନେ ରଣଜିତ୍ ମୁଣ୍ଡା, ବୁଲୁ ବାରିକ, ସତ୍ୟ ରଞ୍ଜନ ମାହାନ୍ତି, ଅଭିନାଶ ସାହୁ ପ୍ରମୁଖ କ୍ରିକେଟ ଖେଳକୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହିତ ସହାୟତା କରିଥିଲେ ।

# ଯୁବ ପିଢ଼ିକୁ କ୍ରୀଡା ପ୍ରତି ଆକର୍ଷିତ କରିବାକୁ ମୁଲାବସା ବନ୍ଧରେ ଆଲୋଚନା

ସିନାପାଲି, ୧୫/୩ (ଆ.ପ୍ର) : ସିଙ୍ଗଝର ଅଂଚଳର ପ୍ରକୃତି ସୌନ୍ଦର୍ଯ୍ୟରେ ଘେରା ମୁଲାବସା ବନ୍ଧ ପରିସରରେ ରବିବାର ଦିନ ସ୍ଥାନୀୟ କ୍ରୀଡାପ୍ରେମୀ ଓ କ୍ରୀଡାବିତ ମାନଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ "ସ୍ପୋର୍ଟ୍ସ ଏନ୍ଥୁସିଆଷ୍ଟ୍ସ ମିଟ୍" ଆୟୋଜିତ ହୋଇଯାଇଛି । "United by Sports, Bonded by Friendship" ମନ୍ତ୍ରକୁ ଆଧାର କରି ଆୟୋଜିତ ଏହି ସମ୍ମିଳନୀରେ ଅଂଚଳର ବିଭିନ୍ନ କ୍ରୀଡା ଶାଖା ସହ ଜଡିତ ଅନେକ କ୍ରୀଡାବିତ, କ୍ରୀଡାପ୍ରେମୀ ଓ ସମାଜସେବୀମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ କ୍ରୀଡାବିତ୍ ମାନେ ପରସ୍ପର ସହ ମତ ବିନିମୟ କରିବା ସହ ଅଂଚଳରେ କ୍ରୀଡାର ବିକାଶ, ଯୁବ ପିଢ଼ିକୁ ଖେଳ ପ୍ରତି ଆକର୍ଷିତ କରିବା ଓ ନୂତନ ପ୍ରତିଭାମାନଙ୍କୁ ଆଗକୁ ଆଣିବା ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଶ୍ରୀ ଗଣେଶ ପୋଢ, ବୁଢ଼ାରଜା କ୍ରିକେଟ୍ କପ୍ ସିଙ୍ଗଝର ସମ୍ପାଦକ ଶ୍ରୀ ପ୍ରେମଚାନ୍ଦ ବୈଠାରୁ, ନଙ୍ଗଲବୋଡରୁ କ୍ରୀଡ଼ା ସଂଗଠକ ଦାଦୁ ଖାନ୍, କଳାହାଣ୍ଡି ଚିଟିଆ କ୍ରିକେଟ୍ ସଂଘର ସମ୍ପାଦକ ଶ୍ରୀ ସୁଜିତ ସରାଫ୍, ଛତିଶଗଡ଼ ଗୋହରପଦର୍‌ରୁ ଶ୍ରୀ ନରୋତମ ସିହ୍ନା, ଜିଲ୍ଲାର ଦୁଇ ବିଶିଷ୍ଟ କ୍ରୀଡାବିତ୍ ସିନାପାଲିରୁ ଶ୍ରୀ ପ୍ରକାଶ ପାତ୍ର ଏବଂ କୋମନାରୁ ଶ୍ରୀ ବିଶିକେସନ୍ ବାଗ ପ୍ରମୁଖ ମଂଚାସୀନ ଥିଲେ । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଭାଷ୍ୟକାର ଶ୍ରୀ ଧନଞ୍ଜୟ ମଲ୍ଲିକ ପରିଚାଳନା କରିଥିଲା ବେଳେ ଭାଷ୍ୟକାର ଶ୍ରୀ ଭୀମରାଜ୍ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲାର ଦୁଇ ବରିଷ୍ଠ କ୍ରୀଡ଼ାବିତ ଶ୍ରୀ ପ୍ରକାଶ ପାତ୍ର ଓ ଶ୍ରୀ ବିଶିକେଶନ ବାଗଙ୍କୁ ବିଗତ ଓସିଏ ଅମ୍ପାୟର- ୨୦୨୫ ପରୀକ୍ଷା ରେ କୃତକାର୍ଯ୍ୟ ପାଇଁ ସମ୍ମାନୀତ କରାଯାଇଥିଲା । ଏହି ସମ୍ମିଳନୀରେ ଅନେକ କ୍ରୀଡାବିତ ତାଙ୍କର ଅନୁଭବ ସେୟାର କରି ଯୁବ ଖେଳାଳି ମାନଙ୍କୁ ନିୟମିତ ଅଭ୍ୟାସ, ଶୃଙ୍ଖଳା ଓ ସମର୍ପଣ ଭାବନା ସହ କ୍ରୀଡାରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ । ସେହିପରି ଆଗାମୀ ଦିନରେ ଅଂଚଳରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା, ପ୍ରଶିକ୍ଷଣ ଶିବିର ଓ କ୍ରୀଡା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ମତ ପ୍ରକାଶ କରିଥିଲେ ।



ସେଇଠୁ ଆରମ୍ଭ
SEITHO ARAMBHA



ସୋମବାର, ୧୬ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩


# ଉନ୍ମୋଚିତ ହେଲା ଯୁବ ଲେଖକ ପ୍ରବୀଣ କୁମାର କବିଙ୍କ ପ୍ରଥମ ଇଂରାଜୀ ଉପନ୍ୟାସ 'ଉଇ ବିକେମ୍ ଏ ପୋଏମ୍'




ବାଲେଶ୍ୱର, ୧୫/୦୩ (ଆ.ପ୍ର) : ଯୁବ ଲେଖକ ପ୍ରବୀଣ କୁମାର କବିଙ୍କ ପ୍ରଥମ ଇଂରାଜୀ ଉପନ୍ୟାସ 'ଉଇ ବିକେମ୍ ଏ ପୋଏମ୍' ଘସିପୁରା ସ୍ଥିତ ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲ୍ ପରିସରରେ ଏକ ସାହିତ୍ୟିକ ଓ ସୃଜନଶୀଳ ପରିବେଶରେ ଉନ୍ମୋଚିତ ମୋଚନ ହୋଇଯାଇଛି । ଏହି ଅବସରରେ ଅତିଥିମାନେ ଉପନ୍ୟାସର ସାହିତ୍ୟିକ ମୂଲ୍ୟ ଓ ରଚନାଶୈଳୀ ବିଷୟରେ ଆଲୋଚନା କରିଥିଲେ । ଏଥିରେ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଡକ୍ଟର ପ୍ରଦୀପ କୁମାର ମହାନ୍ତି, ଅଧ୍ୟାପକ ଓ କବି ନିରଞ୍ଜନ ପତି, ପ୍ରସିଦ୍ଧ କବି ଡକ୍ଟର ଅଶୋକ ପୁହାଣ ଓ 'ଶୁଭପଲ୍ଲବ' ପ୍ରକାଶନର ନିର୍ଦ୍ଦେଶକ ଏବଂ ଉପନ୍ୟାସର ପ୍ରକାଶକ ସଂଗ୍ରାମ କେଶରୀ ସେନାପତି ଉପସ୍ଥିତ ରହି ଗ୍ରନ୍ଥଟିର ବିଷୟବସ୍ତୁ, କାହାଣୀର ଗଠନ ଓ ସାହିତ୍ୟିକ ମୂଲ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଅତିଥିମାନେ ତାଙ୍କ ମତାମତରେ କହିଥିଲେ ଯେ ଉପନ୍ୟାସଟି ମାନବୀୟ ଭାବନା, ନିରବ ପ୍ରେମ ଓ ସମ୍ପର୍କର ସୂକ୍ଷ୍ମ ଜଟିଳତାକୁ ଏକ କାବ୍ୟମୟ ଓ ଅଭିବ୍ୟକ୍ତିମୟ ଶୈଳୀରେ ସୁନ୍ଦର ଭାବରେ ଲେଖକ ଉପସ୍ଥାପନ କରିଛନ୍ତି । ପ୍ରସିଦ୍ଧ ଓଡ଼ିଆ ପ୍ରଚ୍ଛଦପଟ୍ଟ ଗାୟକ ସତ୍ୟଜିତ୍ ଜେନା ଓ ଶୁଭଶ୍ରୀ ଜେନା ବିଶେଷ ଅତିଥି ଭାବେ ଯୋଗଦେଇ ଅନ୍ୟାନ୍ୟ ଅତିଥିମାନଙ୍କ ସହ ଉପନ୍ୟାସଟିକୁ ଔପଚାରିକ ଭାବେ ଉନ୍ମୋଚନ କରିଥିଲେ । ଏହି ଅବସରରେ ପୁସ୍ତକର ଲେଖକ ପ୍ରବୀଣ କୁମାର କବି ନିଜସ୍ୱ ଅଭିବ୍ୟକ୍ତିରେ କହିଥିଲେ ଯେ ଏହି ଉପନ୍ୟାସ ତାଙ୍କ ଦୀର୍ଘଦିନର ଭାବନା, ଅନୁଭବ ଓ ନିରବ ସଂଘର୍ଷର ଫଳଶ୍ରୁତି । ପ୍ରେମ, ଦୂରତ୍ୱ ଓ ମାନବ ସମ୍ପର୍କର ସୂକ୍ଷ୍ମ ଅନୁଭୂତିକୁ ଉପସ୍ଥାପନ କରି ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବା ହେଉଛି ଏହି କାହାଣୀ ଲେଖିବାର ପ୍ରୟାସ ବୋଲି ସେ କହିଥିଲେ । ଅଧ୍ୟାପିକା ପ୍ରିୟଙ୍କା କାର୍ଯ୍ୟକ୍ରମଟିକୁ ସଂଚାଳନା କରିଥିବା ବେଳେ ବରିଷ୍ଠ ଅଧ୍ୟାପିକା ସବିତା ରାଣୀ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଲେଖକ ଉପସ୍ଥିତ ସମସ୍ତ ଶିକ୍ଷକ, ସାହିତ୍ୟିକ ଓ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମଟିକୁ ସଫଳ କରିଥିବାରେ କୃତଜ୍ଞତା ପ୍ରକାଶ କରିଥିଲେ ଆୟୋଜକ ।

# ପିଲା ଚୋର ସନ୍ଦେହରେ ତିନି ଜଣଙ୍କୁ ଥାନାରେ ଅଟକ

ବାଲିଆପାଳ, ୧୫/୦୩ (ଆ.ପ୍ର) : ବାଲିଆପାଳ ଥାନା ବଡାସ ପଂଚାୟତର ସାରପଞ୍ଜା ଗ୍ରାମରେ ପିଲା ଚୋର ସନ୍ଦେହରେ ୩ ଜଣକୁ ଅଟକ ରଖି ଜାମକୁଣ୍ଡା ଫାଣ୍ଡିରେ ଜିମା ଦେଲେ ଗ୍ରାମବାସୀ । କାର୍ଯ୍ୟାନୁଷ୍ଠାନ ଶୂନକୁ ନେଇ ଫାଣ୍ଡି ପରିସରରେ ଉତେଜନା ଜାରି । ସୁଚନା ଅନୁସାରେ ଆଜି ସାରପଂଚା ଗ୍ରାମରେ ପାଖାପାଖି ୧୨ଟା ସମୟରେ କିଛି ପିଲା ନିଜ ବାଡିରେ ଖେଳୁଥିବା ସମୟରେ ତିନି ଜଣ ଜୈନିକ ବ୍ୟକ୍ତି ଚାଦର ଘୋଡାଇ ହୋଇ ଗାଁ ରାସ୍ତାରେ ବୁଲାବୁଲି କରୁଥିଲେ ଏବଂ ଖେଳୁଥିବା ପିଲାଙ୍କୁ ହାତ ଠାରି ଡାକୁଥିବା ସମୟରେ ପିଲାଙ୍କ ମାଙ୍କୁ ସନ୍ଦେହ ହୋଇଥିଲା । ପିଲାଙ୍କ ମା ସାଇପଡିଶାଙ୍କୁ ଡାକିଥିଲେ, ଗ୍ରାମବାସୀ ମାନେ ସେମାନଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସନ୍ଦେହ ଜୋର ହୋଇଥଲା । ଜୈନିକ ବ୍ୟକ୍ତିଙ୍କ



ପ୍ୟାକେଟ୍ ରୁ ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ସମେତ ଦୁଇ ଦୁଇଟା ଆଧାର କାର୍ଡ ଛୋଟ ବୋତଲ ରେ କିଛି ପାଣି ଔଷଧ, ବିଭିନ୍ନ ପ୍ରକାର ସିମ ଏବଂ କଲଗେଟ ସହିତ ତିନି ଜଣ ବ୍ୟକ୍ତିଙ୍କୁ ଜାମ କୁଣ୍ଡା ଫାଣ୍ଡି ରେ ଜିମା ଦେଇଥିଲେ । ଦୀର୍ଘ ଦିନରୁ ଏହି ପିଲା ଚୋରଙ୍କ ସଂଖ୍ୟା ବଢୁଥିବା ନେଇ ପୋଲିସ ଗ୍ରାମବାସୀ ପୋଲିସକୁ ଦାୟି କରିବା ସହିତ ଉତେଜନା ସୃଷ୍ଟି ହୋଇଥିଲା । ବାଲିଆପାଳର ସବ୍ ଇନ୍ସପେକ୍ଟର ଶୁଭସ୍ମିତା ପାଳ ଏବଂ ତାଙ୍କ ପହଂଚି ବ୍ୟକ୍ତି ମାନଙ୍କୁ ବାଲିଆପାଳ ଥାନାକୁ ଆଣି ଅଧିକ ତଦନ୍ତ ଜାରି ରଖିଛନ୍ତି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ସୁସ୍ଥାୟୀ ଭବିଷ୍ୟତ ପାଇଁ ଜୀବ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଓ ନବୀନତା' ବିଷୟରେ ଜାତୀୟ ସମ୍ମିଳନୀ ଅନୁଷ୍ଠିତ




ନୀଳଗିରି, ୧୫/୦୩ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତର ଜୀବବିଜ୍ଞାନ ଓ ଜୀବ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ "ସୁସ୍ଥାୟୀ ଭବିଷ୍ୟତ ପାଇଁ ଜୀବ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଓ ନବୀନତା" ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମୁଖ୍ୟ ପୃଷ୍ଠପୋଷକତା ଓ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ସହ-ପୃଷ୍ଠପୋଷକତାରେ ଆୟୋଜିତ ହୋଇଥିଲା । ମୁଖ୍ୟ ବକ୍ତବ୍ୟ ପ୍ରଦାନ କରି ଆଇସିଏଆର୍-କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ, କଟକର ଡ଼କ୍ଟର ସଂଘମିତ୍ରା ସାମନ୍ତରାୟ, ସୁସ୍ଥାୟୀ କୃଷି ଓ ପରିବେଶୀୟ ସ୍ଥିରତା ସୁନିଶ୍ଚିତ କରିବାରେ ଜୀବ ପ୍ରଯୁକ୍ତିବିଦ୍ୟାର ଭୂମିକା ଉପରେ ଆଲୋକପାତ କରିଥିଲେ । ବିଭାଗର ସହଯୋଗୀ ପ୍ରଫେସର ଓ ବିଭାଗାଧ୍ୟକ୍ଷ ଡ଼କ୍ଟର ଭରତ ଭୂଷଣ ପଟ୍ଟନାୟକ ସମ୍ମିଳନୀର ସମ୍ମିଳନାଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିବାବେଳେ ସହାୟକ ପ୍ରଫେସର ଡ଼କ୍ଟର ପୁନମ କୁମାରୀ ଆୟୋଜକ ସଚିବ ଭାବେ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ । ଡ଼କ୍ଟର ଏଲସା ପଣ୍ଡିତ ସହ-ସମ୍ମିଳନାଧ୍ୟକ୍ଷ ଓ ଡ଼କ୍ଟର ସୁଭାଶ୍ରୀ ମହାଲିକ ସଂଯୁକ୍ତ ଆୟୋଜକ ସଚିବ ଭାବେ ସହଯୋଗ କରିଥିଲେ । ଏହି ସମ୍ମିଳନୀ ମାଧ୍ୟମରେ ବୈଜ୍ଞାନିକ, ଗବେଷକ ଓ ଶିକ୍ଷାବିତ୍ ମାନେ ବିଭିନ୍ନ ପ୍ରକାରର ପ୍ରଦୂଷଣ, ପ୍ରାକୃତିକ ସମ୍ପଦ ହ୍ରାସ, ଜଳବାୟୁ ପରିବର୍ତ୍ତନ, ଅବଶିଷ୍ଟ ପଦାର୍ଥ ପରିଚାଳନା, ପରିସ୍ଥିତିତନ୍ତ୍ର ପୁନରୁଦ୍ଧାର ଓ ସର୍କୁଲାର ବାୟୋଇକୋନୋମି ପରି ବିଶ୍ୱବ୍ୟାପୀ ସମସ୍ୟାବଳୀ ପାଇଁ ନବୀନ ଜୀବ ପ୍ରଯୁକ୍ତିଭିତିକ ସମାଧାନ ଉପରେ ଚର୍ଚ୍ଚା କରିଥିଲେ । ସମ୍ମିଳନୀରେ ମେରାଇନ ବାୟୋଟେକ୍ନୋଲୋଜି ବିଷୟରେ ଏକ ବିଶେଷ ପ୍ରାୟୋଗିକ ଅଧିବେଶନ ଆୟୋଜିତ ହୋଇଥିଲା । ଏଥିରେ ଜିନୋମିକ୍ସ, ବାୟୋଏକ୍ଟିଭ୍ ଯୋଗ, ଆକ୍ୱାକଲ୍ଚର ଉନ୍ନତି ଓ ବାୟୋରିମେଡିଏସନ୍‌ର ନବୀନ ଅଗ୍ରଗତି ସହିତ ଓଡିଶା ମେରିନ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଏଣ୍ଡ ଇନୋଭେସନ୍ କରିଡୋର (ଓମବ୍ରିକ) ଦ୍ୱାରା ବ୍ଲୁ ଇକୋନୋମିକୁ ସଶକ୍ତ କରିବାର ସମ୍ଭାବନା ଉପରେ ଆଲୋଚନା କରାଯାଇଥିଲା । ଏହାଛଡ଼ା ପରିବେଶ ଜୀବ ପ୍ରଯୁକ୍ତିବିଦ୍ୟା, ଔଷଧ ଜୀବ ପ୍ରଯୁକ୍ତିବିଦ୍ୟା, ବାୟୋଏନର୍ଜି ଓ କାର୍ବନ୍-ନିରପେକ୍ଷ ପ୍ରଯୁକ୍ତି, କୃଷି ଜୀବ ପ୍ରଯୁକ୍ତିବିଦ୍ୟା, ସିନ୍ଥେଟିକ୍ ବାୟୋଲଜି ଓ ସସ୍ଥାୟୀ ଉନ୍ନୟନ ଲକ୍ଷ୍ୟସମୂହ ସମ୍ବନ୍ଧୀୟ ବିଭିନ୍ନ ବିଷୟକ୍ଷେତ୍ର ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହା ସମ୍ମିଳନୀ ତଥା ବିବିଧ ବିଷୟଗୁଡ଼ିକର ଆଲୋଚନା ମାଧ୍ୟମରେ ଗବେଷଣାତ୍ମକ ନିଷ୍କର୍ଷ ସହ ଛାତ୍ରଛାତ୍ରୀଙ୍କ ପାଇଁ ଭବିଷ୍ୟତରେ ପରିବେଶମୂଳକ ଓ ବ୍ୟାପକ ଭାବେ ପ୍ରୟୋଗଯୋଗ୍ୟ ଜୀବ ପ୍ରଯୁକ୍ତିମୂଳକ ସମାଧାନ ପାଇଁ ସହଯୋଗୀତାକୁ ଉତ୍ସାହିତ କରାଯାଇପାରିଛି ।

# ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଚାଲୁ ରହିବ

## ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସମିତିର ୩ୟ ଜିଲ୍ଲା ସମ୍ମିଳନୀରେ ଆହ୍ୱାନ




ବାଲେଶ୍ୱର, ୧୫/୦୩ (ଆ.ପ୍ର) : ଉତର ଓଡ଼ିଶାର କେନ୍ଦ୍ରସ୍ଥଳ ବାଲେଶବରରେ କୃଷି ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ସରକାର ଘୋଷଣା ନକରିବା ପର୍ଯ୍ୟନ୍ତ ଜିଲ୍ଲାବାସୀ ଐକ୍ୟବଦ୍ଧ ଆନ୍ଦୋଳନ ଚଳାଇ ରଖିବାକୁ ରବିବାରଦିନ ବାଲେଶ୍ୱର ଷ୍ଟେସନ ସଭାଗୃହରେ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ୩ୟ ବାର୍ଷିକ ଜିଲ୍ଲା ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି । ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀର ସାଧାରଣ ସଭାରେ ସାଧାରଣ ସଂପାଦକ ଅଭୟ ମିଶ୍ର ବିବରଣୀ ଓ କୋଷାଧ୍ୟକ୍ଷ ଭାସ୍କର ଚନ୍ଦ୍ର ପାଢ଼ୀ ଆୟବ୍ୟୟର ବିବରଣୀ ଉପସ୍ଥାପିତ କରିଥିଲେ । ଅତିଥି ଓ ବକ୍ତାଭାବେ ଯୋଗଦେଇ ବାଲେଶ୍ୱର ଜିଲ୍ଲା ପରିଷଦର ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶଙ୍କ ସମେତ ସମିତିର ବିଭିନ୍ନ ଆଂଚଳିକ କମିଟି ଓ ବିଭିନ୍ନ ଗଣ ସଂଗଠନ ପକ୍ଷରୁ ଦିଲ୍ଲୀପ ଗିରି, ଗୋବିନ୍ଦ ଚନ୍ଦ୍ର ଭୋଇ, ମହେଶ୍ୱର ପଣ୍ଡା, ଦାମୋଦର ନାୟକ, କବି ଡ. କାଳିପଦ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, କୁମୁଦ ରଂଜନ ଗିରି, ଚକ୍ରଧର ଦାସ, ଷ୍ଟାଲିନ୍ ମିଶ୍ର, ଭାରତୀ ପଣ୍ଡା, ବିଧାନ ରାୟ ଓ ହରେନ୍ ରଣା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ବାଲେଶ୍ୱର ଜିଲ୍ଲାବାସୀଙ୍କ ଦାବିପ୍ରତି ସରକାର ଅବହେଳା ପ୍ରଦର୍ଶନ କରୁଥିବାର ଦର୍ଶାଇଥିଲେ । ବାଲେଶ୍ୱରରେ ବିଶ୍ୱ ବିଦ୍ୟାଳୟ ହେଉ କିମ୍ବା ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଦାବି ହାସଲ ପାଇଁ ଦୀର୍ଘଦିନ ଧରି ବାଲେଶ୍ୱରବାସୀଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରିବାକୁ ପଡ଼ିଥିଲା । ଧାନ, ପାନ, ମୀନ ଓ ଜ୍ଞାନର ଭଣ୍ଡାର ଭାବେ ବାଲେଶ୍ୱର ସୁପରିଚିତ । କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାର ବାଲେଶ୍ୱରବାସୀଙ୍କ ଦାବିପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ । ବାଲେଶ୍ୱରର ସାଂସଦ ଓ ବିଧାୟକ ଗଣ ଏହି ଦାବିକୁ ସମର୍ଥନ ଜଣାଉଛନ୍ତି । କିନ୍ତୁ ରାଜ୍ୟର ଅନ୍ୟ ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରୀ ଘୋଷଣା ବାଲେଶ୍ୱରବାସୀଙ୍କୁ ବିସ୍ମିତ କରିଛି ବୋଲି ସମିତିର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ପ୍ରକାଶ କରିଥିଲେ । ତେଣୁ ଆଗାମୀ ସମସ୍ତ ଗଣତାନ୍ତ୍ରିକ ଆନ୍ଦୋଳନରେ ଅଧିକ ସଂଖ୍ୟାରେ ଯୁବଛାତ୍ରମାନଙ୍କୁ ସାମିଲ କରିବାକୁ ସେ ଆହ୍ୱାନ ଦେଇଥିଲେ । ଆସନ୍ତା ଦୁଇବର୍ଷ ପାଇଁ ନିର୍ବାଚିତ କର୍ମକର୍ତାଙ୍କ ନାମ ତାଲିକାକୁ ପ୍ରଫୁଲ୍ଲ କୁମାର ଦାସ ପାଠ କରିଥିଲେ । ଆଗାମୀ ବର୍ଷ ପାଇଁ ହରନାରାୟଣ ମଡୁଆଳ ଲଗାତର ଆନ୍ଦୋଳନ ନିମିତ୍ତ ବିଭିନ୍ନ ପ୍ରସ୍ତାବ ଆଗତ କରିବା ପରେ ଏହା ଗୃହୀତ ହୋଇଥିଲା । ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପ ଓ ଧୂପଦୀପ ପ୍ରଦାନ କରିବା ପରେ ସମ୍ମିଳନୀର ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଉପସ୍ଥିତ ପ୍ରତିନିଧି ଓ ଅତିଥିମାନେ ସମ୍ମିଳିତ ଭାବେ ଜାତୀୟ ସଙ୍ଗୀତ ଗାନ କରିଥିଲେ । ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଅତିଥିମାନଙ୍କୁ ମଞ୍ଚଆହ୍ୱାନ କରିଥିଲେ । ସରସ୍ୱତୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସମଗ୍ର ଜିଲ୍ଲାରୁ ଶତାଧିକ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶ୍ୟାମସୁନ୍ଦର ଜେନା, କ୍ରିଷ୍ଣା ସାହା, ସଂଯୁକ୍ତା ବେହେରା ଓ ବିଜନ ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବେଆଇନ ବାଲି ଉତୋଳନ ବେଳ ପୋଲିସ ଓ ଖଣି ବିଭାଗର ଚଢ଼ାଉ

## ୪ ଟ୍ରାକ୍ଟର, ଗୋଟିଏ ଜେସିବି ସହିତ ୩ ଅଟକ

ବାଲିଆପାଳ, ୧୫/୦୩ (ଆ.ପ୍ର) : ବେଆଇନ ବାଲି ଚାଲାଣ ରୋକିବା ପାଂଇ ଆକ୍ସନ ମୁଡ୍‌ରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ, ବିଳମ୍ବିତ ରାତିରେ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ବାଲିଆପାଳ ଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀପଠାର ବାଲିଆପାଳ ତହସିଲର ଗୁହାଳପାଳ ଓ ଜଳେଶ୍ୱର ତହସିଲର କଂଟାପାଳ ମୌଜାରେ ଗଢି ଉଠିଥିବା ଚୋରା ବାଲି ଆଡ୍ଡା ଉପରେ ଚଢ଼ଉ କରି ଚଢଉ କରି ୪ଟି ଟ୍ରାକ୍ଟର ଏବଂ ଗୋଟିଏ ଜେସିବି ଜବଦ କରିଛନ୍ତି,ଏହି ଠାରେ ବେଆଇନ ଭାବରେ ବାଲି ଗଚ୍ଛିତ କରି ଚୋରା ଚାଲାଣ ହେଉଥିବା ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଚାନକ ଚଢଉ କରା ଯାଇ ଥିଲା, ବାଲେଶ୍ୱର ଅତିରିକ୍ତ ଏସପି ତତ୍ୱାବଧାନରେ ବସ୍ତା ଏସଡିପିଓ ମାନସ ଦେ, ଏବଂ ଡ଼ିଆଇଜିଙ୍କ ନେତୃତ୍ୱରେ ଦଶ ଜଣିଆ ଟିମ ପୁଲିସ ଫୋର୍ସ ଚଢ଼ଉରେ ସାମିଲ ହୋଇଥିଲେ ତେବେ ଏହି ବେଆଇନ ବାଲି ସୌମ୍ୟଦୀପ ଚକ୍ରବର୍ତୀଙ୍କର ବୋଲି ଜଣାଯାଇଛି । ଏଠାରେ ୧୦,୦୦୦୦ ସିଏମରୁ ଉର୍ଦ୍ଧ ବାଲି ମହଜୁଦ ରହିଛି । ଖଣି ଅଧିକାରୀ ସତ୍ୟ ଚିନ୍ମୟ ଜେନା କହିଛନ୍ତି । ସୂଚନାଯୋଗ୍ୟ ଏହି ବାଲି ମାଫିଆ ଜଣଙ୍କ ସ୍ଥାନୀୟ ଅଂଚଳର କିଛି ଅସାଧୁ ପ୍ରଶାସନିକ ଅଧିକାରୀଙ୍କୁ ହାତବାରିଶ କରି ପ୍ରତିଦିନ ଶହ ଶହ ଟ୍ରିପ ବାଲି ଉଠାଇ ପଡୋଶୀ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଥିଲା । ତେବେ ଜିଲା ପ୍ରଶାସନର ଏଭଳି କାର୍ଯ୍ୟକୁ ନେଇ ସାଧାରଣରେ ସ୍ୱାଗତ କରାଯାଇଛି । ତେବେ ବାଲିଆପାଳ ବ୍ଲକରେ ଗଢ଼ି ଉଠିଥିବା ଏକାଧିକ ବେଆଇନ ଇଟାଭାଟି ଉପରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତା ଉପରେ ସମସ୍ତଙ୍କ ନଜର ରହିଛି ।

# ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ବାଧାପ୍ରାପ୍ତ ହେଉଛି ସରକାରୀ କାର୍ଯ୍ୟ

## ବିଭିନ୍ନ ସରକାରୀ ଅଫିସକୁ ଆସୁଥିବା ଜନସାଧାରଣ ହଇରାଣ ହେଉଛନ୍ତି






ବାଲେଶ୍ୱର, ୧୫/୦୩ (ଆ.ପ୍ର) : ରାଜ୍ୟ ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଆନ୍ଦୋଳନ ଯୋଗୁଁ ଜିଲ୍ଲା ସଦର ମହକୁମା ସହ ସମସ୍ତ ବ୍ଲକର ସମସ୍ତ ସରକାରୀ ବିଭାଗର କାର୍ଯ୍ୟ ଦିନକୁଦିନ ଠପ ହେବାରେ ଲାଗିଛି । ସ୍ୱାସ୍ଥ୍ୟ, ଜଙ୍ଗଲ, ଶିକ୍ଷା, ତହସିଲ, ବ୍ଲକ,ସାହିତ୍ୟ ଓ ସଂସ୍କୃତି ବିଭାଗ ସମେତ ସମସ୍ତ ସରକାରୀ ବିଭାଗକୁ ଆସୁଥିବା ଜଣସାଧାରଣଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ବିଗତ ବର୍ଷଠାରୁ ପ୍ରତିଶୃତି ଦେଇ କର୍ମଚାରୀଙ୍କ ପାଇଁ ସରକାର କୌଣସି ସୁବିଧାସୁଯୋଗ ଯୋଗେଇଦେଇ ନାହାନ୍ତି, କର୍ମଚାରୀଙ୍କୁ ଛଟେଇ କରୁଛନ୍ତି । ତେଣୁ ବାଧହୋଇ କର୍ମଚାରୀମାନେ ଆଜକୁ ୬ ଦିନ ହେବ ଡହଡହ ଖରାରେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଆନ୍ଦୋଳନରେ ବସିଛନ୍ତି । ସରକାର ଲିଖିତ ପ୍ରତିଶୃତି ସହ ନିର୍ଦ୍ଦେଶନାମା ଜାରିକଲେ କର୍ମଚାରୀମାନେ ପୁଣି କାର୍ଯ୍ୟକ୍ଷେତ୍ରରେ ଯୋଗଦାନ କରିବେ ବୋଲି ମହାସଂଘର ରାଜ୍ୟ ଗଣମାଧ୍ୟମ ସଂଯୋଜକ ସାନୁ କୁମାର ଶାସମଲ କହିଛନ୍ତି । ରାଜ୍ୟ ସରକାର ତୁରନ୍ତ ମହାସଂଘ ସହ ଆଲୋଚନା କରି ସରକାରୀ କାର୍ଯ୍ୟ ସ୍ୱଭାବିକ କରିବାକୁ ଜିଲ୍ଲା ସଭାପତି ମନୋଜ ରାଉତ କହିଛନ୍ତି । ଆଉଟସୋର୍ସିଂ କର୍ମଚାରୀଙ୍କ ଦାବି ଯଥାର୍ଥ, ତେଣୁ ସରକାର ଯଥାଶୀଘ୍ର ଦାବି ଉପରେ ବିଚାରକରି ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବୁଦ୍ଧିଜୀବୀ ମୋହଲରେ ଆଲୋଚନା ହେଉଛି ।

# ଫାଶୀ ଲଗାଇ ନାବାଳିକା ମୃତ୍ୟୁ



ଭୋଗରାଇ, ୧୫/୦୩ (ଆ.ପ୍ର) : ଭୋଗରାଇ ବ୍ଲକ ରସିଦପୁର ଗ୍ରାମର ଖଗେନ୍ଦ୍ର ସାହୁଙ୍କ ଝିଅ ସବିତା ସାହୁ (୧୬) ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି । ଶନିବାର ରାତିରେ ପରିବାର ଲୋକ ଖାଇ ସାରି ରାତିରେ ଶୋଇଯାଇଥିଲେ । ସକାଳେ ଝିଅ ସବିତା ଘର ଆଗ ଆମ୍ବ ଗଛରେ ପ୍ଲାଷ୍ଟିକ ରସିରେ ଝୁଲୁଥିବା ବାପା ଦେଖିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଭୋଗରାଇ ପୁଲିସ ପହଂଚି ଶବ ଜବତ କରିବା ସହିତ ୮/୨୬ ଅପମୃତ୍ୟୁ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଚାଲିଥିବା ସୂଚନା ମିଳିଛି ।

# ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ବାଲିଆପାଳ, ୧୫/୦୩ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଜନନୀ ପରିବାର ମହିଳା ସଂଗଠନ ପକ୍ଷରୁ ପୁରୁଣା ବସଷ୍ଟାଣ୍ଡ ଠାରେ ଆନ୍ତର୍ଜାତୀୟ ମହିଳା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ସଂଗଠନର ସଭାପତି ଆଇନଜୀବି ଜ୍ୟୋତ୍ସ୍ନା ରାଣୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବସ୍ତା ଏସଡିପିଓ ମାନସ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀ ମାନେ ଶିକ୍ଷିତ, ସ୍ୱାବଲମ୍ବୀ ହୋଇ ନିଜର ଅଧିକାରକୁ ସାବ୍ୟସ୍ତ କରି ସମାଜରେ ବଂଚିବା ଏବଂ ଅନ୍ୟ ମାନଙ୍କ ପାଖରେ ପ୍ରେରଣାର ଉତ୍ସ ସାଜିବାର ଆବଶ୍ୟକତା ରହିଛି ବୋଲି କରିଥିଲେ । ମୁଖ୍ୟ ବକ୍ତା ଭାବେ ସମାଜସେବୀ ସତ୍ୟକାମ ମହାନ୍ତି, ସମ୍ମାନିତ ଅତିଥି ଭାବେ ବାଲିଆପାଳ ଥାନାରେ ସବ୍‌ଇନ୍ସପେକ୍ଟର ଶୁଭସ୍ମିତା ପାଲ୍, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ସନ୍ୟାସୀ ବେହେରା ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀ, ରାହ୍ୱ ସଂଗଠନର ମୁଖ୍ୟ ଆରତୀ ପାତ୍ର, ଶିକ୍ଷୟିତ୍ରୀ ଅଞ୍ଜଳି ମହାନ୍ତି, ବରିଷ୍ଠ ସଦସ୍ୟା ବିଷ୍ଣୁପ୍ରୀୟା ମହାପାତ୍ର ପ୍ରମୁଖ ଯୋଗଦେଇ ଆନ୍ତର୍ଜାତିକ ମହିଳା ଦିବସ ସମ୍ପର୍କରେ ଆଲୋଚନା କରିଥିଲେ । ଅତିଥି ପରିଚୟ ଓ ମଂଚ ଆହ୍ୱାନ ସଂଗଠନର ସକ୍ରିୟ ସଦସ୍ୟା ସ୍ନେହଲତା ବେହେରା କରିଥିବା ବେଳେ ସଦସ୍ୟା ସୁଭଦ୍ରା ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ । ସଂଗଠନର ସଦସ୍ୟା ଲକ୍ଷ୍ମୀ ପ୍ରୀୟା ବେହେରା, କବିତା ବଡ଼େଇ,ମଞ୍ଜୁଲତା ବାରିକ, ସୁମନ୍ତି ଘଡ଼େଇ, ଲକ୍ଷ୍ମୀ ପ୍ରୀୟା ଦଳାଇ, ସୁମନ୍ତି ଦଳାଇ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ମହା ଆଡ଼ମ୍ବରରେ ହିନ୍ଦୁ ନବବର୍ଷ ପାଳନ ପାଇଁ ପ୍ରସ୍ତୁତି ଜୋରଦାର

## ପଥ ଉତ୍ସବ ସହ ଦିବସ ବ୍ୟାପୀ ଆୟୋଜିତ ହେବ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ବାଲେଶ୍ୱର, ୧୫/୦୩ (ଆ.ପ୍ର) : ଆସନ୍ତା ଇଂରାଜୀ ମାର୍ଚ୍ଚ ୧୯ତାରିଖ କଳି ଯୁଗାବ୍ଦ ୫୧୨୮ ବିକ୍ରମସମ୍ୱତ ୨୦୮୩ ଚୈତ୍ର ଶୁକ୍ଳ ପ୍ରତିପଦା ଅବସରରେ ବାଲେଶ୍ୱର ସହରରେ ହିନ୍ଦୁ ନବ ବର୍ଷ ପାଳନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ହିନ୍ଦୁ ନବ ବର୍ଷ କମିଟି ଆନୁକୁଲ୍ୟରେ ଏହି ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହିତ ପାଳନ ହେବା ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କମିଟିର କର୍ମକର୍ତାମାନେ ସୂଚନା ଦେଇଛନ୍ତି । ଦୁଇ ଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିବସ ଅର୍ଥାତ ମାର୍ଚ୍ଚ ୧୮ ତାରିଖ ସ୍ଥାନୀୟ ଫକୀର ମୋହନ ଗୋଲେଇ ଠାରେ ସନ୍ଧ୍ୟା ଆରତୀ ସହ ଉତ୍ସବର ଶୁଭାରମ୍ଭ ହେବ । ପରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ବୌଦ୍ଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ୧୯ତାରିଖ ସକାଳ ସହରର ଫକୀର ମୋହନ ଗୋଲେଇ ଠାରୁ ଷ୍ଟେସନ ଛକ ରାସ୍ତାର ଗୋଟିଏ ପାର୍ଶ୍ୱରେ ପଥ ଉତ୍ସବ ଆୟୋଜିତ ହେବ । ସକାଳ ୫ଟା ୩୦ରୁ ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ଅନୁନ୍ୟ ୨୯ଟି ମଂଚରେ ଭାରତୀୟ ସଂସ୍କୃତି ଓ ପରମ୍ପରା ସମ୍ବଳିତ ଦେବ ପାଠ, ଗୀତା ପାଠ ସଙ୍କୀର୍ତନ, ଯଜ୍ଞାଦି କର୍ମ କାଣ୍ଡ, ପାରମ୍ପରିକ ନୃତ୍ୟ, ସଙ୍ଗୀତ, ଆତ୍ମରକ୍ଷା କୌଶଳ, ରଙ୍ଗୋଲି ପ୍ରଭୃତି ପ୍ରଦର୍ଶିତ ହେବ । ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପୁରସ୍କାର ବିତରଣ ସହିତ ସୌହର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ହିନ୍ଦୁ ପରିବାରଙ୍କ ମଧ୍ୟରେ ସନାତନ ସଂସ୍କୃତିକୁ ନେଇ ଜାଗରଣ ସୃଷ୍ଟି ପାଇଁ ବାଲେଶ୍ୱରରେ ବିଗତ ୭ବର୍ଷ ଧରି ଏହି ଉତ୍ସବ ପାଳିତ ହେଉଥିବା ବେଳେ ଚଳିତ ବର୍ଷ ଏହାକୁ ମହା ଆଡମ୍ବର ସହକାରେ ପାଳନ ପାଇଁ ନିଷ୍ପତି ହୋଇଥିବା କମିଟିର କର୍ମକର୍ତାମାନେ ପ୍ରକାଶ କରିଛନ୍ତି । ବାଲେଶ୍ୱରବାସୀ ବହୁ ସଂଖ୍ୟାରେ ହିନ୍ଦୁ ନବ ବର୍ଷ ପାଳନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ପାଇଁ କମିଟିର ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ସମ୍ପାଦକ ପ୍ରଶାନ୍ତ ମହାନ୍ତି, ଉପସଭାପତି ମଧୁସୂଦନ ହୋତା, ଉପଦେଷ୍ଟା ସୁଧାକର ପାଢ଼ୀ, ସହ ସମ୍ପାଦକ ସଂଗ୍ରାମ କୁମାର ଜେନା ପ୍ରମୁଖ ନିବେଦନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ମହାପାତ୍ର, ଜଗବନ୍ଧୁ ପୁଷ୍ଟି, ସୂର୍ଯ୍ୟକାନ୍ତ ପଣ୍ଡା, ରଜନୀକାନ୍ତ ଶତପଥୀ, ଦିପ୍ତିମୟୀ ମହାପାତ୍ର, ମନସ୍ୱିନୀ ପଣ୍ଡା, ଅବନ୍ତୀ ପଣ୍ଡା, ଅରୁଣ କୁମାର ମିଶ୍ର, ଅଜୟ କୁମାର ପରିଡ଼ା, ରମାକାନ୍ତ କର, ଅନନ୍ତ ଦାସ, ଅଶ୍ୱିନୀ ଦାସ, ଲକ୍ଷ୍ମୀ ନାରାୟଣ ପଣ୍ଡା, ରଞ୍ଜନ କେଶରୀ ପତି ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA
ସୋମବାର, ୧୬ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ଭାବପ୍ରବଣତା

ଭାବପ୍ରବଣ ସମସ୍ତଙ୍କ ଠାରେ ଅଛି । ଆମ ହୃଦୟକୁ କଷ୍ଟ ହେଲାପରି କଥା ପଦେ ଅନ୍ୟକେହି କହିଲେ ଆମ ମନରେ କଷ୍ଟ ହୁଏ । ଆଖିରୁ ଲୁହ ଗଡ଼ିଆସେ । ମୁହଁ ଶୁଖିଯାଏ । ମାନସିକ ଅଶାନ୍ତିରେ ମନ ଭାଙ୍ଗିପଡ଼େ । କାମ କରିବାକୁ ଇଚ୍ଛା ହୁଏନି । ମନରେ ସମସ୍ତ ପ୍ରକାରର ନକରାମକ୍ ଭାବନା ସୃଷ୍ଟି ହୁଏ । ଆମେ ସମସ୍ତେ ଏହିପରି ଅନେକ ଘଟଣାର ସମ୍ମୁଖୀନ ହୋଇଛେ । ଏହି ଅନୁଭୂତି ଆହୁରି ଗୁରୁତର ହୋଇ ଉଠେ ଯେତେବେଳେ ଆମର ଅତି ଆପଣାର କେହି ଜଣେ ଆମ ମନରେ କଷ୍ଟହେଲା ପରି କଥା କୁହନ୍ତି ଅବା କାମ କରନ୍ତି । ବିଶ୍ୱାସରେ ଧୋକା ଅବା ପରୋକ୍ଷରେ କ୍ଷତି କଲାପରି ମନ୍ଦ ଉଦ୍ଦେଶ୍ୟର କାମ କରିଥାନ୍ତି । ଆପଣାର ଲୋକମାନଙ୍କ ପାଖରୁ ଆମେ ସବୁବେଳେ ସ୍ନେହ, ଶ୍ରଦ୍ଧା ତଥା ମନକୁ ସୁହାଇଲା ପରି କଥା ଅବା କାମ ଆଶା କରିଥାଉ । କିନ୍ତୁ ତା'ର ଠିକ୍ ବିପରୀତ କାମଟିଏ କିଏ ଯଦି କରେ ତେବେ ଆମର ସବୁ ସୁଖ ଦୁଃଖରେ ପରିଣତ ହୋଇଯାଏ । ହସଟିଏ ଲୁହ ଆକାରରେ ବୋହିଯାଏ । ସବୁ ଆଲୁଅଗୁଡ଼ିକ ଅନ୍ଧାର ପାଲଟିଯାଏ ଜୀବନଟା ବିଷମୟ ଲାଗେ । ଆମ ମନର ଏହି ଘଡ଼ିସନ୍ଧି ସମୟରେ ଆମେ ସାଥିଟିଏ ଚାହୁଁ ଯାହା ପାଖରେ ଆମେ ମନର ଦୁଃଖକୁ ଖୋଲିକରି କହିପାରିବା । ନିଜ ମନର ଭାବନାକୁ, ଅନୁଭବକୁ, ବେଦନାକୁ, କାହାକୁ ସେହି ବ୍ୟକ୍ତି ପାଖରେ ଆଶା ଓ ବିଶ୍ୱାସର ସହିତ ବାଣ୍ଟି ପାରିବା ଯିଏକି ଶ୍ରଦ୍ଧା, ସ୍ନେହ ଓ ଧୈର୍ଯ୍ୟର ସହିତ ଆମକଥା ଶୁଣିବ । ମନଧ୍ୟାନ ଦେଇ ଆଗ୍ରହର ସହିତ ଆପଣାର ପରି ଆମ କଥାକୁ ବୁଝିବ ଓ ଅନୁଭବ କରିବ । ଆମ ଆଖିର ଲୁହକୁ ତଥା ହୃଦୟର ବ୍ୟଥାକୁ ଠିକ୍ ରୂପେ ହୃଦୟଙ୍ଗମ କରିପାରିବ । ଆମ ଲୁହକୁ ଆମ ବେଦନାକୁ ବୁଝିପାରି ତା ଆଖିରେ ବି ଲୁହ ଆସିଯିବ । ସବୁକିଛିରେ ସହଭାଗୀ ହୋଇ ସେ ବି ସମବେଦନା ଜଣାଇବ । ଆପଣାର କରିନେବ ଆମର ଦୁଃଖକୁ, ଭାବନାକୁ, ଲୁହକୁ ଓ ଆବେଗକୁ ଏହାହିଁ ସମ୍ବେଦନଶୀଳ ମନୋଭାବ । ଆମେ ଯେପରି ଚାହୁଁଛୁ ଯେ ଅନ୍ୟଜଣେ କେହି ଆମ ମନକୁ ବୁଝୁ, ଆମ ଦୁଃଖକୁ ଅନୁଭବ କରୁ ଠିକ୍ ସେହିପରି ଅନ୍ୟମାନେ ବି ଆମଠାରୁ ସେହି ବ୍ୟବହାର ଚାହିଁଥା'ନ୍ତି । ଏହାହିଁ ମଣିଷ ଜୀବନର ବାସ୍ତବ ସତ୍ୟ । ଆଶ୍ଚର୍ଯ୍ୟର କଥା କହିଲେ ଚଳିବ ଯେ ଅଧିକାଂଶ ଲୋକଙ୍କ ପାଖରେ ଧୈର୍ଯ୍ୟ ନଥାଏ ଅବା ଆଗ୍ରହ ନଥାଏ ଅନ୍ୟ କାହାର ଦୁଃଖ ଅବା କଷ୍ଟକୁ ଶୁଣି ସହଭାଗୀ ହେବାପାଇଁ । ସମବେଦନା ଜଣାଇବା ପାଇଁ କିନ୍ତୁ ନିଜର ଦୁଃଖ ସମୟରେ ସେହି ବ୍ୟକ୍ତି ଅନ୍ୟମାନଙ୍କଠାରୁ ସମବେଦନା ହିଁ ଆଶା କରିଥାଏ । ସମ୍ବେଦନଶୀଳ ମନୋଭାବ ଏକ ଉଚ୍ଚକୋଟୀର ମାନବୀୟ ଗୁଣ । ଏହା ଆମ ଜୀବନର ଏକ ବିଶେଷ ଦକ୍ଷତା । ସାମାଜିକ ପ୍ରାଣୀ ହିସାବରେ ଆମେ ଏକ ଗୋଷ୍ଠୀ ଜୀବନଯାପନ କରିଥାଉ । ପରସ୍ପରର ସାହାଯ୍ୟ, ସହଯୋଗ, ସ୍ନେହ ଶ୍ରଦ୍ଧା ନମିଳିଲେ ଆମେ ସୁଖ, ଶାନ୍ତିରେ ରହିପାରିବା ନାହିଁ । ଜୀବନରେ ଯେତେ ଯାହା ସଫଳତା ମିଳୁ ପଛକେ ଶାନ୍ତି ଓ ଆନନ୍ଦରେ ରହିବା ପାଇଁ ହେଲେ ସମସ୍ତଙ୍କ ସହିତ ସହଭାଗୀ ରୂପେ ସମ୍ବେଦନଶୀଳ ହୋଇ ରହିବା ଜରୁରୀ । ପରସ୍ପର ପ୍ରତି ସମ୍ବେଦନଶୀଳତା ହିଁ ଏକ ସଫଳ ଜୀବନର ମାପକାଠି । ସଦ୍‌ଭାବନା, ସତ୍କର୍ମ ହିଁ ସମ୍ଭବ ହୁଏ ସତସଙ୍ଗ ମିଳିଲେ । ସମ୍ବେଦନଶୀଳତା ଏପରି ଏକ ମାନବିକ ଗୁଣ ଯାହାକି ପ୍ରତ୍ୟେକ ବ୍ୟକ୍ତି ପାଖରେ ରହିବା ଆବଶ୍ୟକ । ଏହି ଦକ୍ଷତାର ବିକାଶ ଓ କାର୍ଯ୍ୟକାରିତା ହିଁ ଆମ ଜୀବନର ସବୁ ବାଧାବିଘ୍ନ ତଥା ଅବସାଦକୁ ଦୂର କରିପାରିବ । ଏକ ସୁଖମୟ, ଶାନ୍ତିମୟ ଓ ସଫଳ ଜୀବନ ପାଇଁ ସମ୍ବେଦନଶୀଳ ମନୋଭାବକୁ ସମୃଦ୍ଧ କରିବା ନିହାତି ଜରୁରୀ ଏହା ଏକ ସାଧନା ସାଧନା କଲେ ହିଁ ସିଦ୍ଧି ସମ୍ଭବ ହେବ । ଆମ ଜୀବନରେ ଅନ୍ୟମାନଙ୍କ ସହିତ ସୁଖ, ଶାନ୍ତି ଓ ସଫଳ ଭାବେ ରହିବାକୁ ହେଲେ ସମ୍ବେଦନଶୀଳ ମନୋଭାବ ହିଁ ଏକ ଶକ୍ତିଶାଳୀ ଦକ୍ଷତା । ତେଣୁ ସମ୍ବେଦନଶୀଳ ମନୋଭାବକୁ ସଜାଗ ରଖିବାକୁ ହେଲେ ଯେଉଁ କାର୍ଯ୍ୟରୁ ଦୂରେଇ ରହିବାକୁ ହେବ ତାହା ହେଉଛି । ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବରେ ସହୃଦୟତା ଆବଶ୍ୟକ ।

# କହିଲେ କୁଳ କୁଟୁମ୍ବକୁ ଲାଜ

## ॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଏହି ପଦର ଭିନ୍ନପଦ, ନକହିଲେ କୁଳ ଭାସି ଯାଉଛି, ହଁ ପାଠକ ବନ୍ଧୁଗଣ, ଏମିତି ପରିସ୍ଥିତି ସମସ୍ତଙ୍କ ମନକୁ ନିଶ୍ଚୟ ଆସୁଥିବ ସର୍ବଦା ଯେପରି ଏକ ଅଦୃଶ୍ୟ କାଳ ଗତିରେ ଭିଡ଼ି ହୋଇ ଦ୍ରୁତ ଆଗକୁ ମାଡ଼ୁଛନ୍ତି । ଅନେକ ରକ୍ତପାତ ପ୍ରାଣହାନୀ ଜେଲଦଣ୍ଡ ଭୋଗ ହୋଇପାରେ । ବ୍ରିଟିଶ ରାଜରୁ ଦେଶ ସ୍ୱାଧୀନତା ହାସଲ ହୋଇଥିଲା । ଗଣତନ୍ତ୍ର ପ୍ରଶାସନର ସ୍ୱାଦ ଲୋକଙ୍କୁ ଅପ୍ୟାୟିତ କରିଥିଲା । କ୍ରମେ ଏହା ମଧ୍ୟରେ ୧୯୬୨ ମସିହାକୁ ୭୯ ବର୍ଷ ହେଉଛି ଏଥିରେ ଏକପିଢ଼ିକୁ ୩୦ ବର୍ଷ ଧରିଲେ ଏବେ ତୃତୀୟ ପିଢ଼ିଙ୍କ ଉମର ଭୋଗ । ଯାହା ମୂଳ ସ୍ୱାଧୀନତା ସଂଗ୍ରାମ କାଳର ନାତି ନାତୁଣୀଙ୍କ ଯୁବକାଳ । ଯେଉଁମାନେ ଜେଜେମା ଜେଜେଙ୍କପିଲାକାଳର ଅଙ୍ଗଲିଭା କାହାଣୀର ଡାଇରୀ ଦେଖି ପଢ଼ି ନାହାନ୍ତି ବା ପଢ଼ି ଅଣଦେଖା କରିଛନ୍ତି । ରାଜା, ରାଜୁଡ଼ା, ଜମିଦାରୀ, ସାହୁ ମହାଜନ ରାଜ କି ମାରାତ୍ମକ ଉତ୍କଟ କଷ୍ଟ ଦାୟୀ ଥିଲା ଏହା ଏବେ କାହାର ଗୋଚର ନାହିଁ, ଏତ ଇତିହାସ ହୋଇଯାଇଛି । ସବୁ ଇତିହାସ ଧନୀ ଲୋକଙ୍କ ପାଇଁ ଏପରିକି ଇତିହାସ ଲେଖକଙ୍କ ପୃଷ୍ଠ ପୋଷକ ହିଁ ଧନୀ ଲୋକ, ଧନୀଙ୍କୁ ବଡ଼ ଲୋକ ବିଚାରରେ ନିଆଯାଉଛି, ଇତିହାସରେ କଷ୍ଟ ଭୋକ୍ତାଙ୍କୁ ରାଜଦ୍ରୋହୀ ଆଖ୍ୟା ଦିଆଯାଇଛି । ରାଜ କରୁଥିବା ଲୋକଙ୍କୁ ଉତମ କରି ବନାଇ ଚୁନାଇ ଅନେକସ୍ତରରେ ଲେଖାଯାଇଛି ।

ରାଜମହଲ ଇମାରତର ଯତ୍ନ ସଂରକ୍ଷଣ ଯାହା କରାଯାଇଛି ତାକୁ ଦେଖିଲେ କେମିତି ଏସବୁ ତିଆରି ହୋଇଛି ? କେଉଁଠୁ ଲୋକବଳର ଐକ୍ୟ ଶ୍ରମ କିପରି ସଂଗଠିତ କରାଯାଇଥିଲା ? ବେଠି ବେଗାରୀ ପ୍ରଥାର ଜ୍ୱଳନ୍ତ ଉଦାହରଣ ଢ଼େଙ୍କାନାଳ ସହରରଅନତି ଦୂର ଯତନ ନଗର ରାଜପ୍ରସାଦ ।ଏପରି ଅନେକ ରାଜମହଲ ଜମିଦାର ଜିଲ୍ଲା ଯେ ତିଆରି ହୋଇନାହିଁ ଏକଥା କେଉଁ ଇତିହାସକାର ପ୍ରମାଣ ପାଇଁ କିଛି ଲେଖା ରଖିବା ଦେଖାଯାଉନାହିଁ । ଭାରତ ସରକାରଙ୍କ ରାଜସ୍ୱ କେତେ ? ଏକ ପଂଚ ବାର୍ଷିକ ଯୋଜନର ବଜେଟ କେତେ ? ଏକ ହିରାକୁଦ ବନ୍ଧ ତିଆରି କେତେ କଷ୍ଟରେ କେତେ ଟଙ୍କାରେ ହୋଇଛି, ଯାହା ଅତି ଦରକାର ପଡ଼ିଲେ ବି ଦ୍ୱିତୀୟ ବନ୍ଧ ସରକାର ଲୋକଙ୍କ ଆବଶ୍ୟକ ଦୃଷ୍ଟେ କରିବା ଭାବନାରେ ଅର୍ଥ ବିନିଯୋଗ ଦୃଷ୍ଟେ ଆସିପାରୁନାହିଁ । ଅଥଚ ବାବର ଅଯୋଧ୍ୟାରେ କେମିତି ଶକ୍ତି ମସଜିଦ ମାତ୍ର ପାଂଚ ବର୍ଷ ଆଦାୟ ରାଜକରରେ ନିଜର ଭିନ୍ନ ଖର୍ଚ୍ଚ ସହ କରିଥିଲେ । କଣ କେବଳ ତାଙ୍କରି ଧର୍ମର ଶ୍ରମିକ ଗଣ ସେ ମସଜିତ ନର୍ମାଣରେ ସାମିଲ ଥିଲେ ? ଆଗ୍ରାର ମୋଗଲ ରାଜଧାନୀ, ମାକବରା ନିର୍ମାଣରେ କଣ କେବଳ ଇସ୍ଲାମିକ ଶ୍ରମିକମାନଙ୍କ ଦ୍ୱାରା କାମ କରାଇ ଏମାରତ ଠିଆ କରାଯାଇଛି ? ଏତେ ରାଜସ୍ୱ କେଉଁଠୁ ଆସୁଥିଲା ? ଇତିହାସକାର ଯାହାଁପନା ମାନଙ୍କ ପ୍ରୀତ୍ୟର୍ଥେ କୃତି ଲେଖିଛନ୍ତି ତତସହ ସାଧାରଣ ଲୋକଙ୍କ ନିର୍ଯ୍ୟାତନା କଷ୍ଟର ତଥ୍ୟ ଲୁଚାଇ ଦେଇଛନ୍ତି । ରାଜତନ୍ତ୍ରରେ ପ୍ରଜା ଜନସାଧାରଣ ଅବହେଳା ପାଉଥିଲେ ବୋଲି ଶାସନ ସଂଶୋଧନ ସଂସ୍କାର କରାଇ ଗଣତନ୍ତ୍ରକୁ ଆପଣାର କରାଗଲା । ଲୋକେ ତାଙ୍କର ମୁଖିଆ ଯୋଗ୍ୟ ଦେଖି ବାଛି ଶାସନ କ୍ଷେତ୍ରର ମୁଖ୍ୟ କେନ୍ଦ୍ରକୁ ପଠାଇବେ ତ୍ରିଥାକିଆ ଶାସନ ବ୍ୟବସ୍ଥାରେ ଜନପ୍ରତିନିଧି ଭୋଟରେ ସାବ୍ୟସ୍ତ କେବଳ ବିଦ୍ୟାର ପରାକାଷ୍ଠାରେ ପ୍ରଶାସନ ଅଧିକାରୀ, ଓ ବିଚାର ବିଭାଗ କର୍ତା ତତସହ ଏମାନଙ୍କୁ ସହାୟକମାନେ ପ୍ରତିଯୋଗିତା ପରୀକ୍ଷାରେ ଉତମ ଉତୀର୍ଣ୍ଣ ମାନଙ୍କୁ ନିଆଯାଉଛି ।

ଏପରି ଆନୁସଙ୍ଗିକ ଅନ୍ୟ ବିଭାଗ ଗୁଡ଼ିକର କର୍ତବାବୁ ଓ ତାଙ୍କ ସହଯୋଗୀ ଏପରି ଶିକ୍ଷାର ମାନଦଣ୍ଡ ନିର୍ଦ୍ଧାରଣରେ ନିଆଯାଉଛି ଏସବୁ ଚାଲିଛି । ହେଲେ ଯେଉଁ ଜନପ୍ରତିନିଧି ରାଜ୍ୟ ମନ୍ତ୍ରୀ ମଣ୍ଡଳ ଦେଶ ମନ୍ତ୍ରୀ ମଣ୍ଡଳକୁ ବଛାଯାଇ ପଠା ଯିବା ବ୍ୟବସ୍ଥା ରହିଥିଲା । ତାହା କାଳକ୍ରମେ ଏକ ଧନାଢ଼୍ୟ ବ୍ୟକ୍ତିମାନଙ୍କ ହସ୍ତଗତ ଦିଗକୁ ଆସିଗଲାଣି, ଯେତେ ନିର୍ବାଚନ ଗଲାଣି ଏଥିରେ ମୂଳ ମୁଖ୍ୟ କଂଗ୍ରେସରୁ ଭାଙ୍ଗି ଭାଙ୍ଗି ଅନେକ ଦଳ ଏବେ ସୃଷ୍ଟି ଅବଶ୍ୟ ଅନ୍ୟ କିଛି ଆନୁସଙ୍ଗିକ ଦଳ ଅଛନ୍ତି କିନ୍ତୁ ସେମାନେ ବ୍ୟାପକ ଏଇ ଧନଦୌଡ଼ରେ ହୋଇପାରୁନାହାନ୍ତି । ଦେଶକୁ ବାହ୍ୟ ଶତ୍ରୁ ଠାରୁ ରକ୍ଷା କରିବାସହ ସୀମା ସୁରକ୍ଷା ଦେଶ ସରକାରଙ୍କ କାମ ସହ ପ୍ରଜା ମଙ୍ଗଳ ପାଇଁ ପ୍ରଜାଙ୍କ ଦେୟ କରରେ ନାନାଦି ଯୋଜନା ଆଣି ସମୃଦ୍ଧି ଆଣିବା ମୁଖ୍ୟକାମ ଯେକେହି ଦେଶର ରାଜ୍ୟର ସ୍ୱନିର୍ବାଚନ ମଣ୍ଡଳୀର ଅତୀତ ଇତିହାସ ସ୍ଥାନର ଭୌଗୋଳିକ ସ୍ଥିତି ଆର୍ଥିକ ମାନ ଜନସଂଖ୍ୟା ଲୋକଙ୍କ ଜୀବନ ଧାରଣର ମାନ ପ୍ରାକୃତିକ ପରିବେଶ ନିହାତି ନଖ ଦର୍ପଣରେ ରହିବା ଆବଶ୍ୟକ, ରାଜଧାନୀ ବସି ଯେ ରାଜ କରାଯିବ ଏହା ଭୁଲ । କୋଣେଅନୁକୋଣେ ଗସ୍ତ କରି ସମସ୍ୟା ଅନୁଧ୍ୟାନ ଆବଶ୍ୟକ । ଏ ପାଇଁ ଗସ୍ତ ଖର୍ଚ୍ଚ ବ୍ୟବସ୍ଥା କରାଯାଇଛି କଣ କାହାରି ବିବାହ ଭୋଜିରେ ଯୋଗ ଦେବା କଣ ଗସ୍ତରେ ଆସିବ କି ? ଦିଲ୍ଲୀରୁ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ସ୍ଥଳ ପରିଦର୍ଶନରେ ଗସ୍ତ କରିବା ଠିକ ମାତ୍ର ତାପରେ ସେ ସ୍ଥାନ ପାଇଁ କଣ ଉପକାର ହେଲା, ଏହା ବିଚାର୍ଯ୍ୟ ବିଷୟ ନୁହେଁ କି ? ଧନିବ୍ୟକ୍ତିଙ୍କ ଗୋଡ଼ାଣିଆ ଅନେକ ସହଜରେ ମିଳନ୍ତି ଏପରି ଗୁରୁ ବ୍ୟକ୍ତିଙ୍କ ଶିଷ୍ୟ ଚେଲା ଛାତ୍ର ଅନେକ ହୋଇପାରନ୍ତି । ରାଜନୀତିରେ ଗୁରୁ ଦରକାର ନା ଧନୀ ଦରକାର ଏହା ପ୍ରକୃତରେ ଲୋକଙ୍କ ବୁଝିବା ଆବଶ୍ୟକ ଅଛି । ଆଉ ଏକ ମୁଣ୍ଡଟେକୁଛି ଦାଦାଗିରି ପଥ କଂସଙ୍କ ଅଷ୍ଟମଲ୍ଲ ପ୍ରଶାସନ ଥିଲା । ଅଷ୍ଟ ଦିଗ ଧରି ଅଷ୍ଟମଲ୍ଲ ଆତଙ୍କରାଜ । ଦୁର୍ଯ୍ୟୋଧନର ଦୁଃଶାସନ ଭାଇ ଭାଇରେ ସେଂଚୁରୀ ମାରି କେବଳ ନିଜେ ଓ ନିଜ ଦଳର ସହାୟକ ଭାଇ ବଂଚିବେ ଏ ଚିନ୍ତାରେ ପ୍ରଜା ପୀଡ଼ନ ବିଭିନ୍ନ ଉଗ୍ର ବିତଣ୍ଡା ରାଜ କାନୁନ ଲଗାଇ କରି ରାଜକୋଷ ଅଭିବୃଦ୍ଧି କରିବା । କିମ୍ଭୀର କାନ୍ଦରା, ଛଳନା, ବାହାନା, ଦୀପତେଜିଲେ ହାତ ଚିକ୍କଣ, ଅପାରଗଙ୍କୁ ଚଢ଼ାଉକାରୀ ପାରାଗ ମାନଙ୍କୁ ରକ୍ଷା କରିବା ଏପରିକି ସମୟରେ ଦେଶର ବଛା ବଛା କର୍ଣ୍ଣଧାର ହୋଇଗଲେଣି, ପୁଞ୍ଜିପତି ବଣିକମାନେ ନେତାଙ୍କୁ ଘୋଡ଼ା ଖେଳର ଘୋଡ଼ା ମନେକରି ନିର୍ବାଚନ ମୈଦାନରେ ରେସର ଦୌଡ଼କୁ ରଖିଲେଣି । ଅର୍ଜୁନ ମଲେ ପାଂଚ କର୍ଣ୍ଣ ମଲେ ପାଂଚ ଯେଉଁ ଘୋଡ଼ା ଜିତୁ ଲାଭ ଅଛି, ଏଣେ ଦଳପତି ଯେ ସେ ହାଇକମାଣ୍ଡ, ତାଙ୍କର ମନମାନୀରେ ନଚାଲିଲେ ପଦ ଗଲା, ପ୍ରଶାସନ ଯଦି ଶାସକ ଯଦି ଶାସକ ଦଳକୁ ପକ୍ଷ ଦେଲା ଲୋକ ବାଛିବା ପାର୍ଥି ମୁକ ବଧିର ନ ହେଲେ ଅନ୍ଧ ହୋଇ ରହିବାକୁ ପଡ଼ିବ । ହୋ ଭାଇ ଦେଶବାସୀ ଏହି ପରମ୍ପରା କଣ ଆପଣ ମାନଙ୍କୁ ଦେହସୁହା ହୋଇ ରହିବା ଦରକାର କି ? କଣ ସାମୁହିକ ଚେଷ୍ଟା ଦ୍ୱାରା ପ୍ରଜା ଭୋଟରଙ୍କ ମତର ମୂଲ୍ୟ ରହିବ ଏକଥା ଚିନ୍ତନ କରିବା ସମୟ ହୋଇନାହିଁ ?

*ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩*

# ଶ୍ରୀକ୍ଷେତ୍ର ଅଷ୍ଟଚଣ୍ଡୀ

## ॥ କବୀର କୁମାର ଜେନା ॥

ପୁରୁଷୋତମ କ୍ଷେତ୍ର ବା ଉଡ୍ରପୀଠ, ପୀଠ ଚତୁଷ୍ଟୟ ମଧ୍ୟରେ ପ୍ରଥମ ଏବଂ ଓଡ୍ରେଶ ହେଉଛନ୍ତି ଶ୍ରୀଜଗନ୍ନାଥ । ଏହି କ୍ଷେତ୍ରର ଉପାସନା ତତ୍ୱ, ଅର୍ଚ୍ଚନା ଓ ମାହାତ୍ମ୍ୟ ମଧ୍ୟରେ ଶକ୍ତିତତ୍ୱ ପ୍ରଚ୍ଛନ୍ନ ଭାବରେ ଜଡ଼ିତ । ଯଥା ଭଗବାନ ଶ୍ରୀକୃଷ୍ଣଙ୍କ ଭଗିନୀ ସୁଭଦ୍ରା ଦେବୀ କୃଷ୍ଣପ୍ରିୟା ଶ୍ରୀରାଧା ବିଷ୍ଣୁପ୍ରିୟା – ମହାଲକ୍ଷ୍ମୀ, ଯୋଗମାୟାଙ୍କୁ ବିମଳା ରୂପେ ଗ୍ରହଣ କରାଯାଇଥିବା ଶାସ୍ତ୍ରାନୁମୋଦିତ । ପରମ ଶକ୍ତିମୟୀ ଦେବୀ ଗୌରୀ, ମା'ଲକ୍ଷ୍ମୀ ଆଦେଶରେ ନିଜକୁ ଅଷ୍ଟ ପ୍ରକାର ମୂର୍ତି ଧାରଣ କରି ଶ୍ରୀକ୍ଷେତ୍ର ପୁରୀର ଅଷ୍ଟ ଦିଗରେ ଅବସ୍ଥାନ କରିଅଛନ୍ତି । ଏହି ଆଠଜଣ ଶକ୍ତିଶାଳୀ ଦେବୀମାନେ ଏ କ୍ଷେତ୍ରରେ ରୁଣ୍ଡୀଭୂତ ହୋଇ ଶ୍ରୀମନ୍ଦିରକୁ ସୁରକ୍ଷା ଦେବା ପାଇଁ ଜାଗ୍ରତ ପ୍ରହରୀ ସ୍ୱରୂପା ।

ବଟମୂଳରେ ମଙ୍ଗଳା : ଶ୍ରୀମନ୍ଦିର ଭିତର ବେଢ଼ାସ୍ତ କଳ୍ପବଟ ମୂଳରେ ଦେବୀ ମଙ୍ଗଳାଙ୍କ ଭବ୍ୟ ଆସ୍ଥାନ ଅବସ୍ଥିତ । ଦୁର୍ଗାଦେବୀଙ୍କ ଦକ୍ଷିଣ ନେତ୍ରରୁ ସମ୍ଭୂତା ମା'ମଙ୍ଗଳା ସର୍ବମଙ୍ଗଳ କାରିଣୀ, ସର୍ବବିଘ୍ନ ବିନାଶନୀ ଏବଂ ପଶ୍ଚିମାଭିମୁଖୀ । ପରମ ବୈଷ୍ଣବୀ, ଶରଣଦାତ୍ରୀ ମା'ବଟମଙ୍ଗଳା କଳ୍ପବଟ ମୂଳରେ ବିରାଜମାନ କରିଥିବାରୁ ଭକ୍ତମାନଙ୍କର ସକଳ କାମନା ପୂରଣ କରନ୍ତି ଏବଂ ତାଙ୍କ ଧ୍ୟାନବଳରେ ସମସ୍ତ ପ୍ରକାର ସଂକଟ ଦୂର ହୁଏ । ଅତ୍ୟନ୍ତ ନିବିଡ଼ ସମ୍ପର୍କ ରହିଥିବା ହେତୁ ବଟମଙ୍ଗଳା ଏବଂ ବିମଳାଦେବୀ ପରସ୍ପର ଉଭୟଙ୍କୁ ଦୃଷ୍ଟିପାତ କରିଥାନ୍ତି । ସେ ଶ୍ରୀମନ୍ଦିରର ନୀଳଚକ୍ର ପ୍ରତି ମଧ୍ୟ ଦୃଷ୍ଟିପାତ କରିଥାନ୍ତି ।

ଦେବୀ ବିମଳା : ମତ୍ସ୍ୟପୁରାଣ, ପଦ୍ମପୁରାଣ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ଦେବୀ ଭାଗବତ, କପିଳ ସଂହିତା ପ୍ରଭୃତି ଗ୍ରନ୍ଥରେ ପରମ ଶକ୍ତିମୟୀ ମା' ବିମଳାଙ୍କ ବର୍ଣ୍ଣନା କରାଯାଇଛି । ମା'ବିମଳାଙ୍କ ସହିତ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ଅଛି ନିବିଡ଼ ସମ୍ପର୍କ । ଏହି କ୍ଷେତ୍ରର କ୍ଷେତ୍ରାଧିପତି ଶ୍ରୀଜଗନ୍ନାଥଙ୍କୁ ରାଜରାଜେଶ୍ୱର ଓ ପୃଥିବୀର ଶ୍ରେଷ୍ଠ ଆଦିମାତା ମା'ବିମଳାଙ୍କୁ କ୍ଷେତ୍ରେଶ୍ୱରୀ, ରାଜରାଜେଶ୍ୱରୀଙ୍କ ଅଧିଷ୍ଠାତ୍ରୀ ଦେବୀ ବୋଲି କୁହାଯାଏ । 'ମାଦଳାପାଞ୍ଜି'ରୁ ଜଣାଯାଏ ଯଯାତି କେଶରୀଙ୍କ ୫୯ ଅଙ୍କ ମେଷ ୨୫ ଦିନ ୧୮ ହାତ ଉଚ୍ଚତା ବିଶିଷ୍ଟ ମା'ବିମଳାଙ୍କ ମନ୍ଦିର ନିର୍ମାଣ କରାଯାଇଥିଲା । 'ସ୍କନ୍ଦ ପୁରାଣ'ରେ ବର୍ଣ୍ଣିତ ଅଛି ଯେ, ଶଙ୍ଖାକାର ଶ୍ରୀକ୍ଷେତ୍ର ପୁରୀର ତୃତୀୟ ଆବର୍ତ ସୀମାରେ ଥିବା ବିମଳା ଦେବୀ ଭୁକ୍ତି ଓ ମୁକ୍ତିଦାୟିନ ।

ଦେବୀ ସର୍ବମଙ୍ଗଳା : ଶଙ୍ଖକ୍ଷେତ୍ରର ପୃଷ୍ଠଭାଗ ବିମାନବଡ୍ଡୁ ସାହି ମୁଣ୍ଡରେ ପରମକଲ୍ୟାଣମୟୀ ଦେବୀ ସର୍ବମଙ୍ଗଳା ଅବସ୍ଥାନ କରୁଅଛନ୍ତି । ସୁନ୍ଦର କାରୁକାର୍ଯ୍ୟମୟ ମା'ଙ୍କ ମନ୍ଦିରର ଉଚ୍ଚତା ପ୍ରାୟ ୩୦ ଫୁଟ । ବିମାନ, ଜଗମୋହନ ଓ ମୁଖଶାଳା ଏହିପରି ମନ୍ଦିରଟି ତିନି ଭାଗରେ ବିଭକ୍ତ । ଗର୍ଭଗୃହ ଭିତରେ ରମଣୀୟ ପ୍ରସ୍ତର ନିର୍ମିତ ସିଂହାସନ ଉପରେ ମା' ବିରାଜିତା । କଳା ମୁଗୁନି ପଥରରେ ନିର୍ମିତ ମା'ଙ୍କ ଉଚ୍ଚତା ପ୍ରାୟ ଦୁଇଫୁଟ । କମନୀୟ ପ୍ରସ୍ତର ନିର୍ମିତ ପଦ୍ମଫୁଲ ଉପରେ ଦେବୀ ପଦ୍ମାସନରେ ଆସୀନା ଦେବୀ ଦ୍ୱିନେତ୍ରା ଏବଂ ଚତୁର୍ଭୁଜା । ଉପର ଦକ୍ଷିଣ ହସ୍ତରେ ଅଙ୍କୁଶ ଏବଂ ବାମ ହସ୍ତରେ ପଦ୍ମଫୁଲ, ନିମ୍ନ ଦକ୍ଷିଣ ହସ୍ତରେ ବରଦ ମୁଦ୍ରା ଓ ବାମ ହସ୍ତରେ ଅଭୟ ମୁଦ୍ରା, ମଥାରେ ସୁବର୍ଣ୍ଣ ଚିତା । ସହାସ୍ୟବଦନା ମା'ପୂର୍ବଦିଗାଭିମୁଖୀ ।

ଦେବୀ ଅର୍ଦ୍ଧାଶନୀ : ସିଂହ ଦ୍ୱାରରୁ ଶ୍ରୀଗୁଣ୍ଡିଚା ମନ୍ଦିର ଯିବା ବାଟରେ ବଡ଼ଦାଣ୍ଡରେ ଦଇତାପଡ଼ା ସାହିର ପାର୍ଶ୍ୱରେ ବଳଗଣ୍ଡି ପୂର୍ବରୁ ଏହି ମନ୍ଦିର ପଡ଼େ । ସାହାଣ ପଥରରେ ନିର୍ମିତ ଦ୍ୱିଭୁଜା ଅର୍ଦ୍ଧାଶନୀଙ୍କର ରମଣୀୟ ବିଗ୍ରହର ଉଭୟ ପାର୍ଶ୍ୱରେ ପାର୍ଶ୍ୱଦେବୀ ଛାୟା ଓ ମାୟାଙ୍କ ମୂର୍ତି ରହିଛି । ମୂର୍ତିର କଟିଦେଶ ଉପର ଅଂଶକୁ ଆଚ୍ଛାଦିତ କରି ଦେବୀ ସୁଭଦ୍ରାଙ୍କ ପରି ମୁଖ ରହିଛି । ଯାହା ବର୍ଷକୁ ୨ଥର ଆଶ୍ୱିନ ଏବଂ ଆଷାଢ଼ ମାସରେ ବନକ ଲାଗି ହୁଅନ୍ତି । ଦେବୀ ସୁଭଦ୍ରାଙ୍କ ଅଙ୍ଗ ସମ୍ଭୂତା ହୋଇଥିବାରୁ ଅର୍ଦ୍ଧାଶନୀଙ୍କ ମୁଖାରବିନ୍ଦ ସୁଭଦ୍ରା ଦେବୀଙ୍କ ମୁଖ ସାଦୃଶ୍ୟ ଥିବା ଜଣାଯାଏ । ପୁଣି ଯେ ଯଜ୍ଞପତ୍ନୀ ସ୍ୱାହାଙ୍କର ପ୍ରତୀକ ବିଗ୍ରହ । ଶ୍ରୀଜଗନ୍ନାଥଙ୍କ କଳ୍ପିତ ଜନକ ଯଜ୍ଞ ଯାହାଙ୍କ ଶକ୍ତି ଯୂପର ପ୍ରତୀକ ଅଟେ । ଏହି ଯୂପଙ୍କର ନାମ ଅର୍ଦ୍ଧଶୋଷଣା ବା ଅର୍ଦ୍ଧାଶନୀ । ସେହିଠାରେ ଯଜ୍ଞର ଉଦକ ଅର୍ପିତ ହୋଇଥିବାରୁ ତାଙ୍କର ଏପରି ନାମ ହୋଇଅଛି ।

ଦେବୀ କାଳରାତ୍ରି ବା ଦକ୍ଷିଣକାଳୀ : ଶ୍ରୀମନ୍ଦିରର ପୂର୍ବ ଦକ୍ଷିଣ ଦିଗସ୍ଥ କାଳିକା ଦେବୀ ସାହିତରେ ଦେବୀ କାଳରାତ୍ରି ବା ଦକ୍ଷିଣକାଳୀଙ୍କ ସ୍ୱତନ୍ତ୍ର ନିବାସ ବା ମନ୍ଦିର ଅବସ୍ଥିତ । ସ୍କନ୍ଦ ପୁରାଣରେ ତାଙ୍କୁ କାଳରାତ୍ରି ଦକ୍ଷିଣସ୍ୟାମ ବୋଲି କୁହାଯାଇଅଛି । ୫୦ଫୁଟ ଉଚ୍ଚତା ବିଶିଷ୍ଟ ସମ୍ମୁଖ ଭାଗ ପୂର୍ବ ଦିଗକୁ ରହିଥିବା ମନ୍ଦିରର ଗର୍ଭଗୃହରେ ପ୍ରସ୍ତର ନିର୍ମିତ ସିଂହାସନ ଉପରେ କଳା ମୁଗୁନି ପଥରର ନିର୍ମିତ, ପ୍ରାୟ ଦେଢ଼ ଫୁଟ ଉଚ୍ଚତା ଦେବୀ ଶବାସୀନା, ଚତୁର୍ଭୁଜା ତ୍ରିନେତ୍ର । ସର୍ବଦା ଚନ୍ଦନ ଲେପିତ ମୁଖାରବିନ୍ଦ, ମସ୍ତକରେ ଜୁଡ଼ା ଓ କିରୀଟ, ଦକ୍ଷିଣ ଉର୍ଦ୍ଧ୍ୱ ହସ୍ତରେ ଖଡ଼ଗ, ନିମ୍ନ ହସ୍ତରେ ଜାପାମାଳି, ବାମ ଉର୍ଦ୍ଧ୍ୱ ହସ୍ତରେ ଅମୃତପାତ୍ର । ନିମ୍ନହସ୍ତରେ ଆବକ୍ଷ ନୃମୁଣ୍ଡମାଳୀ, ବାମ ପାର୍ଶ୍ୱରେ ମହାକାଳ ଲିଙ୍ଗ, ମନ୍ଦିର ସମ୍ମୁଖ ଦ୍ୱାର ଦକ୍ଷିଣ ଭାଗରେ ବିମଳା, ବାମପାର୍ଶ୍ୱରେ ଭୁବନେଶ୍ୱରୀ, ବେଢ଼ାର ଦକ୍ଷିଣରେ ବାରାହୀ ପଶ୍ଚିମରେ ଗଣେଶ, ଉତରରେ ନାରସିଂହୀ, ମନ୍ଦିର ଦ୍ୱାରସ୍ଥ ପାର୍ଶ୍ୱ ଦେବଦେବୀମାନେ ରହିଛନ୍ତି ।

ଦେବୀ ମରୀଚିକା : ବଡ଼ଦାଣ୍ଡର ବାମପାର୍ଶ୍ୱସ୍ଥ ମରୀଚି କୋଟ ଛକ ନିକଟରେ ପଶ୍ଚିମାଭିମୁଖୀ ମରୀଚିକା ବିରାଜମାନ କରିଛନ୍ତି । ବିମାନ, ଜଗମୋହନ ଓ ମୁଖଶାଳାରେ ବିଭକ୍ତ ୧୫ଫୁଟ ବିଶିଷ୍ଟ ମନ୍ଦିରର ଗର୍ଭଗୃହ ମଧ୍ୟରେ ସିଂହାସନ ଉପରେ ପଶ୍ଚିମାଭିମୁଖୀ, କଳା ମୁଗୁନି ପଥରରେ ନିର୍ମିତ ୨ଫୁଟ ଉଚ୍ଚତା ବିଶିଷ୍ଟ ଅଷ୍ଟଭୂଜାଦେବୀ ମରୀଚିକା ଶବାରୂଢ଼ା, ମା'ଙ୍କ ଉର୍ଦ୍ଧ୍ୱ ଚତୁର୍ଭୁଜେ ଖଡ଼ଗ, ଶଙ୍ଖ, ଅଙ୍କୁଶ, ଜପାମାଳା ଏବଂ ନିମ୍ନ ଚତୁର୍ଭୁଜରେ ଗଦା, ଚକ୍ର, ତ୍ରିଶୂଳ ଏବଂ ଅମୃତ କଳସ ଶୋଭା ପାଉଛି । ମନ୍ଦିରରେ ମୁକ୍ତେଶ୍ୱର ମହାଦେବ, ପଂଚମୁଖୀ ହନୁମାନ ଓ ଶ୍ରୀକୃଷ୍ଣ, ଦଶ ମହାବିଦ୍ୟା ପୂଜା ପାଉଛନ୍ତି । ମୁଖଶାଳାର ଦ୍ୱାରଦେଶରେ ଦୁଇଟି ସିଂହ, ଗଣେଶ, ସରସ୍ୱତୀ ଓ ଲକ୍ଷ୍ମୀ ମୂର୍ତି ଉପରି ଭାଗରେ ରହିଛନ୍ତି ।

ଦେବୀ ଚଣ୍ଡରୂପା : କାଳରାତ୍ରିଙ୍କ ପଶ୍ଚାତ ଭାଗରେ ଦେବୀ ଚଣ୍ଡରୂପା ଏବଂ ତାଙ୍କ ସମ୍ମୁଖରେ କାଳିକା ରହିଛନ୍ତି । 'କାଳରାତ୍ର୍ୟାସ୍ତଥା ପଶ୍ଚାତ୍ ଚଣ୍ଡରୂପା ବ୍ୟବସ୍ଥିତଃ ।' (ସ୍କନ୍ଧ ପୁରାଣ) ପୁଣି 'ଚାମୁଣ୍ଡାୟ ପୁରୋଭାଗେ କାଳିକା ତାପ ନାଶିକା' (ନୀଳାଦ୍ରି ମହୋଦୟ) । ହରଚଣ୍ଡୀ ସାହି ଆଖଡ଼ା ନିକଟରେ ଚାମୁଣ୍ଡା ଦେବୀ 'ଚାମଣ୍ଡା ମୁଣ୍ଡି' ବୋଲି ଲୋକେ କହିଥାନ୍ତି । ଶବ ଉପରେ ଛନ୍ଦାୟିତା ଠାଣିରେ ଦଣ୍ଡାୟମାନ ଦେବୀ ଚତୁର୍ଭୁଜା ଏବଂ ତାଙ୍କ ହସ୍ତରେ ଖଡ଼ଗ, ଢ଼ାଲ, ଖର୍ପର ଓ ତ୍ରିଶୂଳ, ଗଳାରେ ମୁଣ୍ଡମାଳା ଶୋଭାପାଉଛି । ମୂଳ ଉଗ୍ରରୂପୀ ଦେବୀ ବର୍ତମାନ ଶାନ୍ତ ମୂର୍ତିର ପଶ୍ଚାଦ୍ ଭାଗରେ ରହିଛନ୍ତି । ଓଡ଼ିଶୀ ସଙ୍ଗୀତର ଅନ୍ତୁଡ଼ିଶାଳା ଭାବେ ପରିଚିତ ମନ୍ଦିରଟି ବିମାନ, ଜଗମୋହନ ଓ ନାଟ ମଣ୍ଡପ ଏହିପରି ତିନି ଭାଗରେ ବିଭକ୍ତ । ଏହି ଅଷ୍ଟଚଣ୍ଡୀଙ୍କ ଦର୍ଶନ ଓ କୀର୍ତନ କଲେ ମନୁଷ୍ୟର ସମସ୍ତ ପାପକ୍ଷୟ ଓ ଅଶ୍ୱମେଧ ଯଜ୍ଞର ଫଳ ଲାଭ ହୋଇଥାଏ । 'ଏତାସାମଷ୍ଟ ଶକ୍ତି ନାଂ ଦର୍ଶନାତ୍‌କୀର୍ତ ନାଉଥା, ନଶ୍ୟନ୍ତି ସର୍ବପାପାନି ହୟମେଧଫଳଂଲଭେତ୍ ।' (ସ୍କନ୍ଧପୁରାଣ – ୪/୫୦)

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୬୭୪୯୯୦*

# ହାତ, ପାଦରୁ ଜଣାପଡ଼େ ଯକୃତ ରୋଗ

## ॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଯକୃତ ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ମଧ୍ୟରୁ ଗୋଟିଏ ଯାହା ଡିଟକ୍ସିଫିକେସନ, ପ୍ରୋଟିନ ସଂଶ୍ଲେଷଣ ଏବଂ ପାଚନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ । ଯକୃତ କ୍ଷତି ପ୍ରାୟତଃ ଧୀରେ ଧୀରେ ଆରମ୍ଭ ହୁଏ ଏବଂ ଏହାର ପ୍ରାରମ୍ଭିକ ଲକ୍ଷଣ ଏତେ ସୂକ୍ଷ୍ମ ଯେ ଲୋକମାନେ ସେଗୁଡ଼ିକୁ ସହଜରେ ଅଣଦେଖା କରନ୍ତି । ଯକୃତ କ୍ଷତି ସେତେବେଳେ ହୁଏ ଯେତେବେଳେ ରୋଗ, ଭାଇରାଲ ସଂକ୍ରମଣ, ଅତ୍ୟଧିକ ମଦ୍ୟପାନ କିମ୍ବା କ୍ଷତିକାରକ ବିଷାକ୍ତ ପଦାର୍ଥ ଦ୍ୱାରା ଯକୃତ ଆହତ ହୁଏ । ଅବସ୍ଥା ଗୁରୁତର ହେବା ପର୍ଯ୍ୟନ୍ତ, ଲକ୍ଷଣ ଗୁଡ଼ିକ ହାଲୁକା ରହିଥାଏ, ଯେପରିକି ଜଣ୍ଡିସ କିମ୍ବା ପେଟ ଫୁଲିଯାଏ । ତଥାପି ଯକୃତ କ୍ଷତିର ପ୍ରାରମ୍ଭିକ ଲକ୍ଷଣ ଶରୀରର ସର୍ବାଧିକ ରକ୍ତ ସଂଚାଳନ ଥିବା ସ୍ଥାନଗୁଡ଼ିକରେ ଦେଖାଯାଏ, ଯଥା ହାତ ଏବଂ ପାଦ ।

ଯକୃତ କାର୍ଯ୍ୟ ଖରାପ ହେଲେ ଦେଖାଯାଉଥିବା ଏହି ଲକ୍ଷଣ ଗୁଡ଼ିକ ଏକ ଗୁରୁତର ଚେତାବନୀ ସଙ୍କେତ ଯାହା ଶୀଘ୍ର ଚିହ୍ନଟ ହେଲେ, ରୋଗକୁ ରୋକିପାରିବ । ଏହି ଲକ୍ଷଣଗୁଡ଼ିକୁ ଅଣଦେଖା କରିବା ଦ୍ୱାରା ଯକୃତ ସିରୋସିସ କିମ୍ବା ଯକୃତ ବିଫଳତା ଭଳି ଜୀବନ ଘାତକ ଅବସ୍ଥା ହୋଇପାରେ । ଯକୃତ କ୍ଷତିର ପ୍ରଥମ ସ୍ପଷ୍ଟ ଲକ୍ଷଣ ହାତର ପାପୁଲିରେ ଦେଖାଯାଏ । ଯାହାକୁ ପାମାର ଏରିଥେମା କୁହାଯାଏ । ଏହି ଅବସ୍ଥା ପାପୁଲି ଲାଲ କରିଦିଏ । ଯକୃତ କ୍ଷତି ଶରୀରରେ ରକ୍ତ ପ୍ରବାହ ଧାରାକୁ ଏବଂ ହରମୋନ ସ୍ତରକୁ ପରିବର୍ତନ କରେ । ଯେହେତୁ ଯକୃତ ରକ୍ତବାହୀ ନଳୀ କାର୍ଯ୍ୟକୁ ନିୟନ୍ତ୍ରଣ କରେ ଯକୃତର କ୍ଷତି ହାତରେ ରକ୍ତବାହୀ ନଳୀର ଅସ୍ୱାଭାବିକ ପ୍ରସାରଣ ସୃଷ୍ଟି କରିପାରେ । ସିରୋସିସ୍ କିମ୍ବା ହେପାଟାଇଟିସ ଭଳି ରୋଗର ଲକ୍ଷଣ ହୋଇପାରେ ।

ଯକୃତ କ୍ଷତିର ଆଉ ଏକ ପ୍ରମୁଖ ଲକ୍ଷଣ ହେଉଛି ପାଦ ଏବଂ ଗୋଡ଼ରେ ଫୁଲା । ଯକୃତ ରକ୍ତ ଘନ ପ୍ରୋଟିନ ଆଲବୁମିନ୍ ଉତ୍ପାଦନ କରେ । ଯକୃତ କ୍ଷତିଗ୍ରସ୍ତ ହେଲେ ଆଲବୁମିନ ଉତ୍ପାଦନ ହ୍ରାସ ପାଏ ଯାହା ରକ୍ତବାହୀ ନଳୀରୁ ତରଳ ପଦାର୍ଥ ଲିକେଜ କରି ପାଦ ଟିସୁରେ ଜମା ହୁଏ । ଏହି ଫୁଲା ଏବଂ ଭାରୀପଣ ଶରୀରରେ ତରଳ ସନ୍ତୁଳନରେ ଅସନ୍ତୁଳନକୁ ସୂଚିତ କରେ । ଯକୃତ ରୋଗ ମଧ୍ୟ ନଖକୁ ପ୍ରଭାବିତ କରେ । ଗୁରୁତର ଯକୃତ ରୋଗରେ ନଖର ତଳ ଭାଗ ଧଳା ହୋଇପାରେ ଯାହାକୁ ଟେରିର ନଖ କୁହାଯାଏ । ନଖ ହଳଦିଆ ପଡ଼ିବା ବିଲିରୁବିନ ଜମା (ଜଣ୍ଡିସ) ମଧ୍ୟ ସୂଚାଇପାରେ । ତେଣୁ ଯଦି ଆପଣ ଏହି ଲକ୍ଷଣ ଗୁଡ଼ିକ ଅନୁଭବ କରନ୍ତି ତେବେ ଆପଣଙ୍କୁ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ । ଯେତେବେଳେ ଯକୃତ ବିଷାକ୍ତ ପଦାର୍ଥ ବାହାର କରିବାରେ ଅସମର୍ଥ ହୁଏ, ରକ୍ତରେ ପିତ ଜମା ହୁଏ ।

*ଅବସରପ୍ରାପ୍ତ ପ୍ରଫେସର, ଲିଭର ବିଶେଷଜ୍ଞ, କଟକ*
*ଦୂରଭାଷ : ୯୪୩୭୦୫୧୯୫୭*

# ଯଦି ଭାରତର ସମସ୍ତ ଯାନବାହାନ ଇଲେକ୍ଟ୍ରିକ ହୋଇଯାଏ ?

## ॥ ମନସିଜ୍ ଦାସ ॥

ମଧ୍ୟପ୍ରାଚ୍ୟରେ ସଂଗଠିତ ଭୟଙ୍କର ଯୁଦ୍ଧ ଭିତରେ ଭାରତରେ ତେଲ, ଘରୋଇ ଗ୍ୟାସ ଓ ଲୁବ୍ରିକାଂଟକୁ ନେଇ ଭାଳେଣି ପଡ଼ିଗଲାଣି । ପ୍ରତିଦିନ ଭାରତର ରାସ୍ତାରେ ଲକ୍ଷ ଲକ୍ଷ ଯାନବାହାନ ଚାଲୁଛି । ଆମେ ଦେଖୁଛୁ ମଫସଲ ଠାରୁ ସହର ଫାଙ୍କା ରାସ୍ତା ହେଉ ବା ଭିଡ଼, ଦୁଇ ଚକିଆ ଠାରୁ ତିନିଚକିଆ, କାର ଠାରୁ ହାଇଓ୍ୱା ଏବଂ ଦେଶର ଭିତିଭୂମି, ଯୋଗାଯୋଗ ଓ ଅଭିବୃଦ୍ଧିକୁ ଆଗେଇ ନେଉଥିବା ଟ୍ରକ । ଏସବୁ ଭିତରୁ ଅଧିକାଂଶ ପ୍ରେଟୋଲ ବା ଡିଜେଲ ଦ୍ୱାରା ପରିଚାଳିତ । ଥରେ ଚିନ୍ତା କରି ଦେଖନ୍ତୁ, ଯଦି ଭାରତର ସମସ୍ତ ଯାନବାହାନ ଇଲେକ୍ଟ୍ରିକ ହୋଇଯାଏ ତେବେ କ'ଣ ହେବ ? କେହି କେହି ଏହାକୁ ଧୂଆଁ ମିଶା ଭାଷଣ କହିପାରନ୍ତି କିନ୍ତୁ ଏହା ନିଃସନ୍ଦେହ ଯେ ଏ ବ୍ୟବସ୍ଥାଟି ଭାରତର ଅର୍ଥନୀତି, ଉର୍ଜ୍ଜା ସୁରକ୍ଷା ଓ ପରିବେଶର ଭବିଷ୍ୟତକୁ ଆମୂଳ ଚୂଳ ଓଲଟ ପାଲଟ କରିଦେଇପାରେ ।

ଆମେ ଜାଣିଛେ ଭାରତ ହେଉଛି ବିଶ୍ୱର ତୃତୀୟ ତେଲ ଆମଦାନୀ କାରୀ ଦେଶ । ଭାରତରେ ଚାହିଦା ଠାରୁ ଖବୁ କମ ପରିମାଣର ତେଲ ଉତ୍ପାଦନ ହୋଇଥାଏ । ବର୍ତମାନ ଭାରତ ତାହାର ପ୍ରାୟ ୮୭% କଚା ତେଲ ବିଦେଶରୁ ଆମଦାନୀ କରିଥାଏ । ଦେଶର ଜିଡ଼ିପିର ୪ରୁ ୫% ଅର୍ଥନୀତିର ଭାଗିଦାର ରହୁଥିବା ଏହି ଆମଦାନୀ ପାଇଁ ଆମ ଦେଶ ବର୍ଷକୁ ୧୫୦ରୁ ୨୦୦ ବିଲିୟନ ଡଲାର ମୁଦ୍ରା ଖର୍ଚ୍ଚ କରିଥାଏ । ତେଲ ବ୍ୟବହାରର ବଡ଼ ରାଜସ୍ୱ ପରିବହନ ଖାତାରୁ ଆସିଥାଏ । ଭାରତରେ ବ୍ୟବହୃତ ପେଟ୍ରୋଲ ଓ ଡିଜେଲର ପ୍ରାୟ ୩୫-୪୦% ରାସ୍ତା ଯାନବାହାନ ଉପଭୋଗ କରେ । ଏହି କ୍ଷେତ୍ରରେ ହିଁ ଆମେ ଆଜିର ଆଲୋଚନାଟି ରଖୁଛୁ । ଯଦି ଯାନବାହାନ ଗୁଡ଼ିକ ଧୀରେ ଧୀରେ ଇଲେକ୍ଟ୍ରିକ ଯୁକ୍ତ ହୋଇଯାଆନ୍ତି ତେବେ ଭାରତର ତୈଳ ଆମଦାନୀର ଚାପଗ୍ରସ୍ତ ବଡ଼ ଅଂଶଟି କମିଯିବ । ଏହାର ସୁଯୋଗର ଦେଶର ବିଦେଶୀ ମୁଦ୍ରା ସଂଚୟ ହୋଇପାରିବା ସହ ଆମ ଅର୍ଥନୀତିକୁ ଅଭିବୃଦ୍ଧି ସମ୍ପନ୍ନ କରିବା ପାଇଁ ଏକା ଏକ ବଡ଼ ସ୍ୱାସ୍ଥ୍ୟକର ପରିବର୍ତନର ସହାୟକ ହେବ ।

ଆମେ ଜାଣିଛେ ସମଗ୍ର ବିଶ୍ୱରେ ତେଲ ବଜାର ସବୁବେଳେ ଅସ୍ଥିର ରହିଥାଏ । ପରିପାର୍ଶ୍ୱିକ ଘଟଣାବଳୀ, ଯୁଦ୍ଧ, ଭୂରାଜନୈତିକ ସଙ୍କଟ, ନିଷେଦ୍ଧାଦେଶ କିମ୍ବା ଉତ୍ପାଦନ କମିଲେ ତେଲ ଦାମ ହଠାତ୍ ବଢ଼ିଯାଏ । ଭାରତ ଭଳି ବଡ଼ ଆମଦାନକାରୀ ଓ ତେଲ ଉପରେ ଅଧିକ ନିର୍ଭରଶୀଳ ଦେଶମାନେ ଏହି ଅସ୍ଥିରତାର ପ୍ରଭାବକୁ ବେଶ ସହଜରେ ଅନୁଭବ କରନ୍ତି । କିନ୍ତୁ ଇଲେକ୍ଟ୍ରିକ ଯୁକ୍ତ ଯାନବାହାନ ବ୍ୟବସ୍ଥା ବିଦେଶୀ ତେଲ ଉପରୁ ନିର୍ଭରତା କମାଇ ପାରିବ । ତାହାର ବଦଳରେ ଦେଶରେ ଉତ୍ପାଦିତ ବିଦ୍ୟୁତ ଶକ୍ତି ଯାନବାହାନକୁ ଚଲାଇ ପାରିବେ । ଏହା ଭାରତକୁ ଏକ ବହୁତ ବଡ଼ ଉର୍ଜ୍ଜା ନିର୍ଭରତାରୁ ଉର୍ଜ୍ଜା ସୁରକ୍ଷା ଦିଗକୁ ଆଗେଇ ନେଇଯିବ ।

ବର୍ତମାନ ସମୟରେ ପରିବେଶକୁ ନେଇ ଆମେ ଅନେକ ବିପର୍ଯ୍ୟୟ ଓ ଆହ୍ୱାନକୁ ସାମ୍ନା କରୁଛୁ । ଭାରତର ମୋଟ କାର୍ବନ ନିସ୍ତାରଣର ପ୍ରାୟ ୧୦ରୁ ୧୨% ପରିବହନ କ୍ଷେତ୍ରରୁ ଆସିଥାଏ । ବର୍ତମାନ ଭାରତର ଛୋଟବଡ଼ ଅଧିକାଂଶ ସହରରେ ବାୟୁ ପ୍ରଦୂଷଣର ବଡ଼ କାରଣ ହେଉଛି ଯାନବାହାନର ବିଷାକ୍ତ ଧୂଆଁ । ଇଲେକ୍ଟ୍ରି ଯାନବାହାନରୁ ଏହି ନିସ୍ତାରଣ ହୋଇନଥାଏ । ଯଦି ଭାରତର ୩୦ କୋଟିରୁ ଅଧିକ ଯାନବାହାନର ବଡ଼ ଅଂଶ ଇଲେକ୍ଟ୍ରିକ ହୋଇଯାଏ ସହର ମାନଙ୍କର ବାୟୁ ଗୁଣବତା ଦୃଶ୍ୟମାନ ଭାବରେ ଉନ୍ନତ ହେବ । ଟିକିଏ ଭଲ ଭାବେ ଚିନ୍ତା କରନ୍ତୁ ଏହାର ସୁଫଳ ଆମ ମାନଙ୍କୁ ଅନେକ ମିଳିବ । ସ୍ୱଚ୍ଛ ଓ ନିରୋଗ ସ୍ୱାସ୍ଥ୍ୟ ଅନୁମୋଦିତ ପରିବେଶଟି ପାଇବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁଧାର ଆସିବ, ଚିକିତ୍ସା ବ୍ୟୟ ଖର୍ଚ୍ଚ କମିବ ଓ ଉତମ ଜୀବନମାନ ଆମେ ନିର୍ବାହ କରିପାରିବା । ଏହି ଆଲୋଚନା ବେଳେ ଏକ ସ୍ୱାଭାବିକ ପ୍ରଶ୍ନ ଆସେ ଯେ ବିଦ୍ୟୁତ କେଉଁଠାରୁ ଆସିଥାଏ ? ଭାରତ ଏବେ ବିଶ୍ୱର ସବୁଠାରୁ ଦ୍ରୁତ ବିକାଶଶୀଳ ନବୀକରଣଶୀଳ ଉର୍ଜ୍ଜା ବଜାର ମାନଙ୍କ ମଧ୍ୟରେ ଗୋଟିଏ ।

ଦେଶରେ ବର୍ତମାନ ୧୮୦ଗିଗାଓ୍ୱାଟରୁ ଅଧିକ ନବୀକରଣଶୀଳ ଶକ୍ତିକ୍ଷମତା ସ୍ଥାପିତ ହୋଇଛି । ଯେଉଁଥିରେ ସୂର୍ଯ୍ୟ, ପବନ ଓ ଜଳ ବିଦ୍ୟୁତ ଅନ୍ତର୍ଭୁକ୍ତ । ଯଦି ଇଲେକ୍ଟ୍ରିକ ଯାନବାହାନ ଓ ନବୀକରଣଶୀଳ ଶକ୍ତି ସାଥୀ ହୋଇ ଆଗକୁ ବଢ଼ନ୍ତେ ତେବେ ସମୟ ଆସିବ ଦିନେ ଆମ ମାନଙ୍କର ଯାନବାହାନ ସୂର୍ଯ୍ୟ ଓ ପବନ ଶକ୍ତିରେ ଚାଲିପାରିବ । ଆଜି ଆମ ଦେଶର ବଡ଼ ରାଜସ୍ୱ, ସମୟ, ସମ୍ପଦ ତଳେ ଆମଦାନୀ, ବିଶୋଧନକରଣ, ଇନ୍ଧନ ବିତରଣ ବ୍ୟବସ୍ଥା ପାଇଁ ଖର୍ଚ୍ଚ ହେଉଛି । ତେବେ ଇଲେକ୍ଟ୍ରିକ ଯାନବାହାନରେ ବ୍ୟାଟେରୀ ପ୍ରଯୁକ୍ତି ଓ ଉନ୍ନତ ଚାର୍ଜିଂ ଢ଼ାଂଚା ରହୁଥିବାରୁ ବିଦ୍ୟୁତ୍ ଗ୍ରୀଡ଼ ଆଧୁନିକୀକରଣ ଜରୁରୀ । ଏହାଦ୍ୱାରା ଭାରତ ଏହାର ବଡ଼ ଆୟର ଭାଗ ଭବିଷ୍ୟତ ନିମିତ ଉର୍ଜ୍ଜା ପ୍ରଯୁକ୍ତିର ନିବେଶ କରିପାରିବ । ଏହା କେବଳ ଉର୍ଜ୍ଜାର ପ୍ରସଙ୍ଗ ନୁହେଁ ନୂଆ ଶିଳ୍ପ ଗଢ଼ି ଉଠିବା ସହ ବ୍ୟାପକ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟି କରିପାରିବ । ଏହାର ବିକଶିତ କ୍ଷେତ୍ର ବ୍ୟାଟେରୀ ଉତ୍ପାଦନ, ଇଭି ଉପକରଣ ନିର୍ମାଣ, ଚାର୍ଜିଂ ନେଟଓ୍ୱାର୍କ, ସ୍ମାର୍ଟ ମୋବିଲିଟି ପ୍ରଯୁକ୍ତିକୁ ତ୍ୱରାନ୍ୱିତ କରିବ । ଭାରତକୁ ଏକ ଇଲେକ୍ଟ୍ରିକ ଯାନ ଶିଳ୍ପର ପ୍ରମୁଖ ହବ୍ ଭାବରେ ବିଶ୍ୱ ମାନଚିତ୍ରରେ ସ୍ଥାନିତ ହେବାର ସମ୍ଭାବନା ମଧ୍ୟ ରହିବ ନିଶ୍ଚୟ । କେହି କେହି ଇଲେକ୍ଟ୍ରିକ ଯାନର ବ୍ୟାପକ ବ୍ୟବହାରକୁ ଦିବା ସ୍ୱପ୍ନ କହିପାରନ୍ତି କିନ୍ତୁ ଏହା ତେଲ ଆମଦାନୀ ନିର୍ଭରତା ଉପରେ ନିୟନ୍ତ୍ରଣ ରଖିବା ସହ ଏକ ପ୍ରଦୂଷଣମୁକ୍ତ ସବୁଜ ପରିବେଶ ଆମେ ସୃଷ୍ଟି କରିପାରିବା ଏବଂ ଭାରତ ସୂର୍ଯ୍ୟ, ପବନ ଓ ବିଦ୍ୟୁତ ଶକ୍ତିରେ ଏକ ଉନ୍ନତ ଅତ୍ୟାଧୁନିକ ପ୍ରଯୁକ୍ତି ସମ୍ପନ୍ନ ଭବିଷ୍ୟତ ଗଢ଼ିବାରେ ସମର୍ଥ୍ୟ ହେବ ।

*ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା*



# ସେଇଥୁ ଆରମ୍ଭ

SEITHO ARAMBHA





## ସମ୍ବଲପୁର ଭାଲୁବାହାଲରେ 'ବିର୍ଲା ଓପନ୍ ମାଇଣ୍ଡସ୍ ଇଂଟରନ୍ୟାସନାଲ୍ ସ୍କୁଲ୍' ଲୋକାର୍ପିତ

## ବହି କେବଳ ନୁହେଁ, ଅନୁଭୂତିମୂଳକ ଶିକ୍ଷା ହିଁ ଗଢ଼ିବ ଦକ୍ଷ ନାଗରିକ : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୧୫/୦୩ (ଆ.ପ୍ର) : ଶିକ୍ଷା କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ। ପିଲାମାନେ ବହିରୁ ଯାହା ପଢ଼ନ୍ତି, ତା'ଠାରୁ ଅଧିକ ସେମାନେ ନିଜ ପରିବେଶ ଓ ଅନୁଭୂତିରୁ ଶିଖନ୍ତି । ପାରମ୍ପରିକ ଶିକ୍ଷାର ସୀମା ଲଂଘି ପିଲାଙ୍କୁ ଅନୁଭୂତିମୂଳକ ଶିକ୍ଷା ଦେବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଆଜି ସମ୍ବଲପୁରର ଭାଲୁବାହାଲରେ 'ବିର୍ଲା ଓପନ୍ ମାଇଣ୍ଡସ୍ ଇଂଟରନ୍ୟାସନାଲ୍ ସ୍କୁଲ୍'ର ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଜାତୀୟ ଶିକ୍ଷା ନୀତି ୨୦୨୦ର ଗୁରୁତ୍ୱ ଏବଂ ମାତୃଭାଷା ଆଧାରିତ ଶିକ୍ଷା ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କେବଳ ଇଂରାଜୀରେ ପଢ଼ିଲେ ପିଲାମାନେ ଗ୍ଲୋବାଲ୍ ବା ଆନ୍ତର୍ଜାତୀୟ ସ୍ତରର ହେବେ ନାହିଁ । ମାତୃଭାଷାରେ ଶିକ୍ଷା ଗ୍ରହଣ କଲେ ହିଁ ପିଲାଙ୍କ ବୁଝିବାର ଶକ୍ତି ବୃଦ୍ଧି ପାଏ ଏବଂ ସେମାନଙ୍କ ଚିନ୍ତାଧାରାରେ ସ୍ୱଷ୍ଟତା ଆସିଥାଏ । ଜାପାନ, ଜର୍ମାନ ଏବଂ ଚୀନ ଭଳି ବିକଶିତ ରାଷ୍ଟ୍ରର ଉଦାହରଣ ଦେଇ




ସେ କହିଛନ୍ତି ଯେ, ଏହି ଦେଶଗୁଡ଼ିକରେ ବିଜ୍ଞାନ ଓ ସର୍ବୋତମ ଶିକ୍ଷା ନିଜ ମାତୃଭାଷାରେ ହିଁ ଦିଆଯାଏ । ତେଣୁ ଆମକୁ ମଧ୍ୟ ଆମର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମାତୃଭାଷା ଅନୁସାରେ ଶିକ୍ଷା ପ୍ରଦାନ କରିବା ଆବଶ୍ୟକ । କେନ୍ଦ୍ରଶିକ୍ଷା ମନ୍ତ୍ରୀ କହିଛନ୍ତି, ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ନର୍ସରୀରୁ କେଜି ୧ ଓ କେଜି ୨ ପର୍ଯ୍ୟନ୍ତ 'ବାଲବାଟିକା' ମାଧ୍ୟମରେ ପିଲାଙ୍କୁ ମାତୃଭାଷାରେ ପଢାଇବାକୁ ଗୁରୁତ୍ୱ ଦିଆଯାଇଛି । ପିଲାମାନେ କେବଳ ବହିରୁ ନୁହେଁ, ବରଂ ଖେଳ, ନୃତ୍ୟ, ସଙ୍ଗୀତ ମାଧ୍ୟମରେ ପାଠ ଶିଖୁଛନ୍ତି । ପ୍ରଥମ ଥର ପାଇଁ ପାଠ ସହ ଦକ୍ଷତାକୁ ଗୁରୁତ୍ୱ ଦିଆଯାଇଛି । ବିର୍ଲା ଓପନ୍ ମାଇଣ୍ଡସ୍ ଇଂଟରନ୍ୟାସନାଲ୍ ସ୍କୁଲ୍ ମଧ୍ୟ ଏହିଭଳି ବ୍ୟବସ୍ଥା ଆପଣାଇବା ଦରକାର । ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱ ଏବଂ କୁଦୋପାଲିର ସଂଗ୍ରାମୀଙ୍କ ବଳିଦାନକୁ ମନେ ପକାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆମ ଶିକ୍ଷା ବ୍ୟବସ୍ଥା ଦୀର୍ଘ ଦିନ ଧରି ଗୋଲାମୀ ମାନସିକତା ଦ୍ୱାରା ପ୍ରଭାବିତ ହୋଇ ରହିଥିଲା । କିନ୍ତୁ ବର୍ତମାନ ସମୟରେ ପିଲାମାନେ ନିଜ ସଂସ୍କୃତି ଓ ପରମ୍ପରା ସହ ଯୋଡି ହେବା ଆବଶ୍ୟକ । ଖିଣ୍ଡା, ଦେବ୍ରିଗଡ଼ ଏବଂ ହୀରାକୁଦ ଭଳି ସ୍ଥାନ ପରିଦର୍ଶନ କରି ପିଲାମାନେ ସେହି ସ୍ଥାନରୁ ବାସ୍ତବ ଅଭିଜ୍ଞତା ହାସଲ କରିବା ଉଚିତ୍ । କ୍ଲାସରୁମ୍ ମଧ୍ୟରେ ପିଲାଙ୍କ ଶାରିରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ଦିଗରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ଶ୍ରୀ ପ୍ରଧାନ ଶିକ୍ଷା କ୍ଷେତ୍ରରେ ଏଆଇର ସହଯୋଗ ନେବାକୁ ସେ ସ୍କୁଲର ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି । ସ୍କୁଲ ପରିସରରେ ବହୁତ ପରିମାଣରେ ବୃକ୍ଷରୋପଣ କରି ଏହାକୁ ଏକ ଆଧୁନିକ 'ଗୁରୁକୁଳ'ରେ ପରିଣତ କରିବାକୁ ସେ ସ୍କୁଲ ମ୍ୟାନେଜମେଂଟ କମିଟିକୁ ପରାମର୍ଶ ଦେଇଛନ୍ତି । ସେ ଆହୁରି ସୂଚନା ଦେଇଛନ୍ତି, ସମ୍ବଲପୁର ଜିଲ୍ଲାର ସମସ୍ତ ସରକାରୀ ସ୍କୁଲର ଆଧୁନିକିକରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୨ କୋଟି ଟଙ୍କା ବିନିଯୋଗ କରାଯିବ । ଶେଷରେ, ସମ୍ବଲପୁରକୁ ଏକ 'ଶିକ୍ଷା ହବ୍' ଭାବେ ଗଢିତୋଳିବା ସହ ସହରକୁ ସ୍ୱଚ୍ଛ ରଖିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ବିର୍ଲା ଓପନ୍ ମାଇଣ୍ଡସ୍ ସ୍କୁଲ୍ ଆଗାମୀ ଦିନରେ ଅଂଚଳର ପିଲାମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି ।

## ଧୂଆଁଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ'

ଚିଲିକା/ବାଣପୁର, ୧୫/୦୩ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଧୂଆଁଳ ଠାରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ । ଚିଲିକା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରା, ଏବିଇଓ ଗଗନ ବିହାରୀ ବେହେରା ଓ ସିଆରସିସି କୁଳମଣି ବାରିକ ପରିଦର୍ଶନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ବରାଳ, ବରିଷ୍ଠ ଶିକ୍ଷକ ନୀଳାଚଳ ଶତପଥି,ବିଜୟ କୁମାର ଚମ୍ପତି, ସହକାରୀ ଶିକ୍ଷକ ପ୍ରହଲ୍ଲାଦ ଚମ୍ପତି, ରତ୍ନାକର ମାର୍ଥା, ସହକାରୀ ଶିକ୍ଷୟିତ୍ରୀ



ବିନିତା ପ୍ରଧାନ, ଜସ୍ମିନ୍ ସାହୁ ଓ ସ୍ୱେଚ୍ଛାସେବୀ ଶିକ୍ଷକ ଉପସ୍ଥିତ ରହି ଶୃଙ୍ଖଳାର ସହ ସମ୍ପାଦନ କରିଥିଲେ । ସରକାରଙ୍କ ଉକ୍ତ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦିତ ହୋଇଥିବାରୁ ଚିଲିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରା ସମସ୍ତଙ୍କୁ ପ୍ରଶଂସା କରିଥିଲେ । ପରିଶେଷରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ବରାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମଝିରେ ଗୋଟିଏ ଧାଡିରେ ରେଜିଷ୍ଟ୍ରାର ଓ ବିଭିନ୍ନ ବିଭାଗର ଡିନ୍ ମାନଂକ 'ସବ' ବଦଳରେ 'ସହ' ହେବ ।

## ସୂର୍ଯ୍ୟମୁଖୀ ଫୁଲ ଦୂର କରୁଛି ତେଲ ସମସ୍ୟା

ହାଟଡିହି, ୧୫/୦୩ (ଆ.ପ୍ର) : ହାଟଡିହି ବ୍ଲକର ବିଭିନ୍ନ ଅଂଚଳ ରେ ବିଭିନ୍ନ ଲୋକେ ବସ ବାସ କରୁଥିବା ବେଳେ କିଛି ଲୋକ ଚାଷ କରି ନିଜେ ନିଜର ଗୁଜୁରାଣ ମେଂଟାଇବା ସହ ବେଶ୍ ଦୁଇ ପଇସା ରୋଜଗାର ପାଇଥିଆନ୍ତି । କଥାରେ ଅଛି ଚାଷ ଯାହାର କି ଆନନ୍ଦ ତାହାର । ସେହି ଉକ୍ତି ଏବେ ଶାଳନିଆ ପଂଚାୟତ ଚମାରତିରା ଗ୍ରାମ ବାସୀ ମନେ କରିଦେଖାଇଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ ଚମାରତିରା ଗାଁ ରେ ମାତ୍ର ୨୫ଟି ପରିବାର ଲୋକେ ରହୁଥିବା ବେଳେ ପ୍ରାୟ ଅଧା ଲୋକ ଏହି ସୂର୍ଯ୍ୟମୁଖୀ ଫୁଲ ଚାଷ କରି ପରିବାର ରେ ରୋଷେଇ ପାଇଁ ଆବଶ୍ୟକ ତେଲ ପ୍ରସ୍ତୁତ କରୁଛନ୍ତି । ହେଲେ ନା ମିଳୁଛି ଚାଷ ସମ୍ବନ୍ଧୀୟ କୌଣସି ଶିକ୍ଷା । କିନ୍ତୁ ବ୍ଲକ ସ୍ତରୀୟ ଉଦ୍ୟାନ ବିଭାଗଟି କେବଳ କାଗଜ କଲମରେ ଚାଲିଥିବାରୁ ନାମିଳୁଛି ଫୁଲ ଚାଷ ପାଇଁ ଶିକ୍ଷା, ନା ଦେଉଛନ୍ତି କୀଟ ନାଶକ ।



କୌଣସି ସରକାରୀ ସୁବିଧା ସସୁଯୋଗ ମିଳିଲେ ଅଧିକ ଲୋକ ଏହି ଚାଷ କରି ଓଡ଼ିଶାକୁ ଧାନ ଫସଲ ସଙ୍ଗେ ସଙ୍ଗେ, ତେଲ ଉତ୍ପାଦନ କରି ପାରନ୍ତେ ବୋଲି ଗ୍ରାମର ଅନେକ ଚାଷୀ କହିଛନ୍ତି । ଏହା ଛଡ଼ା ଗ୍ରାମବାସୀ ତେଲ ପ୍ରସ୍ତୁତ କରିବାକୁ ଭଦ୍ରକ ଯାଉଥିବା ବେଳେ ଏହି ବ୍ଲକ ରେ ସେମିତି କୌଣସି ସୁବିଧା ନଥିବାରୁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ଏହି ଚାଷ କରୁ ଥିବା ବ୍ୟକ୍ତି ମାନଙ୍କ ମଧ୍ୟରେ ଅଛନ୍ତି ଅନାମ ଚରଣ ଜେନା, ଅକ୍ଷୟ କୁମାର ନାୟକ, କାଳନ୍ଦୀ ଶା, ଭଗବାନ ସା, କାଳନ୍ଦୀ ନାୟକ, ଅକ୍ଷୟ କୁମାର ଜେନା, ରବିନ୍ଦ କୁମାର ଜେନା, ପୂର୍ଣଚନ୍ଦ୍ର ଜେନା, ।

## ଗଜପତି ସ୍କୁଲ ଛାତ୍ରଛାତ୍ରୀଙ୍କ ସେଂଚୁରିୟାନ୍ ବିଶ୍ୱବିଦ୍ୟାଳୟ ପରିଭ୍ରମଣ




ପାରଳାଖେମୁଣ୍ଡି, ୧୫/୦୩ (ଆ.ପ୍ର) : ଗଜପତି ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଂକୁ ପ୍ରଯୁକ୍ତି ବିଜ୍ଞାନ ଓ ଦକ୍ଷତା ବୃଦ୍ଧି ସମ୍ବନ୍ଧରେ ଅଧିକ ଜ୍ଞାନ ଆହରଣ ପାଇଁ ସେମାନଙ୍କୁ ସ୍ଥାନୀୟ ଆର୍. ସୀତାପୁର ଠାରେ ଥିବା ସେଂଚୁରିୟାନ୍ ବିଶ୍ୱବିଦ୍ୟାଳୟ ପରିଭ୍ରମଣରେ ନିଆଯାଇଥିଲା । ସେମାନେ ଉକ୍ତ ଅନୁଷ୍ଠାନ ଅଧିନରେ ଥିବା ବିଭାଗ ଯଥା ଇଂଜିନିୟରିଂ ବିଭିନ୍ନ ଶାଖା, କୃଷି ଶିକ୍ଷା, ଉଦ୍ୟାନ, ପଶୁପାଳନ, ଅଟୋମୋବାଇଲ ପରି ୩୦ ଗୋଟି ବିଭାଚ ପରିଦର୍ଶନ କରିଥିଲେ । ପରେ ଏକ ସମାବେଶରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର,ବିଭିନ୍ନ ବିଭାଗର ଡିନ୍ ମାନଂକ ସବ ଭାବ ବିନିମୟ କରିଥିଲେ ।ଏହା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁଂକ ତତ୍ୱାବଧାନରେ ବିଜ୍ଞାନ ନିରୀକ୍ଷକ ଆମ୍ପୁଲୁ ରବିକୁମାରଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ସଫଳତା କରିଥିଲେ । ବିଭିନ୍ନ ବିଦ୍ୟାଳୟରୁ ୩୬୦ ଛାତ୍ରଛାତ୍ରୀ ଏହି ପରିଭ୍ରମଣର ସୁଯୋଗ ପାଇଥିଲେ । ଏହାଦ୍ୱାରା ଛାତ୍ରଛାତ୍ରୀ ମାନେ ବିଭିନ୍ନ ଦକ୍ଷତାବୃଦ୍ଧି ତଥା ଭବିଷ୍ୟତ ଗଠନର ଏକ ଦୀକ୍ଷା କହିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ଡ. ସାହୁ କହିଛନ୍ତି ।

## ବନଦୁର୍ଗା ମହୋତ୍ସବ ଏପ୍ରିଲ ୭ ରୁ ୧୧ମାଁ ପାଟଣେଶ୍ୱରୀଙ୍କୁ ନିଉତା



ବଲାଙ୍ଗିର, ୧୫/୦୩ (ଆ.ପ୍ର) : ବଲାଙ୍ଗିର ଜିଲ୍ଲାର ଜିବନ ରେଖା କୁହାଯାଉଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ପାଦ ଦେଶରେ ଆସନ୍ତା ଏପ୍ରିଲ ୭ ରୁ ୧୧ ତାରିଖ ପର୍ଯ୍ୟନ୍ତ ବନଦୁର୍ଗା ମହୋତ୍ସବ ଅନୁଷ୍ଠିତ ହେବ । ଗତ କାଲି ପ୍ରାକ୍ତନ ପାଟଣାରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମାଁ ପାଟଣେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା କରି ଦେବ ନିମନ୍ତ୍ରଣ କରାଯାଇଥିଲା ଏବଂ ଅଂଚଳର ସମସ୍ତ ଦେବାଦେବୀ ଓ ଗ୍ରାମ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପଠାଯିବ । ଏହି ମହୋତ୍ସବ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଅବା କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କ ଏକତା, ଉନ୍ନତି ଏବଂ ସାମଗ୍ରିକ ବିକାଶ ନିମନ୍ତେ ପଥ ପ୍ରଦର୍ଶକ ହୋଇଥାଏ । କଳା ସଂସ୍କୃତି ର ପୁନରୁଦ୍ଧାର ନିମନ୍ତେ ଏକ ଉତ୍କୃଷ୍ଟ ମଂଚ ହୋଇଥାଏ ଯଦ୍ୱାରା ଅନେକ କଳାକାର, କଳାପ୍ରେମୀ ତାଙ୍କ କଳାକୁ ପ୍ରଦର୍ଶନ କରି ପୁଣି ଏକତାର ବର୍ତା ଦେଇଥାନ୍ତି । ଏହି ମହୋତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଗଣ ଯୋଗ ଦେଉଥିବା ଆୟୋଜକ ସୂତ୍ରରୁ ପ୍ରକାଶ । ସ୍ଥାନୀୟ ଲୋକନୃତ୍ୟ, ଲୋକ ଗୀତ, ଲୋକନାଟକ ତଥା ଜିଲ୍ଲା ବାହାରର କଳାକାର, କଂସ ଦରବାର ରେ କଂସ ଭୂମିକାରେ ଅନିଲ କୁମାର ନାଏକ, ମୀନା ବଜାର ଓ ମୁଖ୍ୟତଃ ମାଁ ବନଦୁର୍ଗାଙ୍କ ପୂଜନୋତ୍ସବ ମହାସମାରୋହରେ ପାଳିତ ହେବା ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭାପତି ସଂଜୟ ଗଡତ୍ୟା, ସଂପାଦକ ଜୟକୃଷ୍ଣ ମିଶ୍ର, ଉପସଭାପତି କୈଳାସ ସିଂଦେଓ, ସହ-ସଂପାଦକ ବିକାଶ ରଂଜନ ରଥ, ନରେନ୍ଦ୍ର ବିଶି, ଭରତ ସାହୁ, ଅଜୟ ଗଡତ୍ୟା, ଗିରିଧାରି ପୁଟା, ପ୍ରମୋଦ ପଟେଲ, ଲମ୍ବୋଦର ପଟେଲ, ବ୍ୟାସଦେବ ବନଛୋଁ, ସଦାନନ୍ଦ ମହଲା, ସ୍ୱେଚ୍ଛାସେବୀ ଗଗନ ନାଥ ପ୍ରମୁଖ ଆୟୋଜନରେ ନେତୃତ୍ୱ ନେଉଛନ୍ତି ।

## ଯାଜପୁରରେ ବଢୁଛି ବେଆଇନ୍ ଇଟାଭାଟି

ଯାଜପୁର,୧୫/୦୩ (ଆ.ପ୍ର) : ଜାତୀୟ ଗ୍ରୀନ ଟ୍ରିବୁନାଲର କଡା ନିର୍ଦ୍ଦେଶନାମା ସତ୍ୱେ ଯାଜପୁର ସହର ସହିତ ବିଭିନ୍ନ ବ୍ଲକ ଠାରୁ ଆରମ୍ଭ କରି ପଂଚାୟତ ପର୍ଯ୍ୟନ୍ତ ବେଆଇନ ଭାବେ ଇଟାଭାଟି ସଂଖ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ନଦୀ ବନ୍ଧରୁ ମାଟି ବାହାର କରାଯାଉଥିବାବେଳେ ପ୍ରଶାସନ ଜାଣିବି ଅଜଣା ସାଜିଛି । ନଦୀ କୂଳରେ ଥିବା ବଡ଼ବଡ଼ ଗଛ ଗୁଡିକୁ ବି ବେଧଡକ ଭାବେ କାଟିଦିଆ ଯାଉଛି । କେବଳ ଅଭିଯୋଗ ମିଳିଲେ ଉପରଠାଉରିଆ ଭାବେ ଜୋରିମାନା ଆଦାୟ ରେ କାର୍ଯ୍ୟାନୁଷ୍ଠାନ ସୀମିତ ରହୁଛି । ସ୍ଥିତି ଏମିତି ଯେ ମାଫିଆ ମାନେ ନଦୀ ଏବଂ ଗୋଚର ଜମି, ନଦୀ ପଠାକୁ ମଧ୍ୟ ଛାଡୁ ନାହାନ୍ତି । ବିଶେଷ କରି ଯାଜପୁର ସହର ସହିତ ବିଭିନ୍ନ ବ୍ଲକ, ପଂଚାୟତ ମାନଙ୍କରେ ପୋଡା ଇଟା ଭାଟି ପ୍ରବଳ ମାତ୍ରାରେ ଦେଖିବାକୁ



ମିଳିଛି । ବିଶେଷ କରି ସନ୍ଦୁରିମୁହ ପାଖରୁ ସିଦ୍ଧେଶ୍ୱର ପର୍ଯ୍ୟନ୍ତ ବେଆଇନ ଇଟାଭାଟି ଲମ୍ବା ଲାଇନ୍ ଲଗାଇଥିବା ଦେଖିବାକୁ ମିଳିଛି । ଯାଜପୁର ତହସିଲଦାର ସବୁ ଦେଖି ଚୁପ୍ ଚାପ୍ ବସି ରହିଛନ୍ତି । ଯାହା ଫଳରେ ଇଟାଭାଟି ମାଫିଆ ମାନଙ୍କ ପାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି ।ଏଣେ ଖରାଦିନେ ଆସିଲାଣି ।ଫଳରେ ଅସମ୍ଭାଳ ତାତିରେ ସହର ସହିତ ଗ୍ରାମବାସୀ ଆଉଟୁପାଉଟୁ ହେଉଥିବା ବେଳେ ପରିବେଶ ପ୍ରଦୂଷିତ ହେଉଛି । ପ୍ରତିଦିନ ଇଟାଭାଟି ଗୁଡିକରୁ ପ୍ରବଳ ମାତ୍ରାରେ ଧୂଆଁ ବାହାରୁଥିବା ବେଳେ ପରିବେଶ ପ୍ରଦୂଷଣ ହେଉଥିବା ହେଉଛି ।ସେପଟେ ବେଧଡକ ଭାବେ ପୋଡାଇଟା ଚାଲାଣ ହେଉଛି । ଚିନ୍ତାର ବିଷୟ ହେଉଛି ଇଟାଭାଟି ଗୁଡିକରେ ନାବାଳକ ନାବାଳିକା ଶ୍ରମିକ ନିଯୋଜିତ ହେଉଛନ୍ତି । ହେଲେ ତହସିଲ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ତତ୍ପରତା ପ୍ରକାଶ ପାଉନି । ଏ ଦିଗରେ ଜିଲ୍ଲାପ୍ରଶାସନ ହସ୍ତକ୍ଷେପ କରିବାକୁ ଜନସାଧାରଣ ଦାବି କରିଛନ୍ତି ।

## ଜଙ୍ଗଲ ନିଆଁକୁ ସାହା ହେଲା ଅଦିନିଆ ବର୍ଷା

ଦଶପଲ୍ଲା, ୧୫/୦୩ (ଆ.ପ୍ର) : ନିଆଁର ଆଁ ଭିତରେ ଦଶପଲ୍ଲା ବନାଂଚଳ ଥିବା ଜଙ୍ଗଲ । ଏହି ନିଆଁ ଦିନ ଦ୍ୱିପହର ସମୟରେ ମଧ୍ୟ ଦେଖାଯାଉଛି । ଗ୍ରୀଷ୍ମ ସମୟରେ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ତଥା ଜଙ୍ଗଲ ନିଆଁରୁ ନିବୃତ ରହିବା ପାଇଁ ସରକାରଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ବାବଦରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ବନବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ଓ ବନ୍ୟଜନ୍ତୁ ସୁରକ୍ଷା ନିମିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେଉଛି । ଜଙ୍ଗଲ ନିଆଁ ର ନିରାକରଣ ଦିଗରେ ଲୋକଙ୍କୁ ସଚେତନ କରିବା ସହିତ ନିଜେ ସଚେତନ ରହିବା ଆଦି ଅନେକ ପ୍ରସଙ୍ଗରେ ଆଲୋଚନା ଓ ସଚେତନ ବାର୍ତା କରାଯାଉଛି । ହେଲେ ଫେଲ୍ ମାରୁଛି ସଚେତନତା କାର୍ଯ୍ୟକ୍ରମ । ଏ ସଚେତନ କାର୍ଯ୍ୟକ୍ରମ ଆଳରେ ସରକାର ଙ୍କ ଅର୍ଥ ଖର୍ଚ୍ଚ କରିବା ଏହି କାର୍ଯ୍ୟକ୍ରମ ର ମୂଳ ଲକ୍ଷ୍ୟ ବୋଲି ଅନୁଭୂତ ହେଉଛି । ଏ ପ୍ରକାରର କାର୍ଯ୍ୟକ୍ରମ କେବଳ ଲୋକ ଦେଖାଣିଆ ବୋଲି ଜନସାଧାରଣ ରେ ଚର୍ଚ୍ଚା ହେଉଛି । ଦେଖିବା କେବେ ବନବିଭାଗ ସଫଳ ହେଉଛି । ବଡ଼କଥା ହେଲା କିଛି ଗଣମାଧ୍ୟମକୁ ହାତକରି ବାହାବାହା ନେଉଛି ବନବିଭାଗ ।

## ବାସୁଦେବପୁରରେ ରୋଟାରୀ କ୍ଲବ ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ




ବାସୁଦେବପୁର, ୧୫/୦୩ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ମିରାକଲ୍ ପବ୍ଲିକ ସ୍କୁଲ ପରିସରରେ ବାସୁଦେବପୁର ରୋଟାରୀ କ୍ଲବ ତରଫରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଗରିବ ଓ ଅସହାୟ ଲୋକଙ୍କୁ ମାଗଣା ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ସୁବିଧା ଯୋଗାଇବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ମାଗଣା ଚକ୍ଷୁ ଚିକିତ୍ସା ଶିବିରକୁ ବାସୁଦେବପୁର ତହସିଲଦାର ଶ୍ରୀଯୁକ୍ତ ପ୍ରିୟବ୍ରତ ଦାସ ଫିତା କାଟି ଶୁଭ ଉଦଘାଟନ କରିଥିଲେ । ବାସୁଦେବପୁର ବ୍ଲକ ଓ ପୌରପାଳିକାର ବିଭିନ୍ନ ଅଂଚଳରୁ ଆସିଥିବା ଗରିବ ଓ ଦୁଃଖୀ ଲୋକମାନେ ଏହି ଶିବିରରେ ମାଗଣାରେ ଚକ୍ଷୁ ପରୀକ୍ଷା କରାଇଥିଲେ । କଟକରୁ ଆସିଥିବା ବିଶେଷଜ୍ଞ ଡାକ୍ତରମାନେ ରୋଗୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ଯେଉଁ ରୋଗୀମାନଙ୍କ ମୋତିଆ ବିନ୍ଦୁ ରୋଗ ଚିହ୍ନଟ ହୋଇଛି ସେମାନଙ୍କୁ ବିନା ମୂଲ୍ୟରେ ଅସ୍ତ୍ରୋପଚାର ପାଇଁ ନେଇଯିବା ସହିତ ଖାଇବା ଓ ରହିବାର ସମସ୍ତ ବ୍ୟବସ୍ଥା ରୋଟାରୀ କ୍ଲବ ତରଫରୁ କରାଯିବ । ରୋଟାରୀ କ୍ଲବ ପକ୍ଷରୁ ପୂର୍ବରୁ ମଧ୍ୟ ବିଭିନ୍ନ ସମୟରେ ଗରିବ ଓ ଅସହାୟ ଲୋକଙ୍କୁ ଶୁଖିଲା ଖାଦ୍ୟ ପଦାର୍ଥ ବଂଟନ ସହ ଅନେକ ସମାଜସେବାମୂଳକ କାର୍ଯ୍ୟ କରାଯାଇଥାଏ । ଆଜିର ଏହି ଶିବିରରେ ବାସୁଦେବପୁରର ବିଭିନ୍ନ ଅଂଚଳରୁ ବହୁ ସଂଖ୍ୟକ ରୋଗୀ ଯୋଗଦେଇ ମାଗଣାରେ ଚିକିତ୍ସା ସୁବିଧା ପାଇଥିଲେ । ଏହି କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମ୍ପନ୍ନ କରିଥିଲେ ରୋଟାରୀ କ୍ଲବର ସଭାପତି ଭାଗିରଥି ବଳ, ସମ୍ପାଦକ ଚନ୍ଦ୍ରକାନ୍ତ ଦାସ, ପୂର୍ବତନ ସମ୍ପାଦକ ମାଧବ ଚରଣ ପୁହାଣ, ପୂର୍ବତନ ସଭାପତି ଦୁଃଶାସନ ରାଉତ, ସ୍ମୃତିରଞ୍ଜନ ପଳିତା, ବଳରାମ ଜେନା, କିଶୋର କୁମାର ମହାପାତ୍ର, ଦେବସ୍ୱରୂପ ଧନୀ, ରମାକାନ୍ତ ମଲ୍ଲିକ, ପିତାମ୍ବର ପଣ୍ଡା, ଉମାକାନ୍ତ ବେହେରା, ଅକ୍ଷୟ ବିଶ୍ୱାଳ ସହ ଅନ୍ୟାନ୍ୟ ସଦସ୍ୟମାନେ । ରୋଟାରୀ କ୍ଲବର ଏହି ସମାଜସେବାମୂଳକ ପଦକ୍ଷେପକୁ ସ୍ଥାନୀୟ ଅଂଚଳରେ ବିଭିନ୍ନ ମହଲରୁ ଉଚ୍ଚ ପ୍ରଶଂସା କରାଯାଉଛି ।

## ଇନ୍ଧନ ଯୋଗାଣ ଓ ଉତ୍ପାଦନ ବ୍ୟବସ୍ଥାକୁ ଦୃଢ଼ କରିବାରେ ଭାରତର ସଫଳତା

ନୂଆଦିଲ୍ଲୀ,୧୫/୦୩ (ପି.ଆଇ.ବି) : ସାଧାରଣତଃ, ସ୍ୱାଭାବିକ ସମୟରେ ଇନ୍ଧନ କ୍ଷେତ୍ରରେ ଢାଂଚାଗତ ପରିବର୍ତନ ଆଣିବା ପ୍ରାୟତଃ ଘଟିନଥାଏ । ଏହା ସେତିକି ବେଳେ ଘଟିଥାଏ ଯେତେବେଳେ ବହୁ ସମୟ ଧରି ଏକ ସଙ୍କଟକୁ ଅଣଦେଖା କରାଯାଏ ଏବଂ କୌଣସି ପଦକ୍ଷେପ ଗ୍ରହଣ କରାଯାଏ ନାହିଁ । ତଥାପି, ଗତ ୧୧ ବର୍ଷ ମଧ୍ୟରେ, ମୋଦୀ ସରକାର ଏହାର ବିପରୀତ କାର୍ଯ୍ୟ କରିଛନ୍ତି । ପରିସ୍ଥିତି ପ୍ରତିକୂଳ ନଥିଲେ ମଧ୍ୟ ସରକାର ଇନ୍ଧନ କ୍ଷେତ୍ରରେ ଢାଂଚାଗତ ପରିବର୍ତନ କାର୍ଯ୍ୟକାରୀ କରିଛନ୍ତି । ସରକାର ଭାରତକୁ ବିଶ୍ୱ ଇନ୍ଧନ ଯୋଗାଣ ଶୃଙ୍ଖଳର ପ୍ରତିବନ୍ଧକ ପାଇଁ ଅଧିକ ସ୍ଥିର ବ୍ୟବସ୍ଥା ସୃଷ୍ଟି କରିବାରେ ସକ୍ଷମ କରିଛନ୍ତି । ଘରୋଇ ଉତ୍ପାଦନକୁ ବିସ୍ତାର କରି, ନୂତନ ଇନ୍ଧନ ଉତ୍ସ ଦିଗରେ ପରିବର୍ତନକୁ ଆଗେଇ ନେଇ ଏବଂ ଯୋଗାଣ ଉତ୍ସକୁ ବିବିଧ କରି ମୋଦୀ ସରକାର ଦେଶକୁ ନିଜର ଶକ୍ତି ଆବଶ୍ୟକତା ପାଇଁ ବାହ୍ୟ ଆଘାତ ପ୍ରତି ଅଧିକ ଦୃଢ଼ତା ପ୍ରଦାନ କରିଛି । ଭାରତ ପାଇଁ ଏହି ସମସ୍ୟାର ସମାଧାନର ପଥ କେବେବି କଷ୍ଟକର ନଥିଲା । ତେବେ ଏହାକୁ ନିରନ୍ତର ଭାବରେ ଅନୁସରଣ କରିବା ଲାଗି ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ଥିଲା । ଗତ ଏକ ଦଶନ୍ଧି ଧରି, ମୋଦୀ ସରକାର ତାଙ୍କ ଯୋଜନା ଉପରେ ଦୃଢ଼ ରହିବାକୁ ନିଷ୍ପତି ନେଇଥିଲେ । ସରକାର ସାଧାରଣ ଲୋକଙ୍କ ନିକଟରେ ନିଜକୁ ଉତରଦାୟୀ କରିଥିଲେ ଯେଉଁମାନେ ସେମାନଙ୍କ ସମସ୍ୟାର ସମାଧାନ ଚାହାଁନ୍ତି । ଏହାର ରଣନୀତି ତିନୋଟି ସ୍ତମ୍ଭ ଉପରେ ନିର୍ଭର କରିଥିଲା, ପ୍ରତ୍ୟେକଟି ସରକାରଙ୍କଠାରୁ ଭିନ୍ନ ସ୍ତରର ପ୍ରତିବଦ୍ଧତା ଦାବି କରୁଥିଲା । ପ୍ରଥମ ରଣନୀତି ଥିଲା ଘରୋଇ ଉତ୍ପାଦନ । ପେଟ୍ରୋଲ ସହିତ ଇଥାନଲ୍ ମିଶ୍ରଣ । ୨୦୦୧ ମସିହାରେ ଏକ ପରୀକ୍ଷାମୂଳକ ପ୍ରକଳ୍ପ ଭାବରେ ଆରମ୍ଭ ହୋଇଥିଲା । ତଥାପି, ବହୁ ବର୍ଷ ଧରି, ଭାରତ କୌଣସି ଅଗ୍ରଗତି କରିପାରିନଥିଲା ଏବଂ ଇଥାନଲ୍ ଉତ୍ପାଦନ ସ୍ଥିର ରହିଥିଲା । ୨୦୧୪ ପରେ, ବ୍ୟାପକ ସଂସ୍କାର ମାଧ୍ୟମରେ, ଭାରତ ଏହି ପଦକ୍ଷେପର ପୂର୍ଣ୍ଣ ସମ୍ଭାବନାକୁ ସାକାର କରିପାରିଥିଲା । ମୋଦୀ ସରକାରଙ୍କ ଅଧୀନରେ, ଦେଶ ଶକ୍ତି ସୁରକ୍ଷା ବୃଦ୍ଧି କରିବା, ଜଳବାୟୁ ପରିବର୍ତନ ମୁକାବିଲା କରିବା ଏବଂ ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ବୃଦ୍ଧି କରିବା ପାଇଁ ବ୍ୟାପକ ସଂସ୍କାରର ଏକ ଶୃଙ୍ଖଳା ଆରମ୍ଭ କରିଥିଲେ । ଇଥାନଲ୍ ମିଶ୍ରଣ କାର୍ଯ୍ୟକ୍ରମ (ଇବିପି) ପ୍ରଥମେ ୨୦୩୦ ସୁଦ୍ଧା ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ତେବେ ୨୦୨୦ରେ, ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ଏହି ଲକ୍ଷ୍ୟକୁ ୨୦୨୫କୁ ଘୁଂଚାଇ ଆଣିଥିଲେ, କାରଣ ଭୂରାଜନୈତିକ ଝଟକା ସାମ୍ନାରେ ଦେଶର ଶକ୍ତି ଆମଦାନୀ କ୍ଷେତ୍ରରେ ରହିଥିବ ଦୁର୍ବଳତାକୁ ହ୍ରାସ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା । ନିରନ୍ତର ପ୍ରୟାସ ଏବଂ ନୀତିଗତ ଧ୍ୟାନର ଫଳସ୍ୱରୂପ, ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ୨୦୧୪ରେ ୧.୫ ପ୍ରତିଶତରୁ ୨୦୨୫ରେ ୨୦ ପ୍ରତିଶତକୁ ବୃଦ୍ଧି ପାଇଥିଲା, ଅର୍ଥାତ୍ ୧୧ ବର୍ଷ ମଧ୍ୟରେ ୧୩ ଗୁଣ ବୃଦ୍ଧି ପାଇଲା । ଇଥାନଲ୍ ଉତ୍ପାଦନ ୨୦୧୪ରେ ୩୮ କୋଟି ଲିଟରରୁ ବୃଦ୍ଧି ପାଇ ୨୦୨୫ ଜୁନ୍ ସୁଦ୍ଧା ୬୬୧.୧ କୋଟି ଲିଟରକୁ ବୃଦ୍ଧି ପାଇଥିଲା । ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ କାର୍ଯ୍ୟକ୍ରମ ଏବେ ବାର୍ଷିକ ପ୍ରାୟ ୪୪ ନିୟୁତ ବ୍ୟାରେଲ୍ ଅଶୋଧିତ ତୈଳ ସଂଚୟ କରୁଛି । ଦ୍ୱିତୀୟ ରଣନୀତି ଥିଲା ଶକ୍ତି କ୍ଷେତ୍ରରେ ଦୃଢ଼ ପରିବର୍ତନ ହାସଲ କରିବା ଅର୍ଥାତ୍ ବିକଳ୍ପ ଇନ୍ଧନକୁ ଆପଣାଇବା । ମୋଦୀ ସରକାର ଦେଶର ବୈଦ୍ୟୁତିକ ଯାନ (ଇଭି) ଶିଳ୍ପର ସମସ୍ତ ସ୍ତରରେ ବିକାଶକୁ ସମର୍ଥନ କରିଥିଲେ । ସରକାର ଅଟୋମୋବାଇଲ କ୍ଷେତ୍ରରେ ୧୦୦% ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫଡିଆଇ)କୁ ଅନୁମତି ଦେଇଥିଲେ । ଫଳରେ ଗତ ଚାରି ବର୍ଷ ମଧ୍ୟରେ ୩୬ ବିଲିୟନ ଏଫଡିଆଇ ଆକୃଷ୍ଟ କରିଥିଲା । ଅଟୋମୋବାଇଲ ଉତ୍ପାଦନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ନବସୃଜନକୁ ଉତ୍ସାହିତ କରିବା ଏବଂ ଯୋଗାଣ ଶୃଙ୍ଖଳା କ୍ଷମତା ନିର୍ମାଣ କରିବା ପାଇଁ ପ୍ରୋତ୍ସାହନ ଯୋଜନା ପ୍ରଚଳନ କରାଯାଇଥିଲା । ବୈଦ୍ୟୁତିକ ଏବଂ ହାଇବ୍ରିଡ୍ ଯାନ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଭାରତରେ (ହାଇବ୍ରିଡ୍) ଇଭିର ଦ୍ରୁତ ଗ୍ରହଣ ଏବଂ ଉତ୍ପାଦନ (ଫେମ୍ ୧) ୨୦୧୫ରେ ଆରମ୍ଭ କରାଯାଇଥିଲା, ଯାହା କ୍ଷେତ୍ରର ସ୍ଥାୟୀ ଅଭିବୃଦ୍ଧି ସୁନିଶ୍ଚିତ କରିବ ।



ସେଇଠୁ ଆରମ୍ଭ
SEITHO ARAMBHA



ସୋମବାର, ୧୬ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬


# ରାଜ୍ୟ ବାହାର ଠିକାଦାରଙ୍କୁ ଦୃଢ଼ ବିରୋଧ ନେଇ ରାଉରକେଲା ଠିକାଦାର ସଂଘର ବୈଠକ




ବଣାଇଁ, ୧୫/୦୩ (ଆ.ପ୍ର) : ସହରସ୍ଥିତ ପିଏଆଇଟିଡିଏ ସଭାଗୃହ ଠାରେ ରାଉରକେଲା ଡିଭିଜନରେ ଥିବା ରାଉରକେଲା ସରକାରୀ ଠିକାଦାର ସଂଘ ସମେତ ବଣାଇଁ, ଲାଠିକଟା, କୋଇଡା, ବିଶ୍ରା, ବିରମିତ୍ରପୁରର ସମସ୍ତ ଠିକାଦାର ମାନେ ଏକତ୍ରିତ ହୋଇଥିଲେ । ଏହି ଆଲୋଚନା ସଭାରେ ବିଷୟ ଥିଲା ଯେ ଆମ ରାଉରକେଲା ଡିଭିଜନ ଭିତରେ ଯେଉଁ ଠିକାଦାର ବାହାର ରାଜ୍ୟରୁ ଆସି ଏଠାରେ କାମ କରୁଛନ୍ତି ସେମାନଙ୍କୁ ଏଠାରେ କୌଣସି ମତେ ସେମାନଙ୍କୁ କାମ କରିବାକୁ ଦେବୁ ନାହି ବୋଲି ତା ସହିତ ପୂର୍ବରୁ ସରକାରଙ୍କ ପାଖରେ ଆଠଟି ଦାବି ରଖିଥିଲୁ । ସରକାର ଆମ କଥା ମାନି ଥିବାରୁ ଖୁସି ପ୍ରକଟ କରିବା ସହିତ ଓଡିଶା ସରକାରଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଇଛନ୍ତି । ତେବେ ଉକ୍ତ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଯେ ଯେଉଁ ମାନେ ବାହାର ରାଜ୍ୟରୁ ଆସି ଏଠାରେ କାମ କରୁଛନ୍ତି ସେମାନଙ୍କୁ କୌଣସି ମୋତେ ଆମେ କାମ କରିବାକୁ ଦେବୁନାହିଁ ବୋଲି ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ରାଉରକେଲା ସରକାରୀ ଠିକାଦାର ସଂଘର ତାପସ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଠିକାଦାର ରମେଶ ଜେନା, ମଂଟୁ ମଲ୍ଲିକ, ପ୍ରତାପ ସାହୁ, ଅମିତ ଜେସଓଲ, ଭୁପେସ ଜେସଓଲ, ରାଜେଶ୍ ସାହୁ, ବୁଲୁ ଭୂୟାଁ, ଆଜୟ ସାହୁ, ବିଭୁ ଭୁଷଣ ବେଉରା, ସୁଶାନ୍ତ ରାଓତ, ଲଲନୀ ରାଓତ, ନରି ମୁଦୁଲି, ଜିତୁ ରଥ, ବଳରାମ ସ୍ୱାଇଁ, ମନୋଜ ଭୁୟାଁ, ପ୍ରଶାନ୍ତ ନାୟକ, ବାବୁଲି ପାଇକରାୟ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବିବାହ ବାର୍ଷିକୀ ଅବସରରେ ଜଳଛତ୍ର ଶୁଭାରମ୍ଭ



ବ୍ରହ୍ମପୁର, ୧୫/୦୩ (ଆ.ପ୍ର) : ଦଳପତି ମହାସଭା କେନ୍ଦ୍ରୀୟ କମିଟି ସମ୍ପାଦକ ତଥା ଶୁଭଚିନ୍ତକ ଚାରିଟେବୁଲ ଟ୍ରଷ୍ଟର ପରିଚାଳକ ରବି ସାହାଣୀଙ୍କ ବିବାହ ବାର୍ଷିକୀ ଅବସରରେ ଶୁଭଚିନ୍ତକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବନ୍ଥପଲ୍ଲୀ ଗ୍ରାମ ନିକଟସ୍ଥ ସିରିୟାପୁର ଗ୍ରାମରେ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଯାତାୟାତ କରୁଥିବା ଲୋକମାନଙ୍କ ତୃଷ୍ଣା ନିବାରଣ ପାଇଁ ଏକ ଜଳଛତ୍ରର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଦଳପତି ମହାସଭା କେନ୍ଦ୍ରୀୟ କମିଟିର ଉପଦେଷ୍ଟା ନିରଞ୍ଜନ ଜେନା, ସଂଗଠନ ସମ୍ପାଦକ କୁନା କୁମାର ବିଷୋୟୀ, କମଳ କୁମାର ପାତ୍ର, ଉପସଭାପତି ସନ୍ତୋଷ କୁମାର ମହାନ୍ତି, ହରେକୃଷ୍ଣ କୋଠିଆ, ସବୁଜ ବାହିନୀର ଶିବରାମ, ଆଂଚଳିକ ବିକାଶ ପରିଷଦର ପ୍ରତିଷ୍ଠାତା ସାଗର କୁମାର ପାତ୍ର, କାନ୍ହା ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତ୍ରୀ ଶ୍ରୀମତୀ ରଞ୍ଜନା ମିଶ୍ର, ସ୍ନେକ ହେଲ୍ପଲାଇନ ସଦସ୍ୟ ତଥା ସାମ୍ବାଦିକ ସ୍ୱାଧୀନ ସାହୁ, ବନମାଳୀ ପ୍ରଧାନ, ପ୍ରକାଶ କୁମାର, ଗଣେଶ୍ୱର ପାଣିଗ୍ରାହୀ, ପି. ବିନୋଦ ସହ ବହୁ ସଂଖ୍ୟକ ସମାଜସେବୀ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଥମେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ଟ୍ରଷ୍ଟର ପ୍ରତିଷ୍ଠାତା ସ୍ୱର୍ଗତ ସୀମାଦ୍ରୀ ସାହାଣୀଙ୍କ ପଟ୍ଟଚିତ୍ରରେ ପୁଷ୍ପାର୍ଚ୍ଚନା କରାଯାଇଥିଲା । ଉପସ୍ଥିତ ସଭ୍ୟମାନେ ଉଭୟ ଦମ୍ପତିଙ୍କୁ ବିବାହ ବାର୍ଷିକୀ ଅବସରରେ ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ ଶୁଭେଚ୍ଛା ଜଣାଇବା ସହ ଏହି ନିଃସ୍ୱାର୍ଥ ଜଳସେବା କାର୍ଯ୍ୟ ପାଇଁ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ଖାଉଟି ଅଧିକାରୀ ୨୦୨୬ ପାଳିତ

ପୁରୀ, ୧୫/୦୩ (ଆ.ପ୍ର) : ପୁରୀ ଜିଲ୍ଲା ପ୍ରଶାସନ, ଜିଲ୍ଲା ଓଜନ ଓ ମାପ ବିଭାଗ ଆନୁକୁଲ୍ୟରେ ବିଶ୍ୱ ଖାଉଟି ଅଧିକାର ଦିବସ ୨୦୨୬ ପୁରୀ ଜିଲ୍ଲା ପ୍ରଦକ୍ଷିଣ ଗୃହରେ ପାଳିତ ହୋଇଯାଇ ଅଛି । ଅତିରିକ୍ତ ଜିଲ୍ଲାପାଳ ତଥା ଜିଲା ଉପଭୋକ୍ତା ସୁରକ୍ଷା ଅଧିକାରୀ ଶନୀଳ ମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଆଲୋଚନା ସଭାରେ ଖାଉଟି ସୁରକ୍ଷା ଆଇନ ୨୦୧୯ ଏବଂ ଖାଉଟି ମାନଙ୍କର ଅଧିକାର ତଥା ସୁରକ୍ଷା "ନିରାପଦ ଉତ୍ପାଦ – ଆଶ୍ୱସ୍ତ ଗ୍ରାହକ" ସଂପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରାଯିବା ସହ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କାର୍ମଶାଳାରେ ପୁରୀ ନଗର ନିଗମର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପନୀୟନ୍ତ୍ରିକା ଓଜନ ଓ ମାପ ବିଭାଗ ପୁରୀ, ପ୍ରଗତି ନାୟକ, ନିରୀକ୍ଷିକା ସ୍ୱପନେଶ୍ୱରୀ ବେହେରା, ଯୋଗାଣ ଅଧିକାରୀ ଛୋଟରାୟ ମାରାଣ୍ଡି, ବିଶିଷ୍ଟ ସମାଜ ସେବି ପ୍ରଦ୍ମଚରଣ ସେଠୀ ପ୍ରମୁଖ ଯୋଗଦାନ କରି ଖାଉଟି ସଚେତନତାର ବାର୍ତାପ୍ରଦାନ କରିଥିଲେ । ଏହି କର୍ମଶାଳାରେ ଆଇନଜୀବୀ ବିଜୟାନନ୍ଦ ମିଶ୍ର ଉପସ୍ଥିତ ସଦସ୍ୟ ମାନଙ୍କୁ ଖାଉଟି ସୁରକ୍ଷା ଆଇନ ସଂପର୍କ ବୁଝାଇବା ସହ ଆଇନର ସୁଫଳ କିପରି ମିଳି ପାରିବ ସେ ସମ୍ପର୍କରେ ବିସ୍ତୁତ ସୂଚନା ପ୍ରଦାନ କରିଥିଲେ । ପୁରୀ ଜିଲ୍ଲାର ୭୦ରୁ ଅଧିକ ଖାଉଟି ଏହି କାର୍ମଶାଳା ରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସ୍ୱେଚ୍ଛାସେବି ଅନୁଷ୍ଠାନ ନିହିଡା ଦ୍ୱାରା ଏହି କର୍ମଶାଳା ପରିଚାଳନା କରଯାଇଥିଲା । ନିହିଡାର ସମ୍ପାଦକ ଭକ୍ତ ବିହାରୀ ମିଶ୍ର ଏହି କାର୍ମଶାଳାକୁ ପରିଚାଳନା କରିବା ସହ ଖାଉଟି ମାନେ କିପରି ଅଧିକ ସଶକ୍ତ ହେବେ ସେ ସମ୍ପର୍କରେ ତାଲିମି ପ୍ରଦାନ କରିଥିଲେ । ଶ୍ରୀ ଶଶୀ ଶେଖର ପଣ୍ଡା ଉପସ୍ଥିତ ଅତିଥି ଏବଂ ଅଂଶଗ୍ରହଣ କାରୀ ଉପଭୋକ୍ତା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୫୨ କିଲୋ ଗଞ୍ଜେଇ ଜବତ



ଗଜପତି, ୧୫/୦୩ (ଆ.ପ୍ର) : ଗଜପତି ଜିଲ୍ଲାରେ ଗଞ୍ଜେଇ ଚାଷଠୁ ଗଞ୍ଜେଇ ଚୋରାଚାଲାଣ ରୋକିବା ପାଇଁ ଗଜପତି ପୋଲିସ୍ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ତଥାପି ଗଞ୍ଜେଇ ଚୋରା ଚାଲାଣ ବନ୍ଦ ହେବାର ନାମ ନେଉନାହିଁ । ଗତ କିଛି ଦିନ ହେବ ଆର୍. ଉଦୟଗିରୀ ଏସଡିପିଓ ରାକେଶ କୁମାର ସାହୁଙ୍କ ନିର୍ଦ୍ଦେଶରେ ଅଡବା ପୋଲିସ ଘନ ଘନ ଗଞ୍ଜେଇ ଚୋରା ଚାଲାଣ ଉପରେ ଚଢ଼ାଉ ଜାରି ରଖିଛି । ଯାହା ଫଳରେ କୁହା ଯାଉଛି ଗଞ୍ଜେଇ ମାଫିଆଙ୍କ ଅଂଟା ଭାଙ୍ଗି ଗଲାଣି । ଆଜି ଅଡବା ପୋଲିସ ପକ୍ଷରୁ ଗୁଲୁବା ଗ୍ରାମ ପଂଚାୟତ ଚନ୍ଦନପୁର ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖା ଯାଇଥିବା ଗଞ୍ଜେଇକୁ ଜବତ କରିଥିବା ବେଳେ ମାଫିଆ ସେଠାରୁ ଫେରାର ହୋଇ ଯାଇଛି । ଜବତ ଗଞ୍ଜେଇ ଏକଜୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରଯାଇଥିଲା ଯାହାର ପରିମାଣ ୨୫୨ କିଲୋ ୨୦୯ ଗ୍ରାମ ହୋଇଥିଲା । ଏହି ଗଞ୍ଜେଇ ବ୍ରହ୍ମପୁରକୁ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖା ଯାଇଥିବା ବେଳେ ଏହାର ଆନୁମାନିକ ବଜାର ଦର ୨୫ ଲକ୍ଷ ଟଙ୍କା ହେବ ବୋଲି ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି ।

# ଭାରତୀୟ ପ୍ରତିରକ୍ଷା ବିଭାଗରେ ନିଯୁକ୍ତି ସମ୍ପର୍କିତ ଆଲୋଚନା ଚକ୍ର



ଭଦ୍ରକ, ୧୫/୦୩ (ଆ.ପ୍ର) : ଭଦ୍ରକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ନିରାପଦ' ପକ୍ଷରୁ ଆଜି ରବିବାର ଦିନ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ସେଂଟ୍ରାଲ ହଷ୍ଟେଲସ୍ଥିତ କମନରୁମରେ ଭାରତୀୟ ପ୍ରତିରକ୍ଷା ବିଭାଗରେ ନିଯୁକ୍ତି ସମ୍ପର୍କିତ ଆଲୋଚନା ଚକ୍ରରେ ଭଦ୍ରକ ମହାବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନର ଅନେକ ଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ଆଗାମୀ ଦିନରେ ଭଦ୍ରକ କଲେଜ ପରିସରରେ ପ୍ରତିରକ୍ଷା ନିଯୁକ୍ତି ଟ୍ରେନିଂ ସମ୍ପର୍କରେ ଆଶାୟୀ ଛାତ୍ରମାନଙ୍କୁ ସୂଚନା ସହିତ ବିବରଣୀ ପ୍ରଦାନ କରାଯାଇଥିଲା । ଅବସରପ୍ରାପ୍ତ ପ୍ରତିରକ୍ଷା ଅଧିକାରୀ ତଥା ଟ୍ରେନର୍ ସୁରେଶ ମହାରଣା, ସମୀର ମିଶ୍ର ଶିକ୍ଷାର୍ତ୍ରୀଗଣଙ୍କୁ ଟ୍ରେନିଂ ସମ୍ପର୍କରେ ଅବଗତ କରିଥିଲେ । ଭାରତ ସରକାରଙ୍କ ପ୍ରତିରକ୍ଷା ବିଭାଗର ଅଗ୍ନିବୀର ସମ୍ପର୍କରେ ସୂଚନା ତଥା ଏହା କିପରି ଯୁବଶକ୍ତିଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛି ଏନେଇ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଆଲୋଚନା ଚକ୍ରର ପ୍ରାରମ୍ଭରେ ଶିକ୍ଷାବିତଟି ରାଜଲକ୍ଷ୍ମୀ ଏବଂ ଅବସର ଆର୍ମି ସୁଜିତ ପାଲ ଆଭିମୁଖ୍ୟ ସମ୍ପର୍କରେ ଛାତ୍ରମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ସିପାହୀ ମାନଗୋବିନ୍ଦ ନାୟକ ଅବସର ପ୍ରାପ୍ତ ଭାରତୀୟ ନୌସେନା ଲକ୍ଷ୍ମୀ ନାରାୟଣ ମିଶ୍ର, ଶିକ୍ଷୟତ୍ରୀ ରଶ୍ମିତା ଦାଶ, ଖବରଦାତା ଅମୀୟ ଧଳ ପ୍ରମୁଖ ଯୋଗଦେଇ ଥିଲେ ।

# ବାଣପୁରରେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରେ ଯୋଗ ଦେଲେ ୧୫୦୦ ନିରକ୍ଷର ପୁରୁଷ ଓ ମହିଳା



ଚିଲିକା/ବାଣପୁର, ୧୫/୦୩ (ଆ.ପ୍ର) : ଭାରତ ସରକାରଙ୍କର ଶିକ୍ଷା ମନ୍ତ୍ରାଳୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ ଖୋର୍ଦ୍ଧାଙ୍କ ଆଦେଶ କ୍ରମେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ମାଧ୍ୟମରେ ବାଣପୁର ବ୍ଲକର ବାର ଗୋଟି ଆଂଚଳିକ ସାଧନ କେନ୍ଦ୍ର ଗୁଡିକରେ ୧୫୦୦ ନିରକ୍ଷର ପୁରୁଷ ଓ ମହିଳା ପରୀକ୍ଷା ଦେଇଛନ୍ତି । ପୂର୍ବେ ପ୍ରଥମ ପର୍ଯ୍ୟାୟରେ ବାଣପୁର ବ୍ଲକର ୧୪୫୬ ଜଣ ନିରକ୍ଷର ପରୀକ୍ଷାରେ ଯୋଗଦେଇ ସାକ୍ଷର କୃତକାର୍ଯ୍ୟ ହୋଇଛନ୍ତି । ବର୍ତମାନର ଦ୍ୱିତୀୟ ପର୍ଯ୍ୟାୟରେ ୧୫୦୦ ନିରକ୍ଷର ପରୀକ୍ଷାର ଫଳାଫଳ ସହିତ ଭାରତ ସରକାରଙ୍କ ପକ୍ଷରୁ ମାନପତ୍ର ପାଇବା ଅପେକ୍ଷାରେ ଅଛନ୍ତି । ସ୍ଥାନୀୟ ବାନାମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ସର୍ବାଧିକ ୨୫୦ରୁ ଉର୍ଦ୍ଧ ପରୀକ୍ଷାର୍ଥୀ ଯୋଗ ଦେଇ ବାଣପୁର ବ୍ଲକର ଗୌରବ ସ୍ଥାପନ କରିଛନ୍ତି । ବାଣପୁର ବ୍ଲକର ସମସ୍ତ ପରୀକ୍ଷା କେନ୍ଦ୍ର ଅଫିସର, ପରିଚାଳକ ,ବ୍ଲକ ନୋଡାଲ ଅଫିସର ସମସ୍ତ ଗ୍ରାମପଂଚାୟତ ନୋଡାଲ ଅଫିସର ତଥା ଆଂଚଳିକ ସାଧନ କର୍ମୀଙ୍କର ତତ୍ତ୍ୱାବଧାନରେ ବାଣପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ଏଣୁ ସମସ୍ତ ଅଧିକାରୀ ମାନଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ସମସ୍ତଙ୍କ ସ ?ହଯୋଗ ନିମନ୍ତେ କୃତଜ୍ଞତା ଜଣାଇଛନ୍ତି ।

# କର୍କଟ ରୋଗରେ ସହାୟତା ଖୋଜୁ ଥିବା କୁନିଙ୍କୁ ଭେଟିଲେ ବିଧାୟକ



ହାଟଡିହି, ୧୫/୦୩ (ଆ.ପ୍ର) : ହାଟଡିହି ବ୍ଲକ ଦୁରା ରୋଗ କର୍କଟରେ ଭଲ କରିବା ଲାଗି ସାହାଯ୍ୟ ସହୋଜୋଗ ଲୋଡୁଥିବାପୁଅ ବଳରାମ ଜେନା । ବାପା କୁନି ଜେନାଙ୍କୁ ଅସ୍ତ୍ରୋପଚାର ପାଇଁ ଉତ୍କଳ ମେଡିକାଲରେ ଚିକିତ୍ସା କରୁଥିବା ବେଳେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ତାଙ୍କୁ ଭେଟି ଛନ୍ତି । ବିଧାୟକ ତାଙ୍କୁ ଭେଟିବା ପରେ କୁନି ଯେନା ଓ କପୁଣ୍ଡି ଗ୍ରାମବାସୀ ମାନେ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଭବାନୀପାଟଣାରେ ଜମିଲା 'ଅନୁଗୁଞ୍ଜ–୨୦୨୬', ଛାତ୍ରଛାତ୍ରୀଙ୍କ ଉତ୍ସାହ



କଳାହାଣ୍ଡି, ୧୫/୦୩ (ଆ.ପ୍ର) : ଭବାନୀପାଟଣାସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜ୍, କଳାହାଣ୍ଡିର ବାର୍ଷିକ ସାଂସ୍କୃତିକ ଉତ୍ସବ 'ଅନୁଗୁଞ୍ଜ–୨୦୨୬' ଦୁଇ ଦିନ ଧରି ଆଡମ୍ବରପୂର୍ଣ୍ଣ ଭାବେ ଆୟୋଜିତ ହୋଇ ସଫଳତାର ସହିତ ସମାପ୍ତ ହୋଇଛି । ଏହି ଉତ୍ସବ ୧୧ ଓ ୧୨ ମାର୍ଚ୍ଚରେ କଲେଜ୍ ପରିସରରେ ଆୟୋଜିତ ହୋଇଥିଲା । ଉଦ୍ଘାଟନ ଅନୁଷ୍ଠାନରେ ଓଡିଶା ଷ୍ଟେଟ୍ ଓପେନ ୟୁନିଭର୍ସିଟିର ଉପକୁଳପତି ପ୍ରୋଫେସର (ଡ଼.) ଶ୍ୟାମ ସୁନ୍ଦର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସୃଜନଶୀଳତା ଓ ସାଂସ୍କୃତିକ କ୍ଷେତ୍ରରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ । କଗ୍ନିଜାଂଟ, ଭୁବନେଶ୍ୱରର ଡାଇରେକ୍ଟର (ପ୍ରୋଜେକ୍ଟସ୍) ବିନୟ ଝା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଆଧୁନିକ ପ୍ରଯୁକ୍ତି ଓ କାର୍ଯ୍ୟଜୀବନ ସମ୍ପର୍କରେ ମୂଲ୍ୟବାନ ମତାମତ ଦେଇଥିଲେ । ଏହାସହ ଓଲିମ୍ପିଆନ ଓ ଅର୍ଜୁନ ପୁରସ୍କାର ପ୍ରାପ୍ତ କେ. ରବି କୁମାର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । କଲେଜର ଅଧ୍ୟକ୍ଷ ଓ ପ୍ରାଚାର୍ଯ୍ୟ ପ୍ରୋଫେସର (ଡ଼.) ସୁଭ୍ରାଂଶୁ ଶେଖର ଦାଶଙ୍କ ସହ ଡ଼. ଚିତରଞ୍ଜନ ଦାଶ, ଡ଼. ବସନ୍ତ କୁମାର ସ୍ୱାଇଁ ଓ ଡ଼. ଲକ୍ଷ୍ମୀନାରାୟଣ ରାଉତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ଲୋକନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଦ୍ୱିତୀୟ ଦିନରେ ଓଲିଉଡ୍ ଗାୟକ ଆଶୁତୋଷ ମହାନ୍ତି, ଗୀତିଶ୍ରୀ ଜେନା ଓ ରାଜେଶ ଦାଶଙ୍କ ଷ୍ଟାର ନାଇଟ୍ ଏବଂ ଡିଜେ ରାଜ ଓ ଡିଜେ ସସ୍ପଜ୍ଙ୍କ ଡିଜେ ନାଇଟ୍ ଦର୍ଶକମାନଙ୍କୁ ମନୋରଞ୍ଜନ ଦେଇଥିଲା । କଲେଜର କଲ୍ଚରାଲ୍ କମିଟି ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ 'ଅନୁଗୁଞ୍ଜ–୨୦୨୬' ଏକ ସ୍ମରଣୀୟ ସାଂସ୍କୃତିକ ଉତ୍ସବ ଭାବେ ସମାପ୍ତ ହୋଇଛି ।

# ପବିତ୍ର ରାମନବମୀ ଉପଲକ୍ଷେ ଧାମନଗରରେ 'ରନ୍ ଫର୍ ରାମ' ନାମରେ ଗଣଦୌଡ଼



ଧାମନଗର, ୧୫/୦୩ (ଆ.ପ୍ର) : ପବିତ୍ର ରାମନବମୀ ଉପଲକ୍ଷେ ରବିବାର ସକାଳ ସମୟରେ ଧାମନଗର ଶ୍ରୀରାମ ମହାଯଜ୍ଞ ସମିତି ଆନୁକୂଲ୍ୟରେ 'ରନ୍ ଫର୍ ରାମ' ନାମରେ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ଜୟନଗର ଛକ ହନୁମାନ ମନ୍ଦିର ଠାରୁ ଗଣଦୌଡ ବାହାରି ସାନ ବଜାର,ବଡ ବଜାର ପରିକ୍ରମା କରି ମେଡିକାଲ ବଜାର ସ୍ଥିତ ମେଲଣ ପଡିଆ ଯଜ୍ଞ ସ୍ଥଳରେ ସମାପନ ହୋଇଥିଲା । ଏହି 'ରନ୍ ଫର୍ ରାମ' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯୁବସମାଜଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା ପ୍ରତି ସଚେତନତା ସୃଷ୍ଟି କରିବା,ସମାଜରେ ଏକତା ଓ ଭାଇଚାରା ବଢ଼ାଇବା ସହିତ ଭାରତୀୟ ସଂସ୍କୃତି ଓ ଶ୍ରୀରାମଙ୍କ ଆଦର୍ଶକୁ ଲୋକମାନଙ୍କ ମଧ୍ୟରେ ପ୍ରଚାର କରିବା । ଏଥିସହିତ ଆଗାମୀ ଶ୍ରୀରାମ ମହାଯଜ୍ଞ ଓ ରାମନବମୀ ଉତ୍ସବକୁ ନେଇ ଜନସାଧାରଣଙ୍କୁ ଜାଗୃତ କରିବା ମଧ୍ୟ ଏହାର ଲକ୍ଷ୍ୟ ଥିଲା । ଏପରି କାର୍ଯ୍ୟକ୍ରମ ଦ୍ୱାରା ସମାଜରେ ଧାର୍ମିକ ଭାବନା, ହିନ୍ଦୁ ଏକତା, ଧର୍ମର ପ୍ରଚାର ସହିତ ଶୃଙ୍ଖଳା ଓ ଦେଶଭକ୍ତିର ମନୋଭାବ ବୃଦ୍ଧି କରୁଛି । ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଉପଲକ୍ଷେ ଶ୍ରୀରାମଙ୍କ ପାଇଁ ଗଣଦୌଡ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଶ୍ରୀରାମ ମହାଯଜ୍ଞ ସମିତିର ଆବାହକ ସରୋଜ ମହାପାତ୍ର, ବରିଷ୍ଠ ବିଜେପି ନେତା, ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ କର୍ମକର୍ତା ତଥା ସଞ୍ଜୟ କୁମାର ସ୍ୱାଇଁ, କୈଳାଶ ଗୁପ୍ତା, ବିପିନ ପଣ୍ଡା, ମନୋରଞ୍ଜନ ମଲ୍ଲିକ, ଶ୍ରୀଧର ବେହେରା, ମହିଳା ନେତ୍ରୀ ମମତା ବେହେରା, ପୁଷ୍ପାଞ୍ଜଳି ବେହେରା, କାଉନସିଲର ସ୍ୱାଧୀନ ସମ୍ବିତ ଦାଶ, ଉତମ ମହାନ୍ତି, ଓକିଲ ସଂଘର କର୍ମକର୍ତା ଅଶୋକ ଦାସ, ରଞ୍ଜିତ ମହାନ୍ତି, ବିଜୟ କୁମାର ରାମ, ସୁଦର୍ଶନ ସାମଲ, ଶ୍ରୀକାନ୍ତ ନାୟକ, ପ୍ରିତମ ଦାସ, ରାଜୀବ ଦାସ, ଅରବିନ୍ଦ ପତି, ପ୍ରମୋଦ କୁମାର ସୁତାର, କୃଷ୍ଣ ଚନ୍ଦ୍ର ଜେନା, ଦୁର୍ଗାପ୍ରସାଦ ମହାପାତ୍ର, କୁମାରଶଧିରେନ୍ଦ୍ର କର, ରମେଶ ପତି, ଅଜୟ ବଳ, ସୁରଜ୍ ସାହୁ, ଲକ୍ଷ୍ମୀଧର ବେହେରା, ରାମଚନ୍ଦ୍ର ମିଶ୍ର, ଚତୁରଭୁଜ ନାୟକ, ରାଜେନ୍ଦ୍ର କୁମାର ଜେନା, ଲକ୍ଷ୍ମୀଧର ପାଣିଗ୍ରାହୀ, ଗୀତାରାଣୀ ସାହୁ, ଶାନ୍ତିଲତା ସେଠୀଙ୍କ ସହ ବ୍ଲକ ଓ ଏନଏସିରୁ ବହୁ ଶ୍ରୀରାମ ପ୍ରେମୀ ଏଥିରେ ସାମିଲ ହୋଇଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ଧାମନଗର ଏସଡିପିଓ ଅନିରୁଦ୍ଧ ମୁଦୁଲି, ଆଇଆଇସି ସୁଭ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ଉପସ୍ଥିତ ରହି ଶାନ୍ତି ରକ୍ଷା କରିଥିଲେ ।

# ଧାମନଗରରେ ଏମ୍ ଏନ୍ ଗ୍ରୁପ ତରଫରୁ ଇଫତାର ପାର୍ଟି



ଧାମନଗର, ୧୫/୦୩ (ଆ.ପ୍ର) : ଧାମନଗର ଏନ ଏ ସି ଅନ୍ତର୍ଗତ ୮ନମ୍ବର ୱାର୍ଡ ଅଧିନସ୍ଥ ମୁଲଣା ସାହି ଠାରେ ଏମ୍ ଏନ୍ ଗ୍ରୁପ ଏବଂ ହବିବ କମିଟି ଆନୁକୂଲ୍ୟରେ ପବିତ୍ର ରମଜାନ ମାସ ଉପଲକ୍ଷେ ଏକ ଇଫତାର ପାର୍ଟି ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏମଡି ଫଜଲେ ବାରିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଇଫତାର ପାର୍ଟିରେ ଆଲହଜ ସୟଦ ଅହେମ୍ମଦ ରଜା ହବିବି (ମସ୍ତାନ–ଏ ମିଲ୍ଲତ୍) ଯୋଗ ଦେଇ ଫାତେହା ପରେ ଇଫତାର କରିଥିଲେ । ଏହି ଇଫତାର ପାର୍ଟିରେ ରୋଜା ରଖିଥିବା ଶହଶହ ରୋଜାଦାର ତଥା ସୟଦ ଓବେଦୁଲା, ସେକ ଜୟନୁଲ ଆବେଦ୍ଦିନ, ମୀର ନୁରୁଲ ଇସଲାମ,ମୀର ଫାରୁକ, ସେକ ସାହିଲ, ସେକ ଇସଲାମୁଦ୍ଦିନ, ସେକ ହଲିମ, ମୀର ମୁରତୁଜା, ସେକ ମୋହିଉଦ୍ଦିନ, ମୀର ନୁରମହମ୍ମଦ, ସେକ ଜାଫର ଅଲ୍ଲୀ, ସେକ ରୋସ୍ତମ, ସେକ ମକଦୁମ, ସେକ ଅବଦୁଲ କାଦୀର, ମୀର ଖୁରସିଦ, ସେକ ସିରାଜ, ସେକ ମାଙ୍ଗୋ, ସେକ ହାତୀ, ସେକ ପପୁ,ସେକ ସଦାମ, ସେକ ସଲିମ ଖାଁ, ଅଭିମନ୍ୟୁ ସେଠୀଙ୍କ ସମେତ ଉକ୍ତ ଗ୍ରାମବାସୀ ଏବଂ ବିଭିନ୍ନ ଅଂଚଳରୁ ବାବାଙ୍କ ଭକ୍ତ ଶ୍ରଦ୍ଧାଳୁ ପ୍ରମୁଖ ଯୋଗ ଦେଇ ରମଜାନ (ଉପବାସ) ମାସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶେଷରେ ବରିଷ୍ଠ ବିଜେଡ ନେତା ସେକ ଜାଫର ଅଲ୍ଲୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଖାନକା ମସଜିଦ ପରିସରରେ ୪ଟାରେ ନମାଜ ପଢିବା ପରେ ମସ୍ତାନ ବାବାଙ୍କୁ ଖାନକା ସରିଫ୍ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ମୁଲଣା ସାହି ପର୍ଯ୍ୟନ୍ତ ନିଆଯାଇଥିଲା ।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ଘଟଣାରେ ଅଭିଯୁକ୍ତ ଗିରଫ

ପାରଳାଖେମୁଣ୍ଡି, ୧୫/୦୩ (ଆ.ପ୍ର) : ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ମଳାସପଦର ଗ୍ରାମର ଜଣେ ୧୩ ବର୍ଷୀୟ ନାବାଳିକାକୁ ଦୁଷ୍କର୍ମ କରି ଫେରାର ଥିବା ସେହି ଗ୍ରାମର ତାରିଣୀ ପ୍ରଧାନ(୪୬)କୁ ପୁଲିସ ମୋହନାରୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୁଲିସର ସୂଚନା ପ୍ରକାରେ ମଳାସପଦର ଗ୍ରାମର ତାରିଣୀ ପ୍ରଧାନ ନାମକ ଜଣେ ବ୍ୟକ୍ତି ଉକ୍ତ ଗ୍ରାମର ଜଣେ ନାବାଳିକା ସହ ବାରମ୍ବାର ଅବୈଧ ସମ୍ପର୍କ ରଖୁଥିଲା । ନାବାଳିକାର ବାପା ମା ଦିନ ମଜୁରିଆ ଭାବେ କାର୍ଯ୍ୟ କରିବା ପାଇଁ ପ୍ରତିଦିନ ବାହାରକୁ ଚାଲିଯିବା ପରେ ତାରିଣୀ ନାବାଳିକା ଜଣକ ଘରକୁ ଯାଇ ତାକୁ ବିଭିନ୍ନ ପ୍ରଲୋଭନ ଦେଖାଇବା ସହ ଧମକ ଚମକ ଦେଇ ତା ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଆସୁଥିଲା । ନାବାଳିକା ଜଣକର ମାସିକ ଋତୁସ୍ରାବ ନହେବାରୁ ତା ମାଆ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପରେ ଝିଅ ଗର୍ଭବତୀ ଥିବା ଜଣାପଡିଥିଲା । ଏହି ଖବର ଜାଣିବା ପରେ ମୋହନା ଚାଇଲଡ ଲାଇନ ସଦସ୍ୟ ଗ୍ରାମରେ ପହଂଚି ନାବାଳିକା ଜଣକୁ ଉଦ୍ଧାର କରିବା ସହ ମୋହନା ଥାନାକୁ ଆଣିଥିଲେ । ପୁଲିସ ଗ୍ରାମରେ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତ ତାରିଣୀ କେଉଁଆଡ଼େ ଫେରାର ହୋଇ ଯାଇଥିଲା । ଅନ୍ୟପଟେ ପୂର୍ବରୁ ଅଭିଯୁକ୍ତ ତାରିଣୀ ନାମରେ ଏଭଳି ଘୃଣ୍ୟ ଅଭିଯୋଗ ମଧ୍ୟ ରହିଛି । ୨୦୧୯ରେ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଥାନା ଅଂଚଳର ଏକ ଗ୍ରାମର ଜଣେ ଯୁବତୀଙ୍କ ସହ ତାର ଅବୈଧ ସମ୍ପର୍କ ରଖିଥିବା ନେଇ ଅଭିଯୋଗ ହେବା ପରେ ଉକ୍ତ ଗ୍ରାମର ଲୋକେ ଆସି ଅଭିଯୁକ୍ତ ତାରିଣୀର ଘର ଭାଙ୍ଗିଦେଇଥିଲେ ।

## ଦିଲ୍ଲୀ-ସାହରନପୁର-ଡେରାଡୁନ ଏକ୍ସପ୍ରେସୱେରେ ପରିବେଶ ଅନୁକୂଳ ବୈଶିଷ୍ଟ୍ୟ ଅନୁଧ୍ୟାନ କଲେ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳ

ଭୁବନେଶ୍ୱର, ୧୫/୦୩ (ପିଆଇବି) : ଭୁବନେଶ୍ୱର ଆନୁକୂଲ୍ୟରେ ଉତରାଖଣ୍ଡ ଯାଇଥିବା ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ ଆଜି ଗସ୍ତର ଶେଷ ପର୍ଯ୍ୟାୟରେ ଦିଲ୍ଲୀ-ସାହରନପୁର-ଡେରାଡୁନ ଏକ୍ସପ୍ରେସ ୱେ ପ୍ରକଳ୍ପ ପରିଦର୍ଶନ କରିଛନ୍ତି । ଆଧୁନିକ ରାଜପଥ ଭିତିଭୂମି ବିକାଶ ସମୟରେ କିଭଳି ପରିବେଶଗତ ଦୀର୍ଘସ୍ଥାୟିତ୍ୱ ଏବଂ ବନ୍ୟପ୍ରାଣୀ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି ତାହା ଏହି ପ୍ରକଳ୍ପରେ ଦେଖିବାକୁ ମିଳିଛି । ଏହି ପରିଦର୍ଶନ ପରେ ବିକାଶ ଆବଶ୍ୟକତା ଏବଂ ପରିବେଶ ସଂରକ୍ଷଣ ମଧ୍ୟରେ ସନ୍ତୁଳନ ବଜାୟ ରଖାଯାଇ ବୃହତ ଯୋଗାଯୋଗ ପ୍ରକଳ୍ପ କିଭଳି ନିର୍ମାଣ କରାଯାଉଛି ତାହା ବୁଝିବାରେ ଏହି ପ୍ରତିନିଧି ଦଳ ସଫଳ ହୋଇଛି । ପିଆଇୟୁ ବସନ୍ତ ବିହାରର ପ୍ରକଳ୍ପ ନିର୍ଦ୍ଦେଶକ ସୌରଭ ସିଂହ ପ୍ରତିନିଧିମଣ୍ଡଳୀକୁ ସ୍ୱାଗତ କରିଥିଲେ । ସେ ଏହି ଏକ୍ସପ୍ରେସୱେର ଅଗ୍ରଗତି ଏବଂ ଆଂଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସୂଚନା ଦେଇଥିଲେ । ସେ କହିଥିଲେ, ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଦିଲ୍ଲୀ ଓ ଡେରାଡୁନ ମଧ୍ୟରେ ଯାତ୍ରା ସମୟ ଯଥେଷ୍ଟ ହ୍ରାସ ପାଇବ । ଏହା ସମଗ୍ର ଅଂଚଳରେ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବ । ରାଜାଜୀ ଜାତୀୟ ଉଦ୍ୟାନ ନିକଟବର୍ତୀ ପରିବେଶଗତ ସମ୍ବେଦନଶୀଳ ଅଂଚଳ ଦେଇ ଯାଇଥିବା ରାଜପଥର ଅଂଶ ନିର୍ମାଣ ସମୟରେ ବିଶେଷ ଧ୍ୟାନ ଦିଆଯାଇଛି ବୋଲି ଅଧିକାରୀମାନେ କହିଛନ୍ତି । ଏଥିରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଜଙ୍ଗଲ ପରିଦୃଶ୍ୟରେ ପ୍ରାଣୀଙ୍କ ପ୍ରାକୃତିକ ଗତିବିଧିକୁ ସଂରକ୍ଷଣ କରିବା ପାଇଁ ଅଭିନବ ଇଞ୍ଜିନିୟରିଂ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପରିଦର୍ଶନ ସମୟରେ, ରାଜାଜୀ ଜାତୀୟ ବନଖଣ୍ଡର ସହାୟକ ବନ ସଂରକ୍ଷକ ଅଜୟ ଲିଙ୍ଗୱାଲ, ଏନଏଚଏଆଇର ସାଇଟ୍ ଇଞ୍ଜିନିୟର ସୁମିତ ସିଂହଙ୍କ ସହିତ ପ୍ରତିନିଧିମଣ୍ଡଳୀ ଆଲୋଚନା କରିଥିଲେ । ସେମାନେ ଏହି ପ୍ରକଳ୍ପର ବନ୍ୟପ୍ରାଣୀ ସଂରକ୍ଷଣ ପଦକ୍ଷେପ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ଏଥିରେ ସ୍ୱତନ୍ତ୍ର ବନ୍ୟପ୍ରାଣୀ ଅଣ୍ଡରପାସ୍, ଇକୋ-ବ୍ରିଜ୍ ଏବଂ ପ୍ରାକୃତିକ କରିଡର ନିର୍ମାଣ କରାଯାଇଛି । ଏହାଦ୍ୱାରା ପ୍ରାଣୀମାନଙ୍କର ବାସସ୍ଥଳୀ କ୍ଷତିଗ୍ରସ୍ତ ହେବ ନାହିଁ ଏବଂ ସେମାନେ ସୁରକ୍ଷିତ ଭାବରେ ରାଜପଥ ପାର କରିପାରିବେ । ବିସ୍ତୃତ ପରିବେଶଗତ ଅଧ୍ୟୟନ ପରେ ଏପରି ବୈଶିଷ୍ଟ୍ୟଗୁଡ଼ିକ ଡିଜାଇନ୍ କରାଯାଇଛି ଏବଂ ଏଗୁଡ଼ିକ ବନାଂଚଳରେ ଭିତିଭୂମି ବିକାଶର ଏକ ପ୍ରମୁଖ ଉପାଦାନ ହୋଇପାରିଛି ବୋଲି ପ୍ରତିନିଧିମଣ୍ଡଳୀକୁ ଅବଗତ କରାଯାଇଥିଲା । ଏହି ପଦକ୍ଷେପ ସ୍ଥାନୀୟ ଅଂଚଳରେ ପରିବେଶର ଦୀର୍ଘସ୍ଥାୟିତ୍ୱ ବଜାୟ ରଖିବା ସହିତ ବନ୍ୟପ୍ରାଣୀଙ୍କ ସହ ଜଡିତ ସଡ଼କ ଦୁର୍ଘଟଣାକୁ ରୋକିବାରେ ସହାୟକ ହେବ । ପ୍ରକଳ୍ପର ଏଭଳି ସୁଚିନ୍ତିତ ଯୋଜନା ପ୍ରସ୍ତୁତିକୁ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳ ପ୍ରଶଂସା କରି କହିଥିଲେ, ଏହି ଏକ୍ସପ୍ରେସ୍ ୱେ ଦୀର୍ଘସ୍ଥାୟୀ ଯୋଗାଯୋଗ ଲାଗି ପ୍ରଗତିଶୀଳ ଆଭିମୁଖ୍ୟକୁ ପ୍ରତିନିଧିତ୍ୱ କରୁଛି । ଏହା ପରିବେଶ ସୁରକ୍ଷା ସହିତ ଭିତିଭୂମି ବିକାଶ ମଧ୍ୟରେ ସନ୍ତୁଳନ ପ୍ରତିଷ୍ଠା କରୁଛି । ଭାରତରେ ଭିତିଭୂମି ପ୍ରକଳ୍ପ ନିର୍ମାଣ ସମୟରେ ସଂଯୋଗୀକରଣକୁ ଉନ୍ନତ କରିବା ସହିତ ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ କିପରି ଅଭିନବ ଓ ଦାୟିତ୍ୱପୂର୍ଣ୍ଣ ପଦ୍ଧତି ଗ୍ରହଣ କରାଯାଉଛି ସେ ସମ୍ପର୍କରେ ପ୍ରତିନିଧି ଦଳ ଏହି ଗସ୍ତ ସମୟରେ ଜ୍ଞାନ ଆହରଣ କରିପାରିଛନ୍ତି । ଓଡ଼ିଶାର ଏହି ପ୍ରତିନିଧି ଦଳରେ ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ନଅ ଜଣ ବରିଷ୍ଠ ସାମ୍ବାଦିକ ଏବଂ ସମ୍ପାଦକ ସାମିଲ ରହିଛନ୍ତି ।

## ବାଲିଘାଟ ଓ ଇଟା ଭାଟି ବନ୍ଦ: ଘର ନିର୍ମାଣ ସଙ୍କଟରେ ସାଧାରଣ ଲୋକ



ତିର୍ତୋଲ, ୧୫/୦୩ (ଆ.ପ୍ର) : ଜଗତସିଂହପୁର ଜିଲ୍ଲାର ତିର୍ତୋଲ ବ୍ଲକର ବିଭିନ୍ନ ଅଂଚଳରେ ବର୍ତମାନ ବାଲିଘାଟ ଓ ଇଟା ଭାଟି ବନ୍ଦ ହୋଇଯାଇଥିବାରୁ ସାଧାରଣ ଲୋକଙ୍କ ଘର ନିର୍ମାଣ କାମ ଗୁରୁତର ସମସ୍ୟାରେ ପଡ଼ିଛି । ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁସାରେ, ପୂର୍ବରୁ ସହଜ ମୂଲ୍ୟରେ ବାଲି ଓ ଇଟା ମିଳୁଥିବା ସତ୍ୱେ ବର୍ତମାନ ବାଲିଘାଟ ବନ୍ଦ ହୋଇଯାଇଥିବାରୁ ଘର ତିଆରି ପାଇଁ ଆବଶ୍ୟକ ବାଲି ମିଳୁନାହିଁ । ସେହିପରି ଅନେକ ଇଟା ଭାଟି ବନ୍ଦ ହୋଇଥିବାରୁ ଇଟାର ମୂଲ୍ୟ ମଧ ବଢ଼ିଯାଇଛି । ଏହାର ପ୍ରଭାବରେ ଗରିବ ଲୋକଙ୍କ ପାଇଁ ସରକାର ଦେଉଥିବା ଆବାସ ଯୋଜନାର ଟଙ୍କାରେ ଘର ନିର୍ମାଣ କରିବା ଅତ୍ୟନ୍ତ କଷ୍ଟସାଧ ହୋଇପଡ଼ିଛି ବୋଲି ଲୋକମାନେ କହିଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ, ଆଖପାଖ ଅନେକ ପଂଚାୟତରେ ଗୋଟିଏ ଟ୍ରାକ୍ଟର ବାଲି ମଧ ମିଳୁନଥିବାରୁ ଘର ନିର୍ମାଣ କାମ ପ୍ରଭାବିତ ହେଉଛି । ଏହା ସହ ବାଲିଘାଟ ଓ ଇଟା ଭାଟି ବନ୍ଦ ହେବାରୁ ଅନେକ ଶ୍ରମିକ ମଧ ବେକାର ହୋଇପଡ଼ିଛନ୍ତି । ଏହି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ସଚେତନ ହୋଇ ସାଧାରଣ ଲୋକଙ୍କ ପାଇଁ ବାଲି ଓ ଇଟାର ସୁବ୍ୟବସ୍ଥା କରିବାକୁ ଦାବି ହେଉଛି । ନଚେତ ଆଗାମୀ ଦିନରେ ଲୋକମାନେ ଆନ୍ଦୋଳନକୁ ଯିବାକୁ ବାଧ ହେବେ ବୋଲି ସତର୍କ କରାଯାଇଛି ।

## ସେଲ୍,ଆରଏସପିରେ ଅବସର ପୂର୍ବବର୍ତୀ କର୍ମଚାରୀ ସଶକ୍ତିକରଣ କର୍ମଶାଳା 'ରୋଶନି' ଅନୁଷ୍ଠିତ



ରାଉରକେଲା, ୧୫/୦୩ (ଆ.ପ୍ର) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅନ୍ତର୍ଗତ ସିପିଟିଆଇରେ ମାର୍ଚ୍ଚ ୧୦ ତାରିଖରେ ଅବସର ପୂର୍ବବର୍ତୀ କର୍ମଚାରୀ ସଶକ୍ତିକରଣ କର୍ମଶାଳା 'ରୋଶନି' ଅନୁଷ୍ଠିତ ହୋଇଥିଲା । ଏହାର ଉଦଘାଟନୀ ଅଧିବେଶନରେ ସିଇଏସ ବିଭାଗର ସିଜିଏମ ଶ୍ରୀ ଡି କେ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ସିଇଡ଼ି ବିଭାଗର ଜିଏମ ଶ୍ରୀ ଏସ ଆର ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସୂଚନା ଯୋଗ୍ୟ ଯେ, ୨୦୨୬ ମାର୍ଚ୍ଚ ମାସରେ ଅବସର ଗ୍ରହଣ କରିବାକୁ ଥିବା ଜଣେ ଅଧିକାରୀଙ୍କ ସମେତ କାରଖାନାର ପଚାଶଜଣ କର୍ମଚାରୀ ଏହି ଅଧିବେଶନରେ ଯୋଗ ଦେଇଥିଲେ । 'ରୋଶନି' ରେ ଅନୁଷ୍ଠିତ ଅଧିବେଶନଗୁଡ଼ିକରେ ଏକ ସୁଗମ ଅବସର ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକର ଏକ ବିସ୍ତୃତ ପରିସର ଅନ୍ତର୍ଭୁକ୍ତ ଥିଲା । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅଧିବେଶନରେ ଅତିରିକ୍ତ ସିଏମଓ (ମେଡିକାଲ୍) ଡକ୍ଟର ଶିବଲକର ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଅବସର ପରବର୍ତୀ ଜୀବନ ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ । ସେହିପରି, ସାଇବର ସୁରକ୍ଷା ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ସି ଆଣ୍ଡ ଆଇଟି ବିଭାଗର ଡିଜିଏମ୍ ଭି ପି ଆର୍ଯ୍ୟ ଆଲୋଚନା କରିଥିଲେ, ଯେଉଁଠାରେ ଡିଜିଟାଲ ଯୁଗରେ ଇଂଟରନେଟର ଲାଭ ବିଷୟରେ ବ୍ୟାଖ୍ୟା କରାଯାଇଥିଲା ଏବଂ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଡିଜିଟାଲ ଉପସ୍ଥିତିକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବା ପାଇଁ ସାଇବର ବିପଦ ଏବଂ ସୁରକ୍ଷା ଜନିତ ବିଷୟରେ ଅବଗତ କରାଯାଇଥିଲା । ଅର୍ଥ ସମ୍ବନ୍ଧୀୟ ଅଧିବେଶନରେ ବିତ ଏବଂ ଲେଖା ବିଭାଗର ଡେପୁଟି ମ୍ୟାନେଜର ଡି କେ ଦାଶ ଅବସର ପରବର୍ତୀ ପର୍ଯ୍ୟାୟରେ ଆର୍ଥିକ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ସୁଗମ ଚୂଡ଼ାନ୍ତ ସମାଧାନ ଏବଂ ପ୍ରଭାବଶାଳୀ ଆର୍ଥିକ ପରିଚାଳନା ପାଇଁ ପ୍ରକ୍ରିୟାଗୁଡ଼ିକ ଉପରେ ଆଲୋଚନା କରିଥିଲେ । ବିତ ଏବଂ ଲେଖା ବିଭାଗର ଏଜିଏମ ପି ସି ସାହୁ ଆର୍ଥିକ ସୁରକ୍ଷା ଯୋଜନା ବିଷୟରେ ମଧ ଆଲୋଚନା କରିଥିଲେ । ଅବସର ପରବର୍ତୀ ପରିବର୍ତନ ପର୍ଯ୍ୟାୟର ଉତମ ମାନସିକତା ସହ ଏକ ସକ୍ରିୟ ଜୀବନଯାପନ ଶୈଳୀ ଆପଣେଇବା ଦିଗରେ , ଏସପିପି ବିଭାଗର ଜିଏମ ଇନ-ଚାର୍ଜ ଡକ୍ଟର ପି କେ ପାଢ଼ୀ ଅଂଶଗ୍ରହଣ କାରୀଙ୍କ ସହ ଆଲୋଚନା କରିଥିବା ବେଳେ ସହର ସେବା ବିଭାଗର ସୁବିଧା ସୁଯୋଗ ଉପରେ, ସହର ସେବା ବିଭାଗର ଡେପୁଟି ମ୍ୟାନେଜର ଭରତ ମହାନ୍ତ ସମସ୍ତଙ୍କୁ ଅବଗତ କରାଇ ଥିଲେ । ପ୍ରାରମ୍ଭରେ ମାନବ ସମ୍ବଳ (ଇଆର୍ ଏବଂ ସି) ବିଭାଗର ଏସ୍ ପି ମାଝୀ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲା ବେଳେ ଡେପୁଟି ମ୍ୟାନେଜର ଏସ୍ କେ ନାୟକ, ଶ୍ରମ ନିରୀକ୍ଷକ କେ କେ ପରିଡା ଓ ବିଭାଗୀୟ ଦଳ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ସୂଚନା ଯୋଗ୍ୟ, ଅବସର ଗ୍ରହଣ କରୁଥିବା କର୍ମଚାରୀମାନଙ୍କୁ ସକାରାତ୍ମକ ଭାବନା, ଉତ୍ସାହ ଏବଂ ପ୍ରାକ ପ୍ରସ୍ତୁତି ସହିତ ଅବସର ଗ୍ରହଣ କରିବା ପାଇଁ ପ୍ରସ୍ତୁତ କରିବା 'ରୋଶନି' କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ।

## ୧୫ ଦିନରେ ଆଗପଛ ହୋଇ ଚାଲିଗଲେ ଗୋଟିଏ ପରିବାରର ତିନିଜଣ ଲୋକ

ହାଟଡିହି, ୧୫/୦୩ (ଆ.ପ୍ର) : ହାଟଡିହି ମାତ୍ର ୧୫ଦିନ ଭିତରେଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ଘଟିଛି । ଏଭଳି ଦୁଃଖଦ ଘଟଣା ଘଟିଛି କେନ୍ଦୁଝର ଜିଲଲ ହାଟଡିହି ବ୍ଲକ୍ ବରାଙ୍ଗ ଗାଁରେ । ଭୁବନେଶ୍ୱରର ଏକ କମ୍ପାନିରେ ସଫ୍ଟୱେର ଇଞ୍ଜିନିୟର ଥିବା ବରାଙ୍ଗ ଗାଁର ସଞ୍ଜୀୟ ନାୟକ (୩୦)ଙ୍କ ଶନିବାର ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ଗତ ୯ଦିନ ତଳେ ତାଙ୍କ ବାପା ପ୍ରମୋଦ ନାୟକଙ୍କ ମୃତ୍ୟୁ ହୋଇଥିଲା । କମଳା ନାୟକଙ୍କ ଦେହାନ୍ତ ହୋଇଥିଲା । ବାପାଙ୍କ ଶୁଦ୍ଧିକ୍ରିୟା ଶାରି ଶନିବାର ସେ ନିଜ କର୍ମକ୍ଷେତ୍ରକୁ ବାଇକ୍ ଯୋଗେ ଫେରୁଥିଲେ । ଯାଜପୁର ଜିଲ୍ଲା ପାଣିକୋଇଲି ନିକଟରେଏକ ପିକ୍‌ଅପ୍ ଭ୍ୟାନ୍ ସହିତ ତାଙ୍କର ଧକା ହୋଇଥିଲା । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପାଇ ପରିବାର ଲୋକେ ସେଠାକୁ ଯାଇଛନ୍ତି । ଯାଜପୁର ଟାଉନ ରେ ଶବ ବ୍ୟବଚ୍ଛେଦ କରାଯାଇ ଥିଲା । ସଞ୍ଜୀୟଙ୍କ ଦେହାନ୍ତ ଖବର ପହଂଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଅକାଳ ବିୟୋଗରେ ସଞ୍ଜୀୟଙ୍କ ସମସ୍ତେ ପ୍ରକାଶ କରିଛନ୍ତି ।

## ପୂର୍ବତନ ପଂଚାୟତ ନିର୍ବାହୀ ଅଧିକାରୀଙ୍କ ବିୟୋଗ

ହାଟଡିହି, ୧୫/୦୩ (ଆ.ପ୍ର) : ହାଟଡିହି ପୂର୍ବତନ ପଂଚାୟତ ନିର୍ବାହୀ ଅଧିକାରୀଙ୍କ ବିୟୋଗ । ସେ ପୂର୍ବରୁ କଳିଗାଁ ପଂଚାୟତରେ ଅଧିକାରି ଭାବେ କାର୍ଯ୍ୟ କରୁ ଥିଲେ । ତାଙ୍କର ଏହି ବିୟୋଗ



ରେ ହାଟଡିହି ବ୍ଲକରେ ପୂର୍ବରୁ ଓ ଏବେ ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱରେ ଥିବା ନରହରି ନାୟକ, ଜିତେନ୍ଦ୍ର ଜେନା, ସୁରେଶ ସେଠୀ, ଅମୂଲ୍ୟ ପହି, ରମେଶ ମାଝୀ, ସରପଂଚ ପ୍ରତିନିଧି ପିତବାସ ଜେନା ଏଡି ଓ ବଳରାମ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଶେଷ ଦର୍ଶନ କରି ଅମର ଆତ୍ମାର ସଦଗତୀ କରିଥିଲେ ।

## ଇସ୍ପାତ କାରଖାନା ଅଧିନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍‌ରେ ବିରଳ ସର୍ଭାଇକାଲ୍ ସ୍ପାଇନାଲ୍ କର୍ଡ ଟ୍ୟୁମର ଅସ୍ତ୍ରୋପଚାର ସଫଳତାର ସହ ସମ୍ପାଦିତ



ରାଉରକେଲା, ୧୫/୦୩ (ଆ.ପ୍ର) : ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଂଟର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ ରେ ଏକ ବିରଳ ସର୍ଭାଇକାଲ୍ ସ୍ପାଇନାଲ୍ କର୍ଡ ଟ୍ୟୁମରର ସଫଳତାର ସହିତ ଅସ୍ତ୍ରୋପଚାର କରାଯାଇଛି, ଯାହା ଏକ ୨୪ ବର୍ଷୀୟ ରୋଗୀଙ୍କ ପାଇଁ ଆଶା ଫେରାଇ ଆଣିଛି ଯିଏ ଏକ ସଡ଼କ ଦୁର୍ଘଟଣା ପରେ ହଠାତ୍ ଦୁର୍ବଳତା ଅନୁଭବ କରିଥିଲେ । ଆୟୁଷ୍ମାନ ଭାରତ ହିତାଧିକାରୀ ରିଚାର୍ଡ କୁଜୁରଙ୍କୁ ଏକ ସଡ଼କ ଦୁର୍ଘଟଣା ପରେ ଉଭୟ ଉପର ଏବଂ ତଳ ଅଙ୍ଗରେ ହଠାତ୍ କଠିନତା ଏବଂ ଦୁର୍ବଳତା ଅନୁଭବ କରିବା ପରେ ଆଇଜିଏଚରେ ଭର୍ତି କରାଯାଇଥିଲା । ହସ୍ପିଟାଲ୍‌ରେ କରାଯାଇଥିବା ଏକ ଏମଆରଆଇ ସ୍କାନ୍‌ରୁ ଏପରି ତଥ୍ୟ ପ୍ରକାଶ ପାଇଥିଲା ଯାହା ଦୁର୍ଘଟଣାଜନିତ ଆଘାତ ସହିତ ସମ୍ପର୍କିତ ନୁହେଁ । ଅତିରିକ୍ତ ସିଏମଓ (ରେଡିଓଲୋଜି) ଡାକ୍ତର ମେଘରାୟ ମାଝୀଙ୍କ ଦ୍ୱାରା ଅଧିକ ନିର୍ଣ୍ଣାୟକ ମୂଲ୍ୟାଙ୍କନ ରୋଗୀଙ୍କ ଅବସ୍ଥାର ମୂଳ କାରଣ ଭାବରେ ସର୍ଭାଇକାଲ୍ ସ୍ପାଇନାଲ୍ ଟ୍ୟୁମରର ସମ୍ଭାବନାକୁ ସୂଚିତ କରିଥିଲା । ରୋଗୀଙ୍କ ପରିବାର ସହିତ ଶଲ୍ୟଚିକିତ୍ସା ହସ୍ତକ୍ଷେପର ଆବଶ୍ୟକତା, ସମ୍ବନ୍ଧିତ ବିପଦ ଏବଂ ଆଶାକରାଯାଇଥିବା ପୂର୍ବାନୁମାନ ସମ୍ପର୍କରେ ବିସ୍ତୃତ ପରାମର୍ଶ ପରେ, ଏକ ଜଟିଳ ଅସ୍ତ୍ରୋପଚାର ଯୋଜନା କରାଯାଇଥିଲା । ଏହି ପ୍ରକ୍ରିୟାଟି ବରିଷ୍ଠ ପରାମର୍ଶଦାତା ନ୍ୟୁରୋସର୍ଜନ ଡକ୍ଟର ମନୋଜ କୁମାର ଦେଓଙ୍କ ଦ୍ୱାରା କରାଯାଇଥିଲା, ଏବଂ ଅତିରିକ୍ତ ସିଏମଓ (ଆନାସ୍ଥେସିଆ) ଡକ୍ଟର ମନୋରଞ୍ଜନ ସାମନ୍ତରାୟଙ୍କ ଦ୍ୱାରା ଆନାସ୍ଥେସିଆ ସହାୟତା କରାଯାଇଥିଲା । ପ୍ରାୟ ୧୦ ଘଂଟା ଧରି ଚାଲିଥିବା ଏହି ଅସ୍ତ୍ରୋପଚାର ସମୟରେ, ମେରୁଦଣ୍ଡକୁ ପଛ ପାର୍ଶ୍ୱରୁ ସଂଯୋଗ କରାଯାଇଥିଲା ଏବଂ ତା'ପରେ ଇମ୍ପ୍ଲାଂଟ ସହିତ ସ୍ଥିର କରାଯାଇଥିଲା । କମଳାକର (ଓଟି ଆସିଷ୍ଟାଂଟ) ଏବଂ ଗୋଧୂଳି (ଷ୍ଟାଫ୍ ନର୍ସ) ଅଭ୍ୟନ୍ତରୀଣ ସହାୟତା ପ୍ରଦାନ କରିଥିଲେ । ପରଦିନ ରୋଗୀଙ୍କୁ ଧୀରେ ଧୀରେ ଭେଂଟିଲେଟର ସହାୟତାରୁ ମୁକ୍ତ କରାଯାଇଥିଲା । ଅସ୍ତ୍ରୋପଚାର ପରବର୍ତୀ ସମୟରେ, ତାଙ୍କ ଅବସ୍ଥାରେ ସ୍ଥିର ଉନ୍ନତି ଦେଖାଯାଇଥିଲା ଏବଂ ଉପର ଏବଂ ତଳ ଅଙ୍ଗରେ ଦୁର୍ବଳତା ଏବଂ କଠୋରତା ହ୍ରାସ ପାଇଥିଲା । ପ୍ରେମାନନ୍ଦ ସ୍ୱାଇଁ ଏବଂ ତାଙ୍କ ଦଳ ଦ୍ୱାରା ଅସ୍ତ୍ରୋପଚାର ପରବର୍ତୀ ଫିଜିଓଥେରାପି ଏବଂ ପୁନର୍ବାସ ସହାୟତା ପ୍ରଦାନ କରାଯାଇଥିଲା । ଆରୋଗ୍ୟ ସମୟରେ ନର୍ସିଂ ଯତ୍ନ ସିଷ୍ଟର ଗୌରୀ, ମନସ୍ୱିନୀ, ମନୀଷା, ରୁବି, ସୋନିଆ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ସଫଳ ଅସ୍ତ୍ରୋପଚାର ଏକ ସମନ୍ୱିତ ବହୁବିଧ ଡାକ୍ତରୀ ଦଳ ସହିତ ଜଟିଳ ନ୍ୟୁରୋସର୍ଜିକାଲ୍ ମାମଲାଗୁଡ଼ିକୁ ପରିଚାଳନା କରିବାରେ ରାଉରକେଲାର ଆଇଜିଏଚ୍‌ର ବର୍ଦ୍ଧିତ କ୍ଷମତାକୁ ଉଜାଗର କରେ ।

## ପ୍ରବଚକ ଜଗନ୍ନାଥ ପଣ୍ଡାଙ୍କ ଭାଗବତ ପ୍ରବଚନରେ ଭକ୍ତ ବିମୋହିତ

ପାତ୍ରପୁର, ୧୪/୦୩ (ଆ.ପ୍ର) : ପାତ୍ରପୁର ବ୍ଲକ ବାଦପୁର ଠାରେ ଚାଲିଥିବା ଭାଗବତ ସାପ୍ତାହିକ କାର୍ଯ୍ୟକ୍ରମର ତୃତୀୟ ଦିବସ ରାତ୍ରରେ ପ୍ରବଚକ ଜଗନ୍ନାଥ ପଣ୍ଡା (ଛତ୍ରପୁର) ପଂଚମ ସ୍କନ୍ଦ ଜଡ ଭରତ ଚରିତ୍ର ସହ ଭାଗବତ ନୀତିବାଣୀ ପ୍ରବଚନ ମାଧ୍ୟମରେ ଭକ୍ତ ମାନଙ୍କୁ ବାର୍ତା ଦେଇଥିଲେ । ଆଖ ପାଖ ଅଂଚଳରୁ ବହୁ ଭାଗବତ ଭକ୍ତମାନେ ଉପସ୍ଥିତ ରହି ପ୍ରବଚନ ଶୁଣିବା ସହ ଭକ୍ତି ମାର୍ଗରେ ଲୀନ ହୋଇଥିଲେ । ଏହି କାର୍ଯ୍ୟକ୍ରମ କୁ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରୁଥିବା ବେଳେ ଆଗାମୀ ଦିନରେ ବହୁ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି ।

## ପଂଚାୟତ ସମିତି ମାହାଙ୍ଗା ହରାଇବ ୨କୋଟି ଟଙ୍କାର ପାଣ୍ଠି

ମାହାଙ୍ଗା, ୧୫/୦୩ (ଆ.ପ୍ର) : ଇ-ଗ୍ରାମ୍ୟ ସ୍ୱରାଜରେ ମାହାଙ୍ଗା ବ୍ଲକ ପଂଚାୟତ ଉନ୍ନୟନ ଯୋଜନା(ଇପିଡିପି)କୁ ଇ-ଗ୍ରାମ୍ୟ ସ୍ୱରାଜରେ ଅପଲୋଡ କରାଯାଇ ନାହିଁ । ଏଭଳି ସ୍ଥିତିରେ ପଂଚଦଶ ଅର୍ଥ କମିଶନ ଅଧିନସ୍ଥ ପାଖାପାଖି ୨କୋଟି ଟଙ୍କା ପାଇବାରୁ ଏହି ବ୍ଲକ ବଂଚିତ ହେବାକୁ ଯାଉଛି । ଯେଉଁ ଖବର ରାଜ୍ୟର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଏପରିକି ଏହି ଆଧାରରେ ମାହାଙ୍ଗା ବ୍ଲକ ବିଡିଓଙ୍କୁ ମୁଖ୍ୟ ଉନ୍ନୟନ ଅଧିକାରୀ ୩ଦିନ ମଧ୍ୟରେ ରିପୋର୍ଟ ପ୍ରସ୍ତୁତ କରି ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଖବର ପ୍ରକାଶ ପାଇଛି ଯେ ପାଖାପାଖି ୧୪ମାସ ଧରି ପଂଚାୟତସମିତି ବୈଠକ ଡକାଯାଇ ନାହିଁ । ପଂଚାୟତ ସମିତିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବିଡିଓ ଏହି ବୈଠକ ଡାକିବାର ନିୟମ ରହିଛି । ରାଜ୍ୟରେ ସରକାର ପରିବର୍ତ୍ତନ ପରେ ସ୍ୱାଧୀନ ବିଧାୟକ ମାହାଙ୍ଗାରେ ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ମାହାଙ୍ଗା ବିଡିଓ ବଦଳି ପରେ ମାହାଙ୍ଗା ତହସିଲଦାର ଶୁଭାଷିଶ ପାଲଟା ଅସ୍ଥାୟୀ ଭାବେ ମାହାଙ୍ଗା ବିଡିଓ ଭାବେ ଦାୟିତ୍ୱ ତୁଲାଇଥିଲେ । ବିଜେଡି ସମର୍ଥୀତ ପଂଚାୟତସମିତି ଅଧ୍ୟକ୍ଷ ଠିକ୍‌ଭାବେରେ ପଂଚୟତ ସମିତି ଚଳାଇବାରେ ଅସହଯୋଗ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଥିଲା । ଏପରିକି ବିଧାନସଭା ଚାଲିଥିବା ସମୟରେ ପଂଚାୟତ ସମିତି ବୈଠକକୁ ବାତିଲ ନେଇ କିଛି ସମିତିସଭ୍ୟ ଭାରପ୍ରାପ୍ତ ବିଡିଓଙ୍କୁ ଖରାପ୍ ବ୍ୟବହାର କରିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏପରିକି ପ୍ରଶାସନ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବା ଜନପ୍ରତିନିଧି ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ । ସ୍ୱାଧୀନ ବିଧାୟକ ଦର୍ଶାଇଥିଲେ ଯେ ମାହାଙ୍ଗା ବ୍ଲକ ଅଧକ୍ଷ୍ୟା କିଛି ଗୁରୁତ୍ୱପୂର୍ଣ୍ଣ ପାଇଲ୍ ନିଜ ପାଖରେ ରଖିଥିଲେ ଯାହା ଫଳରେ କୌଣସି ଉନ୍ନୟନମୂଳକ କାର୍ଯ୍ୟକରିବା ସମ୍ଭବପର ହୋଇ ନଥିଲା । ଏଠାରେ ସୂଚନା ଯେ ମାହାଙ୍ଗା ପଂଚାୟତ ସମିତି କାର୍ଯ୍ୟାଳୟ ଦୁର୍ନିତୀ ଗନ୍ତାଘର ପାଲଟିଛି । ସୂଚନାତଥ୍ୟରେ ବହୁ ଗୁମର ପଦାରେ ପଡିଛି । ୨୦୨୪ମସିହା ପୂର୍ବରୁ ମାହାଙ୍ଗା ବ୍ଲକରେ ବାର୍ଦ୍ଧକ୍ୟଭତ୍ତା ଘୋଟଲା, ଅଯୋଗ୍ୟଙ୍କୁ ବିଜୁପକ୍କାଘର, ଭତ୍ତା, ରେସନକାର୍ଡ ପ୍ରଦାନ କରିବା , ଢ଼ଳେଇରାସ୍ତା ନିର୍ମାଣର ୧୫ଦିନ ଭିତରେ ଫାଟିଯିବା, ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ୮ନଂ କେନାଲ ଦୁଇଟି ଶାଖା କେନାଲ ପୋତିହୋଇଯିବା, କାମ ନକରି ବିଭିନ୍ନ ରାସ୍ତାଘାଟର ବିଲ୍ କରିବା, ଏପରିକି ବ୍ଲକ କର୍ମଚାରୀଙ୍କ କ୍ୱାଟର ମରାମତି କରିବା ପରେ ତାକୁ ଭାଙ୍ଗିଦେବା, ମାହାଙ୍ଗାରେ ମାର୍କେଟ କମ୍ପ୍ଲେକ୍ସ ଘରକୁ ବିଜେଡି କର୍ମୀମାନେ ଦୀର୍ଘଦିନଧରି ଜବରଦଖଲ କରିବା, ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ନାମରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ନା କଟକ ଜିଲ୍ଲା, ନା କେନ୍ଦ୍ରାଂଚଳ ନା ବ୍ଲକ ପ୍ରଶାସନ ତାର ତଦନ୍ତ କରିଛି । ଏହି ପ୍ରଶ୍ନ ଉଠୁଛି ପୂର୍ବରୁ ପ୍ରତିମାସରେ ପଂଚୟତ ସମିତି ବୈଠକ ବସେ କି ? ଅପରପକ୍ଷରେ କେତେକ ଗଣମାଧ୍ୟମରେ ମାହାଙ୍ଗାର ଭାରପ୍ରାପ୍ତ ବିଡିଓ ଶୁଭାଷିଶ ପାଲଟାଙ୍କ ବିରୁଦ୍ଧରେ ଖବର ପ୍ରକାଶ କରିବା କାହା ସ୍ୱାର୍ଥରେ । ବିଭିନ୍ନ ପଂଚାୟତର ଉନ୍ନତିମୂଳକ କାର୍ଯ୍ୟ ଠପ୍ ହେବା ପାଇଁ ଦାୟୀ କିଏ ? ପୂର୍ବରୁ ଯେଭଳି ଭାବରେ ଦୁର୍ନିତୀ ହେଉଥିଲା ତାହା ବର୍ତ୍ତମାନ ହୋଇପାରୁ ନାହିଁ । ଫଳରେ ବିରୋଧମାନେ ଔଷଧ ବିକଳରେ ଟାଟିଆ କାମୁଡିଛନ୍ତି । ପ୍ରକୃତ ତଦନ୍ତହେଲେ ବନ୍ଧାହେବେ ବିଜେଡି ଦଳ ସମର୍ଥୀତ ପଂଚାୟତସ୍ତରର ବହୁ ଜନପ୍ରତିନିଧି । ଏଣୁ ରାଜ୍ୟସରକାର ତୁରନ୍ତ ବିଗତ ଦିନରେ ମାହାଙ୍ଗା ବ୍ଲକରେ ହୋଇଥିବା ବିଭିନ୍ନ ଜନହିତକର କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

## ନୂଆପଡ଼ାରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମିତି ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ



ନୂଆପଡ଼ା, ୧୫/୦୩ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଜି ପରସାଗୁଡ଼ାସ୍ଥିତ ବହୁମୁଖୀ ସଭାଗୃହରେ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମାଜର ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନୀ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧକ୍ଷା ଦୀପିକା ଦିପ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧନେଶ୍ୱର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ସ୍ୱାସ୍ଥ୍ୟ ସେବାରେ ଆଶା କର୍ମୀ ଓ ଗାଁ କଲ୍ୟାଣ ସମିତିର ଭୂମିକାକୁ ପ୍ରଶଂସା କରିଥିଲେ । ଗ୍ରାମ୍ୟ ଅଂଚଳରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ପ୍ରଦାନ, ସଚେତନତା ସୃଷ୍ଟି ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନରେ ଆଶା କର୍ମୀମାନଙ୍କ ଅବଦାନ ଉଲ୍ଲେଖନୀୟ ବୋଲି ସେମାନେ କହିଥିଲେ । ଏହି ଅବସରରେ ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ଆଶା କର୍ମୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ନୂଆପଡ଼ା ବ୍ଲକର ମାରାଗୁଡ଼ାର ରେମତି ମାଝୀ ପ୍ରଥମ ସ୍ଥାନ ଅଧିକାର କରି ୬ ହଜାର ଟଙ୍କା ପୁରସ୍କାର ପାଇଥିଲେ । ଖରିଆର ବ୍ଲକର ଲଞ୍ଜିର ହେମକାନ୍ତି ଚଲାନ ଦ୍ୱିତୀୟ ସ୍ଥାନ ଅଧିକାର କରି ୫ ହଜାର ଟଙ୍କା ଏବଂ ବୋଡେନ ବ୍ଲକର ବଇରଗାଁର ଦମୟନ୍ତୀ ମାଝୀ ତୃତୀୟ ସ୍ଥାନ ଅଧିକାର କରି ୪ ହଜାର ଟଙ୍କା ପୁରସ୍କାର ପାଇଥିଲେ । ସେହିପରି ଜିଲ୍ଲାର ବିଭିନ୍ନ ବ୍ଲକର ଶ୍ରେଷ୍ଠ କାର୍ଯ୍ୟଦକ୍ଷ ଜନ ଆରୋଗ୍ୟ ସମାଜ ମଧ ପୁରସ୍କୃତ ହୋଇଥିଲେ । ନୂଆପଡ଼ା ବ୍ଲକର ଭରୁଆମୁଣ୍ଡା (ମାରାଗୁଡ଼ା), କୋମନା ବ୍ଲକର ସିଆଲଟି, ଖରିଆର ବ୍ଲକର ବାଦି, ବୋଡେନ ବ୍ଲକର ଖଇରା ଏବଂ ସିନାପାଲି ବ୍ଲକର କରଙ୍ଗାବାହାଲି ଜନ ଆରୋଗ୍ୟ ସମାଜ ପ୍ରଥମ ସ୍ଥାନ ଅଧିକାର କରି ପ୍ରତ୍ୟେକେ ୧୩ ହଜାର ଟଙ୍କା ଲେଖାଏଁ ପୁରସ୍କାର ପାଇଥିଲେ । ଏହା ସହିତ ସୁସ୍ଥ ଗାଁ ପୁରସ୍କାର ଅନ୍ତର୍ଗତ ନୂଆପଡ଼ା ବ୍ଲକର ସରବଙ୍ଗ ଗ୍ରାମର ମୌଲିଭଟା, କୋମନା ବ୍ଲକର ମାନିଗୁଡ଼ା ଗ୍ରାମର ଜଟଗଡ଼, ଖରିଆର ବ୍ଲକର ଚନାବେଡା ଗ୍ରାମର ଭୋଜପୁର, ବୋଡେନ ବ୍ଲକର ଖଇରା ଗ୍ରାମର ବହାଲ ଏବଂ ସିନାପାଲି ବ୍ଲକର ଗୋରଲା ଗ୍ରାମର ପତିଆଲପଡ଼ା ଗାଁ କଲ୍ୟାଣ ସମିତିକୁ ପ୍ରତ୍ୟେକ ୧୦ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା ।ସେହିପରି ସ୍ୱାସ୍ଥ୍ୟ ସଂସ୍ଥାମାନଙ୍କର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ କାୟାକଳ୍ପ ଓ ଘଛଇଙ୍ଗ ପୁରସ୍କାର ଅନ୍ତର୍ଗତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସିଏଚ୍‌ସି ଖରିଆର ରୋଡ୍, କୋମନା, ବୋଡେନ, ସିନାପାଲି ଓ ଏସଡିଏଚ୍ ଖରିଆର ସହ ଅନ୍ୟାନ୍ୟ ଆମ୍ ଆଦମୀ ସ୍ୱାସ୍ଥ୍ୟ କେନ୍ଦ୍ରମାନ ସମ୍ମାନିତ ହୋଇଥିଲେ । କାର୍ଯ୍ୟକ୍ରମରେ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ, ଘଞୀଗ ଡିପିଏମ୍ ସତ୍ୟନାରାୟଣ ତ୍ରିପାଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏସ୍ ଗୀତା ସହିତ ବିଭିନ୍ନ ବ୍ଲକର ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ ଓ ଗାଁ କଲ୍ୟାଣ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ପ୍ରଥମ ଟ୍ୱେଂଟି-୨୦: ଦକ୍ଷିଣ ଆଫ୍ରିକାଠୁ ହାରିଲା ନ୍ୟୁଜିଲାଣ୍ଡ



ବେ ଓଭାଲ, ୧୫/୩(ନ୍ୟୁ.ଏ): ଦକ୍ଷିଣ ଆଫ୍ରିକା ପୁରୁଷ କ୍ରିକେଟ୍ ଦଳର ନ୍ୟୁଜିଲାଣ୍ଡ ଗସ୍ତ ବିଜୟରୁ ଆରମ୍ଭ ହୋଇଛି । ହେଲେ ମହିଳା ଦଳ ପରାଜୟ ମୁହଁ ଦେଖିଛି । ଏଠାରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଂଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ପୁରୁଷ ଦଳ ୭ ୱିକେଟ୍‌ରେ ବିଶ୍ୱକପ୍ ଉପବିଜେତା ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି । ଦକ୍ଷିଣ ଆଫ୍ରିକା ଏଥିସହ ନ୍ୟୁଜିଲାଣ୍ଡଠୁ ଟ୍ୱେଂଟି-୨୦ ବିଶ୍ୱକପ୍ ସେମିଫାଇନାଲ୍ ପରାଜୟର ମଧୁର ପ୍ରତିଶୋଧ ନେଇଛି । ରବିବାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ୧୪.୩ ଓଭରରେ ମାତ୍ର ୯୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ୨୧ ରନ୍‌ରେ ପ୍ରଥମ ୪ ୱିକେଟ୍ ହରାଇବା ପରେ ଜେମ୍ସ ନୀଶାମ (୨୬), ମିଚେଲ ସାଂଟନର (୧୫), କୋଲେ ମ୍ୟାକ୍‌କୋଂଚି (୧୫) ଓ ବେଭାନ ଜାକବ୍ସ (୧୦) ଦୁଇ ଅଙ୍କ ଛୁଇଁବାରୁ ଦଳ ୧୦୦ ରନ୍‌ର ନିକଟତର ହୋଇପାରିଥିଲା । ଏନ୍‌କ୍ୱବାନି ମୋକୋଏନା ୩ ଏବଂ ଗେରାଲ୍ଡ କୋଏଜି, ଓଟ୍‌ନେଲ ବାର୍ଟମାନ ଓ କେଶବ ମହାରାଜ ୨ ଲେଖାଏଁ ୱିକେଟ୍ ନେଇଥିଲେ । ଜବାବରେ ଦକ୍ଷିଣ ଆଫ୍ରିକା ୩ ୱିକେଟ୍ ହରାଇ ୨୦ ବଲ୍ ପୂର୍ବରୁ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା । କୋନର ଇଷ୍ଟରହୁଇଜେନ ୪୮ ବଲ୍‌ରୁ ଅପରାଜିତ ୪୫ ରନ୍‌ର ପାଳି ଖେଳି ବିଜୟ ମୁଣ୍ଡି ମାରିଥିଲେ । ମୋକୋଏନା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ । ଅନ୍ୟପକ୍ଷରେ ଏହି ସମାନ ଭେନ୍ୟୁରେ ଖେଳାଯାଇଥିବା ମହିଳା ଟ୍ୱେଂଟି-୨୦ରେ ନ୍ୟୁଜିଲାଣ୍ଡ ୮୦ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା । ଅଧିନାୟିକା ଆମେଲିଆ କେର (୭୮) ଓ ଜର୍ଜିଆ ପ୍ଲିମର (୬୩)ଙ୍କ ଅର୍ଦ୍ଧଶତକ ବଳରେ ନ୍ୟୁଜିଲାଣ୍ଡ ମହିଳା ଦଳ ୭ ୱିକେଟ୍ ହରାଇ ୧୯୦ ରନ୍ କରିଥିଲା । ଜବାବରେ ଦକ୍ଷିଣ ଆଫ୍ରିକା ଦଳ ୧୧୦ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ସୋଫି ଡିଭାଇନ୍ ୪ ୱିକେଟ୍ ଅକ୍ତିଆର କରିଥିଲେ । କେର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

## ଜାଳେଣିକୁ ନେଇ ସବୁଠି ଭାଳେଣୀ; ଧରାଶାୟୀ ହୋଟେଲ୍ ଏବଂ ରେଷ୍ଟୁରାଂଟ ବ୍ୟବସାୟ

ନୂଆଦିଲ୍ଲୀ, ୧୫/୩(ନ୍ୟୁ.ଏ): ମଧ୍ୟପ୍ରାଚ୍ୟର ଯୁଦ୍ଧ ମାଡ଼ରେ ଖାଦ୍ୟ ବଜାରରେ ହାହାକାର ସ୍ଥିତି । ଧରାଶାୟୀ ହେଲାଣି ହୋଟେଲ୍ ଏବଂ ରେଷ୍ଟୁରାଂଟର ବ୍ୟବସାୟ । ପ୍ରଭାବିତ ହେଲେଣି ବ୍ୟବସାୟୀ ଏବଂ ଫୁଡ୍ ଡେଲିଭରି ବୟ । ସମସ୍ତଙ୍କ ମୁହଁରେ ସେହି ଗୋଟିଏ କଥା, ଏଭଳି LPG ସଙ୍କଟ ଯଦି ଲାଗିରହେ, ତା'ହେଲେ ଆଉ ୨ ଦିନ ପରେ ସବୁ ହୋଟେଲ୍ ଏବଂ ରେଷ୍ଟୁରାଂଟରେ ତାଲା ଝୁଲିବ । ଏସବୁ ଭିତରେ କାଠ ଓ ଇଣ୍ଧନର ଚାହିଦା ବଢ଼ିଥିବାବେଳେ ଦର ଶୁଣି ମୁଣ୍ଡରେ ହାତଦେଲେଣି ଗ୍ରାହକ । ଜାଳେଣିକୁ ନେଇ ସବୁଠି ଭାଳେଣୀ...ହୋଟେଲରୁ ରେଷ୍ଟୁରାଂଟ...ହଷ୍ଟେଲରୁ ହସ୍ପିଟାଲ୍...ରନ୍ଧନ ଗ୍ୟାସର ସଙ୍କଟ ଭିତରେ ସବୁଠି ହାହାକାର ପରିସ୍ଥିତି । ଗ୍ରାହକଙ୍କଠୁ ବ୍ୟବସାୟୀଙ୍କ ଯାଏଁ ଚିନ୍ତାରେ ପଡ଼ିଗଲେଣି । ସମସ୍ତଙ୍କ ଭିତରେ ଗୋଟିଏ ଆଶଙ୍କା, ଏଭଳି ଗ୍ୟାସ୍ ସଙ୍କଟ ଯଦି ଲାଗିରହେ, ତା'ହେଲେ ଆଉ ୨ ଦିନ ପରେ ବନ୍ଦ ହୋଇଯିବ ସବୁକିଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତି ଭିତରେ ଗତ ସପ୍ତାହେ ହେଲାଣି କମର୍ସିଆଲ୍ ଗ୍ୟାସ ଅଭାବରୁ ଗୁରୁତର ପ୍ରଭାବିତ ହୋଇଛି ହୋଟେଲ୍ ଓ ରେଷ୍ଟୁରାଂଟ ଶିଳ୍ପ । ସମ୍ବଲପୁରର ଏହି ରେଷ୍ଟୁରାଂଟର ଚିତ୍ରକୁ ଥରେ ଦେଖନ୍ତୁ । କମର୍ସିଆଲ୍ ଗ୍ୟାସ୍ ମିଳୁନି ବୋଲି ତନ୍ଦୁର ଚୁଲା ବନ୍ଦ ରହିଛି, ଖାଲି



ପଡ଼ି ରହିଛି ୪/୫ଟି ସିଲିଣ୍ଡର । କେବଳ ଗୋଟିଏ ସିଲିଣ୍ଡରରେ କାମ ଚାଲୁଛି । ତେଣୁ ବ୍ୟବସାୟ ବନ୍ଦ ହୋଇଯିବା ଆଶଙ୍କା କରିଛନ୍ତି ବ୍ୟବସାୟୀ । ଜୀବିକା ହରାଇବା ଆଶଙ୍କା ଘାରିଛି କର୍ମଚାରୀଙ୍କୁ । ଯୁଦ୍ଧ ମାଡ଼ରେ ହୋଟେଲ୍ ରେଷ୍ଟୁରାଂଟ ବ୍ୟବସାୟ ଧରାଶାୟୀ ହେବାକୁ ବସିଥିବାବେଳେ ଅନଲାଇନ୍ ଫୁଡ୍ ଡେଲିଭରି ସଂସ୍ଥା ଏବଂ ଡେଲିଭରି ବୟଙ୍କ ଅବସ୍ଥା ବି ସଂଗୀନ । ଏ ହେଉଛନ୍ତି, ଭୁବନେଶ୍ୱର ପଟିଆ ଅଂଚଳର ଅନଲାଇନ ଫୁଡ୍ ଡେଲିଭରି ବୟ ଦେବାଶିଷ କୁଣ୍ଡୁ । କିଛିଦିନ ଆଗରୁ ଦିନକୁ ୨୫ରୁ ୨୮ଟି ଦୋକାନରୁ ଖାଦ୍ୟ ନେଇକି ଯାଉଥିଲେ । ତାଙ୍କ ପାଖକୁ ଘଂଟାକୁ ୩/୪ଟା ଅର୍ଡର୍ ବି ଆସୁଥିଲା । ଏବେ କିନ୍ତୁ, ଗୋଟିଏ ଦୁଇଟି ଅର୍ଡର୍ ପାଇ ଗ୍ରାହକଙ୍କ ପାଖରେ ପହଂଚାଉଛନ୍ତି । ଫଳରେ ପ୍ରଭାବିତ ହୋଇଛି ରୋଜଗାର । ତେଣୁ ରେଷ୍ଟୁରାଂଟ କୁକ୍ ବି କହିଲେଣି, କମର୍ସିଆଲ୍ ଗ୍ୟାସ୍ ସଙ୍କଟ ଯୋଗୁ ଦିନେ ଦି'ଦିନ ଭିତରେ ରେଷ୍ଟୁରାଂଟ ବନ୍ଦ ହୋଇଯିବ । କମର୍ସିଆଲ ଗ୍ୟାସ୍ ଅଭାବ ଯୋଗୁ ଚୁଲା ବନ୍ଦ, ଟାଙ୍କି ଫାଙ୍କା । ଭଦ୍ରକରେ ଭରସା ସାଜିଛି କାଠ ଚୁଲା । ଏହି ହୋଟେଲ ଉପରେ ଆଖପାଖ ନର୍ସିଂହୋମ, ମେସରେ ଥିବା କଲେଜ ଛାତ୍ରଛାତ୍ରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆଟେଣ୍ଡାଂଟ ନିର୍ଭର କରନ୍ତି । କିନ୍ତୁ ଗ୍ୟାସ୍ ସଙ୍କଟ ଯୋଗୁ ଏହି ହୋଟେଲରେ ମିଲ୍ ସହ ମେନ୍ୟୁରେ ଆଇଟମ୍ କମିଛି । ତଥାପି ଗ୍ୟାସ ଆସିବା ଯାଏଁ କଷ୍ଟେମଷ୍ଟେ କାଠରେ କାମ ଚଳାଇବେ ଭାବୁଥିଲେ ହୋଟେଲ୍ ମାଲିକ, କିନ୍ତୁ କାଠ କୁଇଂଟାଲ ପିଛା ଦର ୬୦୦ରୁ ୧୧୦୦କୁ ବଢିଥିବାରୁ ଚିନ୍ତା ଘାରିଛି । ସେପଟେ ରନ୍ଧନ ଗ୍ୟାସ୍ ବଦଳରେ ଇଣ୍ଧନକୁ ବିକଳ୍ପ ବାଛିନେଇଥିବା ଗ୍ରାହକଙ୍କ ଭିଡ଼ ବଢ଼ିଛି ବ୍ରହ୍ମପୁର ମାର୍କେଟରେ । ବ୍ୟବସାୟୀ କହିଛନ୍ତି, ଖରାଦିନରେ ଫ୍ୟାନ୍ ବଦଳରେ ବିଦ୍ୟୁତ୍ ଚୁଲାର ଡିମାଣ୍ଡ ଆମକୁ ଚିନ୍ତାରେ ପକାଇଦେଇଛି । LPG ସଙ୍କଟ ଭିତରେ ସାଧାରଣ ଗ୍ରାହକଙ୍କଠୁ ବ୍ୟବସାୟୀଙ୍କ ଯାଏଁ ଅକଳରେ ପଡ଼ିଛନ୍ତି । ଆଉ ଏହି ମଉକାରେ ମାତିଛନ୍ତି କଳାବଜାରୀ । ବରଗଡ ସରସରା ଗାଁର ଏକ ପରିତ୍ୟକ୍ତ ଘରୁ ଯୋଗାଣ ବିଭାଗ ଚଢ଼ାଉ କରି ୨୧ଟି ଗ୍ୟାସ୍ ଭର୍ତି ସିଲିଣ୍ଡର ଜବତ କରିଛି । ତେବେ କିଏ ଓ କାହିଁକି ଗଚ୍ଛିତ ରଖିଥିଲା, ଏଯାଏଁ ଯୋଗାଣ ବିଭାଗ ସ୍ପଷ୍ଟ କରିନି ।

## ନେତାନ୍ୟାହୁଙ୍କୁ ଖୋଜିକି ମାରିବୁ, ପ୍ରତିଶୋଧ ନିଆଁରେ ଜଳୁଛି ଇରାନ ସେନା



ନୂଆଦିଲ୍ଲୀ, ୧୫/୩(ନ୍ୟୁ.ଏ): ମଧ୍ୟପ୍ରାଚ୍ୟରେ ଜାରି ଭୀଷଣ ଯୁଦ୍ଧ ଭିତରେ ଇରାନର ଶକ୍ତିଶାଳୀ ସେନା ସଂଗଠନ ଇସ୍ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍(ଆଇଆରଜିସି) ଏକ ବୟାନ ଜାରି କରିଛି । ଆଇଆରଜିସିର ବୟାନକୁ ନେଇ ପୁରା ଦୁନିଆ ଚିନ୍ତାରେ ବଢିଯାଇଛି । ଆଇଆରଜିସି ପ୍ରତିଜ୍ଞା ନେଇଛି ସେ ନିଜର ସର୍ବୋଚ୍ଚ ନେତାଙ୍କ ମୃତ୍ୟୁ ପ୍ରତିଶୋଧ ନେବା ପାଇଁ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଖୋଜିକି ମାରିବ । ଇରାନୀ ଗାର୍ଡସ ନିଜର ୱେବସାଇଟ୍ ସେପାହ ନ୍ୟୁଜରେ ବୟାନ ଜାରି କରି କହିଛନ୍ତି, ଯଦି ପିଲାଙ୍କ ଜୀବନ ନେଉଥିବା ଅପରାଧୀ ବଂଚିଛି,ତେବେ ଆମେ ପୁରା ଶକ୍ତି ଲଗାଇ ତା'ର ପିଛା କରିବୁ ଓ ତାଙ୍କୁ ମାରିବୁ ।' ଏକ ବାର୍ତାରେ ଆଇଆରଜିସି କମାଣ୍ଡର କହିଛନ୍ତି, ୨୮ ଫେବୃଆରୀରେ ଆୟାତୁଲ୍ଲା ଅଲ୍ଲୀ ଖାମେନେଇଙ୍କ ହତ୍ୟାର ଏକ ଏଭଳି ଅପରାଧ ରହିଛି, ଯାହାର ହିସାବ ନେତାନ୍ୟାହୁଙ୍କୁ ନିଜର ଜୀବନ ଦେଇ ସୁଝିବାକୁ ହେବ । ସେଭଳି ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ ଶନିବାର କହିଛନ୍ତି,ତେହେରାନ ସହ ଯୁଦ୍ଧ ଏପର୍ଯ୍ୟନ୍ତ ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପ୍ରବେଶ କରୁଛି । ସେ ଇରାନର ଖାର୍ଗ ଦ୍ୱୀପରେ ଥିବା ତୈଳ ଆମଦାନୀ କେନ୍ଦ୍ର ଉପରେ ଆମେରିକା ଦ୍ୱାରା କରାଯାଇଥିବା ଆକ୍ରମଣର ପ୍ରଶଂସା କରିଛନ୍ତି, ଯାହାକୁ ୱାଶିଂଟନ୍ ସେନା ଟାର୍ଗେଟ କରିଥିଲା । କାଟଜ୍ ଏକ ସାକ୍ଷାତକାରରେ କହିଛନ୍ତି, ଇରାନ ବିରୋଧରେ ବିଶ୍ୱ ଓ ଆଂଚଳିକ ସଂଘର୍ଷର ନେତୃତ୍ୱ ଆମେରିକା ରାଷ୍ଟ୍ରପତି ଡୋନାଲଣ୍ଡ ଟ୍ରମ୍ପ ଓ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ କରୁଛନ୍ତି । ଏହା ଏବେ ଆହୁରି ଦ୍ରୁତ ଗତିରେ ହେବ ଓ ନିର୍ଣ୍ଣାୟକ ପର୍ଯ୍ୟାୟରେ ପ୍ରବେଶ କରୁଛି । ଏହି ସଂଘର୍ଷ ସେ ପର୍ଯ୍ୟନ୍ତ ଜାରି ରହିବ,ଯେଉଁ ପର୍ଯ୍ୟନ୍ତ ଏହାର ଆବଶ୍ୟକତା ରହିଛି ।'

## ବିବାହ ବନ୍ଧନରେ ବାନ୍ଧିହେଲେ କୁଲଦୀପ-ବଂଶୀକା

ନୂଆଦିଲ୍ଲୀ, ୧୫/୩(ନ୍ୟୁ.ଏ): ଟିମ୍ ଇଣ୍ଡିଆର ଷ୍ଟାର ବୋଲର କୁଲଦୀପ ଯାଦବ ମାର୍ଚ୍ଚ ୧୪ରେ ନୂଆ ଇନିଂସ ଆରମ୍ଭ କରିଛନ୍ତି । ଟିମ୍ ଇଣ୍ଡିଆ ମାର୍ଚ୍ଚ ୮ରେ ଟାଇଟଲ୍ ଜିତିବାର ମାତ୍ର ପାଂଚ ଦିନ ପରେ କୁଲଦୀପ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ।କୁଲଦୀପ ଯାଦବ ମାର୍ଚ୍ଚ ୧୪ ତାରିଖରେ ବିବାହ ବନ୍ଧନରେ ଆବଦ୍ଧ ହେଲେ । ଉତରାଖଣ୍ଡର ପ୍ରସିଦ୍ଧ ହିଲ୍ ଷ୍ଟେସନ୍ ମସୁରୀରେ କୁଲଦୀପ ତାଙ୍କ ପିଲାଦିନର ବନ୍ଧୁ ବଂଶିକା ଚଢାଙ୍କୁ ବହୁତ ଧୁମଧାମରେ ବିବାହ କରିଛନ୍ତି । ଟିମ୍ ଇଣ୍ଡିଆର ଅନେକ ଷ୍ଟାର ଖେଳାଳି ବିବାହ ସମାରୋହରେ ଯୋଗ ଦେଇଛନ୍ତି । ବିଶ୍ୱକପ୍ ଫାଇନାଲରେ ଟିମ୍ ଇଣ୍ଡିଆର ବିଜୟ ପରେ, କୁଲଦୀପ ବିବାହ ପାଇଁ ସିଧାସଳଖ ମସୁରୀ ପହଂଚିଥିଲେ ।ଦୁଇରୁ ତିନି ଦିନର ବିଭିନ୍ନ ରୀତିନୀତି ପରେ, କୁଲଦୀପ ଯାଦବ ମାର୍ଚ୍ଚ ୧୪ ତାରିଖ ଶନିବାର ବିବାହ ଶୋଭାଯାତ୍ରା ସହିତ ପହଂଚି ପତ୍ନୀ ବଂଶିକାଙ୍କୁ ମାଳ ପିନ୍ଧାଇଥିଲେ । ମସୁରୀର ପ୍ରସିଦ୍ଧ ଲଗଜରୀ ହୋଟେଲ 'ଦି ସାଭୋୟ'



ବିବାହ ପାଇଁ ସୁନ୍ଦର ଭାବରେ ସଜାଯାଇଥିଲା । ସେହି ହୋଟେଲ ଯେଉଁଠାରେ ଟିମ୍ ଇଣ୍ଡିଆର ଷ୍ଟାର ଋଷଭ ପନ୍ତଙ୍କ ଭଉଣୀ ମଧ୍ୟ ଗତ ବର୍ଷ ବିବାହ କରିଥିଲେ । କୁଲଦୀପଙ୍କ ବିବାହ ସମାରୋହରେ ବିରାଟ କୋହଲି, ପୀୟୁଷ ଚାୱଲା, ରୋହିତ ଶର୍ମା, ଯଶପ୍ରୀତ ବୁମରା, ସୂର୍ଯ୍ୟକୁମାର ଯାଦବ, ସୁନୀଲ ଗାଭାସ୍କର, ରିଙ୍କୁ ସିଂହ, ତିଲକ ବର୍ମା, ଯୁଜବେନ୍ଦ୍ର ଚହଲ ଏବଂ ସୁରେଶ ରୈନା ବିବାହରେ ଯୋଗ ଦେଇଥିଲେ । ଯୁଜବେନ୍ଦ୍ର ଚହଲ କହିଛନ୍ତି ଯେ ଭାଇ କୁଲଦୀପ ଯାଦବଙ୍କ ବିବାହରେ ବହୁତ ନାଚିବାକୁ ଏବଂ ଭଲ ସମୟ ବିତାଇବାକୁ ଚାହାନ୍ତି । ଷ୍ଟାର ବ୍ୟାଟର ତିଲକ ବର୍ମା କହିଛନ୍ତି ଯେ ପୁଣି କ୍ରିକେଟରେ ଧ୍ୟାନ ଦେବା ପୂର୍ବରୁ କୁଲଦୀପଙ୍କ ବିବାହରେ ବହୁତ ମଜାମସ୍ତି କରିବାକୁ ଚାହାନ୍ତି । ବିବାହର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ମାର୍ଚ୍ଚ ୧୭ରେ ଲକ୍ଷ୍ନୌରେ ଏକ ଭବ୍ୟ ନୈଶ୍ୟ ଭୋଜିର ଆୟୋଜନ ହେବାକୁ ଯାଉଛି । ଏଥିରେ କ୍ରିକେଟ ବ୍ୟତୀତ ରାଜନୀତି ଏବଂ ବ୍ୟବସାୟ ଜଗତର ସେଲିବ୍ରିଟିମାନେ ଯୋଗ ଦେବେ ବୋଲି ଆଶା କରାଯାଉଛି ।

## ଏଫ୍‌ଆଇଏଚ୍ ମହିଳା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ: ଭାରତର ଟାଇଟଲ୍ ସ୍ୱପ୍ନ ଚୁରମାର୍



ହାଇଦ୍ରାବାଦ, ୧୫/୩(ନ୍ୟୁ.ଏ): ଏଫ୍‌ଆଇଏଚ୍ ମହିଳା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଂଟରେ ଭାରତର ଟାଇଟଲ୍ ସ୍ୱପ୍ନ ଚୁରମାର୍ ହୋଇଯାଇଛି । ଶନିବାର ଅନୁଷ୍ଠିତ ଫାଇନାଲ୍ ମୁକାବିଲାରେ ଇଂଲଣ୍ଡ ୨-୦ରେ ଭାରତକୁ ହରାଇ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି । ଏକାଧିକ ପେନାଲ୍‌ଟି ସୁଯୋଗ ହାତଛଡ଼ା କରିବା ଆୟୋଜକ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା । ପୂର୍ବରୁ ଉଭୟ ଇଂଲଣ୍ଡ ଓ ଭାରତ ସେମି ଫାଇନାଲ୍‌ରେ ପହଂଚି ବିଶ୍ୱକପ୍ ଟିକେଟ୍ ହାସଲ କରି ସାରିଥିଲେ । ଭାରତର ଷ୍ଟାର୍ ଖେଳାଳି ନଭନୀତ କୌର ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଂଟ ବିବେଚିତ ହୋଇଥିଲେ । ଭାରତ-ଇଂଲଣ୍ଡ ମ୍ୟାଚ୍ ରୋମାଂଚପୂର୍ଣ୍ଣ ହୋଇଥିଲା । ପ୍ରଥମ କ୍ୱାର୍ଟର ଆରମ୍ଭରୁ ଭାରତ ଜୋରଦାର ଆକ୍ରମଣ କରି ଦ୍ୱିତୀୟ ମିନିଟ୍ରେ ପେନାଲ୍ଟି ସୁଯୋଗ ସୃଷ୍ଟି କରିଥିଲା । ମାତ୍ର ଏହା ବିଫଳ ଯାଇଥିଲେ ହେଁ ରିଭ୍ୟୁରେ ପୁନଃ ଦଳକୁ ପେନାଲ୍ଟି ମିଳିଥିଲା । ହେଲେ ଏଥିରେ ମଧ୍ୟ ଦଳ ଗୋଲ୍ କରିବାରେ ବିଫଳ ହୋଇଥିଲା । ଇଂଲଣ୍ଡ ୧୩ମିନିଟ୍ରେ ପ୍ରଥମ ପେନାଲ୍ଟି ପାଇଥିଲା ଏବଂ ଗ୍ରେସ୍ ବାଲ୍ସଡନ ଏହାକୁ ଗୋଲ୍ ରୂପ ଦେବାରେ ଅବହେଳା କରିନଥିଲେ । ଇଂଲଣ୍ଡ ୧-୦ରେ ଆଗେଇ ଥିଲା । ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା । ଏହି ଭାଗରେ ମଧ୍ୟ ଭାରତ ୨ଟି ପେନାଲ୍ଟି ସୁଯୋଗ ପାଇଥିଲା । ତୃତୀୟ କ୍ୱାର୍ଟରରେ ଭାରତ ଆକ୍ରମଣକୁ ତୀବ୍ରତର କରି ଏକାଧିକ ସୁଯୋଗ ସୃଷ୍ଟି କରିଥିଲା । ହେଲେ ଖାତା ଖୋଲି ପାରିନଥିଲା । ଅନ୍ୟ ପଟରେ ଇଂଲଣ୍ଡ ୪୩ମିନିଟ୍ରେ ଦ୍ୱିତୀୟ ଗୋଲ୍ କରି ମ୍ୟାଚ୍କୁ ନିଜ ନିୟନ୍ତ୍ରଣକୁ ନେଇଥିଲା । ଏଲିସାବେଥ ନିଲ ଏହି ଗୋଲ୍ଟି ସ୍କୋର କରିଥିଲେ । ଚତୁର୍ଥ କ୍ୱାର୍ଟରରେ ଆୟୋଜକ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଟିଏ ବି ଗୋଲ୍ ପରିଶୋଧ କରିନପାରି ଶେଷରେ ୦-୨ରେ ପରାଜିତ ହୋଇଥିଲା ।

## ଭାରତରୁ ୪୫ ହଜାର ଟନ୍ ଡିଜେଲ୍ କିଣିବ ବାଂଲାଦେଶ

ନୂଆଦିଲ୍ଲୀ, ୧୫/୩ (ଆ.ପ୍ର) : ବାଂଲାଦେଶ ଏହାର ଇନ୍ଧନ ଆବଶ୍ୟକତା ପୂରଣ ପାଇଁ ଭାରତରୁ ୪୫ ହଜାର ଟନ୍ ଡିଜେଲ ଆମଦାନୀ କରିବାକୁ ନିଷ୍ପତି ନେଇଛି । ଏପ୍ରିଲ ସୁଦ୍ଧା ଭାରତରୁ ଏହି ଡିଜେଲ ବାଂଲାଦେଶରେ ପହଂଚିବ । ଏଥିରୁ ପ୍ରଥମ ଦଫାରେ ୫ ହଜାର ଟନ୍ ଡିଜେଲ ପହଂଚି ସାରିଛି । ଦ୍ୱିତୀୟ ପର୍ଯ୍ୟାୟ ଡିଜେଲ ୧୮ କିମ୍ବା ୧୯ ତାରିଖ ସୁଦ୍ଧା ପହଂଚିବ ବୋଲି ଆଶା କରାଯାଉଛି । ବାଂଲାଦେଶ ପେଟ୍ରୋଲିୟମ କର୍ପୋରେସନ (ବିପିସି)ର ଜେନେରାଲ ମ୍ୟାନେଜର (ଅପରେସନ୍ସ) ମହମ୍ମଦ ମୁର୍ସିଦ ହୁସେନ ଆଜାଦଙ୍କ କହିବାନୁଯାୟୀ, ୪୦ ହଜାର ଟନ୍ ଅତିରିକ୍ତ ଡିଜେଲ ଆମଦାନୀ ପ୍ରସ୍ତାବ ମିଳିସାରିଛି । ଲେଟର ଅଫ୍ କ୍ରେଡିଟ୍ ଓ ଅନ୍ୟ ଆନୁଷ୍ଠାନିକତା ଶେଷ ହେବା ପରେ ଏପିଲ ଭିତରେ ଏସବୁ



ତେଲ ଆସିଯିବ । ଭାରତ ଏବଂ ବାଂଲାଦେଶ ମଧ୍ୟରେ ଡିଜେଲ ଯୋଗାଣକୁ ସହଜ କରିବା ପାଇଁ ୨୦୨୩ରେ ଭାରତ-ବାଂଲାଦେଶ ଫ୍ରେଣ୍ଡସିପ୍ ପାଇପଲାଇନ୍ (ଆଇବିଏଫ୍‌ପି)ର ଉଦ୍‌ଘାଟନ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବାଂଲାଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ ହସିନା ଏହାକୁ ଆଭାସୀ ଜରିଆରେ ଉଦ୍‌ଘାଟନ କରିଥିଲେ । ଏହା ପୂର୍ବରୁ ରେଳ ଯୋଗେ ଡିଜେଲ ଯୋଗାଣ ହେଉଥିଲା । ଏଥିପାଇଁ ଉଭୟ ସମୟ ଓ ଖର୍ଚ୍ଚ ଅଧିକ ପଡୁଥିଲା । ତେବେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଚାଲିଥିବା ଅନ୍ତରୀଣ ସରକାର ସମୟରେ ଏହି ପାଇପଲାଇନରେ ଯୋଗାଣ ବନ୍ଦ କରି ଦିଆଯାଇଥିଲା । ନିର୍ବାଚନରେ ବାଂଲାଦେଶର ନୂଆ ପ୍ରଧାନମନ୍ତ୍ରୀ ତାରିକ ରହମାନ ହେବା ପରେ ଡିଜେଲ ଯୋଗାଣ ପୁଣି ଆରମ୍ଭ ହୋଇଛି । ଭାରତରୁ ଉକ୍ତ ଡିଜେଲ୍ ନୁମାଲିଗଡ଼ ରିଫାଇନାରି ଲିମିଟେଡ୍‌ରୁ ସିଧା ବାଂଲାଦେଶର ପାର୍ବତୀପୁର ଡିପୋକୁ ପଠାଯିବ । ଏହି ପାଇପଲାଇନର ଲମ୍ବ ୧୩୧.୫ କିମି । ସେଥିରୁ ୫ କିମି ଭାରତରେ ଥିବାବେଳେ ୧୨୬.୫ କିମି ବାଂଲାଦେଶରେ ରହିଛି ।

## ୨୨ ଭାରତୀୟ ଜାହାଜ ହର୍ମୁଜ୍‌ରେ ଅଟକି ରହିଛି




ତେହେରାନ, ୧୫/୩(ନ୍ୟୁ.ଏ): ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁଁ ବଢୁଥିବା ଉତେଜନା ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ଭାରତ ମଧ୍ୟ ପ୍ରଭାବିତ ହୋଇଛି । ବିଶେଷକରି, ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ ବାଧାପ୍ରାପ୍ତ ହେବା ଯୋଗୁଁ ଶକ୍ତି କ୍ଷେତ୍ର ଗୁରୁତର ଭାବରେ ପ୍ରଭାବିତ ହୋଇଛି । ସମ୍ପ୍ରତି ଇରାନ କିଛି ଭାରତୀୟ ଜାହାଜକୁ ହର୍ମୁଜ୍ ଦେଇ ଯିବାକୁ ଅନୁମତି ଦେଇଥିଲା । ବର୍ତମାନ, ଏହା ରିପୋର୍ଟ କରାଯାଉଛି ଯେ ଭାରତକୁ ଆସୁଥିବା ୨୨ଟି ଜାହାଜ ହର୍ମୁଜ୍ ପ୍ରଣାଳୀ ନିକଟରେ ଫସି ରହିଛି । ସେମାନଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବା ପାଇଁ କୂଟନୈତିକ ପ୍ରୟାସ ଜୋରଦାର୍ କରାଯାଇଛି । ଏହି ଜାହାଜ ମଧ୍ୟରୁ ଛଅଟିରେ ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ (ଏଲ୍‌ପିଜି) ପରିବହନ କରାଯାଉଛି । ସେହିପରି ଚାରୋଟି ଜାହାଜରେ ଅଶୋଧିତ ତେଲ ରହିଛି । ରିପୋର୍ଟ ଅନୁଯାୟୀ, ଭାରତ ସରକାର ହର୍ମୁଜ୍ ପ୍ରଣାଳୀର ପଶ୍ଚିମରେ ଫସି ରହିଥିବା ୨୨ଟି ଭାରତୀୟ ଜାହାଜ ପାଇଁ ସୁରକ୍ଷିତ ପଥ ସୁନିଶ୍ଚିତ କରିବା ଲାଗି କୂଟନୈତିକ ପ୍ରୟାସକୁ ଜୋରଦାର କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ କହିଛି, ଶକ୍ତି ଯୋଗାଣ ବାଧାପ୍ରାପ୍ତ ନହେବା ଏବଂ ଭାରତୀୟ ଜାହାଜଗୁଡ଼ିକ ସୁରକ୍ଷିତ ଭାବରେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଂଚିପାରିବେ ତାହା ନିଶ୍ଚିତ କରିବା ପାଇଁ ଭାରତ ଏହି ଅଂଚଳର ଅନେକ ଦେଶ ସହିତ ଯୋଗାଯୋଗରେ ଅଛି । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ଭାରତ ପଶ୍ଚିମ ଏସିଆର ଦେଶଗୁଡ଼ିକ ସହିତ ନିରନ୍ତର ଯୋଗାଯୋଗ ବଜାୟ ରଖିଛି । ଭାରତର ପ୍ରାଥମିକତା ହେଉଛି ଶକ୍ତି ସୁରକ୍ଷା ଏବଂ ସାମୁଦ୍ରିକ ମାର୍ଗର ସୁରକ୍ଷିତ ପରିବହନ ସୁନିଶ୍ଚିତ କରିବା । ଏଥିପାଇଁ, ଗଲ୍ଫ ସହଯୋଗ ପରିଷଦ (ଜିସିସି) ଦେଶଗୁଡ଼ିକ ସହିତ ଇରାନ, ଆମେରିକା ଏବଂ ଇସ୍ରାଏଲର ଆଲୋଚନା ଚାଲିଛି ।













Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das